R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୬୧
ତିଥି : ତ୍ରୟୋଦଶୀ
୧୭ ମାର୍ଚ୍ଚ ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 161
17 March 2026, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଏସ୍‌ସିବି ଅଗ୍ନିକାଣ୍ଡ
# ୧୦ ରୋଗୀ ଜୀବନ୍ତ ଦଗ୍ଧ



କଟକ, ୧୬ ।୩ (ସବ୍ୟୁ) : ରାଜ୍ୟର ସବୁଠାରୁ ଭରସା ଯୋଗ୍ୟ ଚିକିତ୍ସା କେନ୍ଦ୍ର ଏସସିବିରେ ଘଟିଛି ଛାତିଥରା ଭୟାବହ ଅଗ୍ନିକାଣ୍ଡ । ରାଜ୍ୟର ସର୍ବ ବୃହତ ଓ ପ୍ରାଚୀନ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲରେ ରବିବାର

- ଚିକିତ୍ସାଧୀନ ଅବସ୍ଥାରେ ଆଉ ୨ ମୃତ, ମୃତ୍ୟୁ ସଂଖ୍ୟା ୧୨
- ଫେଲ୍ ମାରିଲା ଆଭ୍ୟନ୍ତରୀଣ ଅଗ୍ନି ନିର୍ବାପକ ବ୍ୟବସ୍ଥା
- ସ୍ପ୍ରିଙ୍କଲର୍ ଓ ଫାୟାର୍ ଏକ୍ସଟିଙ୍ଗୁଇସର୍ ଅକାମୀ
- ୮ ଗୁରୁତର ଆହତଙ୍କ ଚାଲିଛି ଚିକିତ୍ସା
- ଅଗ୍ନି ନିରାପତ୍ତା ପ୍ରମାଣପତ୍ରକୁ ନେଇ ପ୍ରଶ୍ନବାଚୀ
- ବିଦ୍ୟୁତ୍ ସର୍ଟ ସର୍କିଟ୍ ଅଗ୍ନିକାଣ୍ଡର କାରଣ

ବିଳମ୍ବିତ ରାତ୍ରିରେ ଅଗ୍ନିକାଣ୍ଡ ଘଟି ୧୦ ଜଣ ରୋଗୀ ଶୋଇଥିବା ଅବସ୍ଥାରେ ଜୀବନ୍ତ ଦଗ୍ଧ ହୋଇଛନ୍ତି ।

ଏଭଳି ଘଟଣା ରାଜ୍ୟ ଇତିହାସରେ ପ୍ରଥମ କୁହାଯାଉଥିବା ବେଳେ ସମଗ୍ର ଓଡ଼ିଶା ସ୍ତବ୍ଧ ହୋଇଯାଇଛି । ରାତି ୨ଟା ୫୮ରେ ଏସ୍‌ସିବି ଟ୍ରମା ଆଇସିୟୁରେ ହଠାତ୍ ନିଆଁ ଲାଗିଯାଇଥିଲା । ମେଡିକାଲର ଆଭ୍ୟନ୍ତରୀଣ ଅଗ୍ନି ନିର୍ବାପକ ବ୍ୟବସ୍ଥା ଆଦୌ କାମ ଦେଇନଥିଲା । ଯାହାଫଳରେ ନିଆଁ ପ୍ରକୋପ ପ୍ରବଳରୁ ଅତି ପ୍ରବଳ ହୋଇ ତମାମ ଟ୍ରମା ଆଇସିୟୁକୁ ଗ୍ରାସ କରିଥିଲା । ଏହି ଅଘଟଣରେ ୫ଜଣ ରୋଗୀ ସଂକଟାପନ୍ନ ଥିବା ବେଳେ ସେମାନଙ୍କ ଚିକିତ୍ସା ଜାରି ରହିଛି । ଟ୍ରମା ଆଇସିୟୁରେ ସମୁଦାୟ ୨୩ଜଣ ଗୁରୁତର ରୋଗୀ ଚିକିତ୍ସିତ ହେଉଥିଲେ । ତନ୍ମଧ୍ୟରୁ ୧୦ମୃତ, ୫ ସଂକଟାପନ୍ନ ଏବଂ ୮ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ଗୁରୁତର ଆହତଙ୍କ ମଧ୍ୟରେ କେତେକ ଆଇସିୟୁ କର୍ମଚାରୀ ରହିଥିବା ସୂଚନା ମିଳିଛି । ମୃତକମାନେ ହେଲେ ଚୌଦ୍ୱାରର ରମେଶ ଚନ୍ଦ୍ର ପରିଡା(୪୫), କେନ୍ଦୁଝରର ଦାଶରୁ ମୁଣ୍ଡା(୬୫), ଭୁବନେଶ୍ୱର ଡୁମ୍‌ଡୁମାର ଏମ୍ ଡି ନୟୁମ(୩୫), କଟକ ମାହାଙ୍ଗା ଅଞ୍ଚଳର ଗୌରାଙ୍ଗ ଚନ୍ଦ୍ର ବାରିକ(୪୦), ବାଲେଶ୍ୱରର ମଧୁସୂଦନ ଦଳାଇ(୫୬), କେନ୍ଦ୍ରାପଡ଼ା ମାର୍ଶାଘାଇ ( ୯ ପୃଷ୍ଠାରେ)

## ଜିଲ୍ଲା ଜଜ୍ ଲକ୍ଷ୍ମୀଧର ବିଶ୍ୱାଳଙ୍କ ଅଧକ୍ଷତାରେ ତଦନ୍ତ କମିଟି

ଭୁବନେଶ୍ୱର, ୧୬ ।୩ (ସବ୍ୟୁ) : କଟକ ଏସ୍‌ସିବି ଟ୍ରମାକେୟାର ଆଇସିୟୁରେ ହୋଇଥିବା ଅଗ୍ନିକାଣ୍ଡ ଘଟଣାର ବିଚାର ବିଭାଗୀୟ ତଦନ୍ତ ଲାଗି ବିଜ୍ଞପ୍ତି ପ୍ରକାଶ ପାଇଛି ।

ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଅବସରପ୍ରାପ୍ତ ଜିଲ୍ଲାଜଜ୍ ଲକ୍ଷ୍ମୀଧର ବିଶ୍ୱାଳଙ୍କ ଅଧକ୍ଷତାରେ ତଦନ୍ତ କମିଟି ଗଠନ କରାଯାଇଛି । ଏହି କମିଟି ୬୦ ଦିନ ମଧ୍ୟରେ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇବାର ରିପୋର୍ଟ ଦେବ । ବିଶେଷକରି କିଭଳି ଅଗ୍ନିକାଣ୍ଡ ଘଟିଲା, ଏଥିରେ କାହାର ଭୂମିକା ଓ କିଏ ଉତ୍ତରଦାୟୀ, ଆଗକୁ ଏହି ଘଟଣା ନ ଘଟିବା ପାଇଁ କ'ଣ ପ୍ରସ୍ତୁତି ରହିବ ସେ ନେଇ ସୁପାରିଶ କରିବେ । କମିଶନଙ୍କର ମୁଖ୍ୟାଳୟ କଟକରେ ରହିବ ।

### ଘଟଣାସ୍ଥଳକୁ ଗଲେ ମୁଖ୍ୟମନ୍ତ୍ରୀ
## ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର, ୧୬ ।୩ (ସବ୍ୟୁ) : ଏସସିବି ମେଡିକାଲ ଟ୍ରମା କେଆର୍ ଆଇସିୟୁ ରେ ଘଟିଥିବା ଦୁଃଖଦ ଅଗ୍ନିକାଣ୍ଡ ଘଟଣା ସମ୍ପର୍କ ରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

- ମୃତକଙ୍କ ଆତ୍ମୀୟଙ୍କୁ ୨୫ ଲକ୍ଷ ଲେଖାଏଁ ସହାୟତା
- ଆହତମାନଙ୍କୁ ଚିକିତ୍ସା ସୁବିଧା ଲାଗି ନିର୍ଦ୍ଦେଶ



ଗଭୀର ଦୁଃଖ ପ୍ରକାଶ କରିବା ସହିତ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି ।

ଏହି ଅଗ୍ନିକାଣ୍ଡ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅଗ୍ନିକାଣ୍ଡରେ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବାସହ ଅନ୍ୟ ରୋଗୀ ମାନଙ୍କୁ ତୁରନ୍ତ ଉପଯୁକ୍ତ ସ୍ଥାନକୁ ସ୍ଥାନାନ୍ତରିତ କରି ଚିକିତ୍ସା ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ଏଥି ସହ ଅଗ୍ନିକାଣ୍ଡ ( ୯ ପୃଷ୍ଠାରେ)

### ଏସ୍‌ସିବି ଅଗ୍ନିକାଣ୍ଡ ଘଟଣା
## ଉନ୍ନୟନ କମିଶନଙ୍କ ଅଧକ୍ଷତାରେ ୬ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

ଭୁବନେଶ୍ୱର, ୧୬ ।୩ (ସବ୍ୟୁ) : କଟକ ଏସ୍.ସି.ବି ମେଡିକାଲ କଲେଜ ଓ ହସ୍ପିଟାଲରେ ଘଟିଯାଇଥିବା ଦୁର୍ଭାଗ୍ୟଜନକ ଅଗ୍ନିକାଣ୍ଡ ଏବଂ ଏଥିପାଇଁ ରୋଗୀମାନଙ୍କ ମୃତ୍ୟୁ ଯୋଗୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିଛନ୍ତି। କେଉଁ କାରଣରୁ ଏଭଳି ଦୁର୍ଭାଗ୍ୟଜନକ ଅଗ୍ନିକାଣ୍ଡ ଘଟିଲା ଏହି ଟିମ୍ ତାହାର ଅନୁସନ୍ଧାନ କରିବ।

ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂହଙ୍କୁ ଏହି କମିଟିର ଅଧକ୍ଷ ଭାବେ ନିଯୁକ୍ତି କରାଯାଇଛି। ଏହାର ସଦସ୍ୟମାନେ ହେଲେ ଅଗ୍ନିଶମ ବିଭାଗର ଆଇ.ଜି ଡଃ ଉମାଶଙ୍କର ଦାଶ, ଚିଫ୍ ଇଲେକ୍ଟ୍ରିକାଲ ( ୯ ପୃଷ୍ଠାରେ)

## ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୧୬ ।୩ (ସବ୍ୟୁ) : କଟକ ଏସସିବି ମେଡିକାଲ କଲେଜରେ ଘଟିଥିବା ଅଭାବନୀୟ ଦୁର୍ଘଟଣା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୋ ସହ ଟେଲିଫୋନ ଯୋଗେ କଥା ହୋଇ ବିସ୍ତୃତ ଆଲୋଚନା କରିଛନ୍ତି । ସମସ୍ତ ପ୍ରଭାବିତଙ୍କ ପାଇଁ ଗ୍ରହଣ କରାଯାଇଥିବା ଜରୁରୀକାଳୀନ ପଦକ୍ଷେପ, ସ୍ଥାନାନ୍ତର ପ୍ରକ୍ରିୟା ଏବଂ ସେମାନଙ୍କୁ ଯୋଗାଇ ଦିଆଯାଉଥିବା ସ୍ୱତନ୍ତ୍ର ଚିକିତ୍ସା ସେବା ସମ୍ପର୍କରେ ମୁଁ ତାଙ୍କୁ ଅବଗତ କରାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ଉଚ୍ଚସ୍ତରୀୟ ବିଚାର ( ୯ ପୃଷ୍ଠାରେ)

## ରାଜ୍ୟସଭାକୁ ଗଲେ ମନମୋହନ, ସୁଜିତ୍, ଦିଲ୍ଲୀପ, ସଂତୃପ୍ତ

ଭୁବନେଶ୍ୱର,୧୬।୩,(ସବ୍ୟୁ) : ବହୁ ଅପେକ୍ଷିତ ରାଜ୍ୟସଭା ନିର୍ବାଚନ ଫଳ ପ୍ରକାଶ ପାଇଛି। ବିଜେପିର ମନମୋହନ ସାମଲ, ସୁଜିତ କୁମାର ବିଜୟୀ ହୋଇଥିବା ବେଳେ ବିଜେପି ସମର୍ଥନରେ ନିର୍ବାଚନ ଲଢ଼ିଥିବା ଦିଲ୍ଲୀପ ରାୟ ମଧ୍ୟ ନିର୍ବାଚିତ ହୋଇଛନ୍ତି । ବିଜେଡି ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ବିଜୟୀ ହୋଇଥିବା ବେଳେ ବିଜେଡି ଓ କଂଗ୍ରେସ ସମର୍ଥନ କରୁଥିବା ଦତ୍ତେଶ୍ୱର ହୋତା ପରାଜୟ ବରଣ କରିଛନ୍ତି । ତେବେ ଆଜି ରାତିରେ ରାଜ୍ୟସଭାକୁ ଜିଣିଥିବା ୪ ପ୍ରାର୍ଥୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଛି ।



ରାଜ୍ୟସଭା ନିର୍ବାଚନ ଲାଗି ଆଜି ରାଜନୈତିକ ବାତାବରଣ ବେଶ ଉଷ୍ମ ହେବାରେ ଲାଗିଥିଲା । ଉଭୟ କଂଗ୍ରେସ ଓ ବିଜେଡିରୁ ମୋଟ୍ ୧୧ ଜଣ କ୍ରସ ଭୋଟିଂ କରିଛନ୍ତି । ବିଜେଡିରୁ ୮ ଓ କଂଗ୍ରେସରୁ ୩ ବିଧାୟକ କ୍ରସ ଭୋଟିଂ କରିଥିବା ଦଳ ପକ୍ଷରୁ ସ୍ପଷ୍ଟ କରାଯାଇଛି । ପୂର୍ବାହ୍ନ ୯ଟାରୁ ଭୋଟିଂ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଭୋଟ୍ ଚାଲିଥିଲା । ସନ୍ଧ୍ୟା ୫ଟାରେ ଭୋଟ୍ ଗଣତି ଆରମ୍ଭ ହୋଇଥିଲା । ତେବେ ବିଜେପି ପ୍ରାର୍ଥୀ ମନମୋହନ ସାମଲ ଓ ସୁଜିତ କୁମାର ୩୫ ଲେଖାଏଁ ପ୍ରଥମ ପସନ୍ଦ ଭୋଟ ପାଇଥିଲା ବେଳେ ବିଜେଡ଼ି ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ୩୧ ପ୍ରଥମ ପସନ୍ଦ ଭୋଟ୍ ପାଇଥିଲେ । ସେହିଭଳି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀ ରାୟ ୨୩ ଭୋଟ୍ ପାଇଥିବା ବେଳେ ବିଜେଡି ଓ କଂଗ୍ରେସ ପ୍ରାର୍ଥୀ ୨୩ ଭୋଟ୍ ପାଇଥିଲେ । ତେବେ ରାଜ୍ୟସଭା ନିର୍ବାଚନରେ ଥିବା ଭୋଟ୍ ଅଙ୍କରେ ଦତ୍ତେଶ୍ୱର ହୋତା ହାରି ଯାଇଥିଲେ । ମନମୋହନ ସାମଲଙ୍କୁ ୩୫୦୦ ଭୋଟ୍ ମିଳିଥିବା ବେଳେ ସୁଜିତ କୁମାର ୩୫୦୦, ସନ୍ତୃପ୍ତ ମିଶ୍ର ୩୧୦୦, ଦିଲ୍ଲୀପ ରାୟ ୩୪୧୮ ଓ ଦତେଶ୍ୱର ହୋତା ୨୩୦୦ ଭୋଟ୍ ପାଇଥିଲେ । ଦ୍ୱିତୀୟ ପସନ୍ଦ ଭୋଟକୁ ହିସାବ କରାଯାଇ ଦିଲ୍ଲୀପ ରାୟଙ୍କୁ ବିଜୟ ଘୋଷଣା କରାଯାଇଥିଲା । ଏହି ବିଜୟ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଜେପିର ନିର୍ବାଚିତ ପ୍ରାର୍ଥିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଅପରପକ୍ଷରେ ବିଜେଡି ସଭାପତି ( ୯ ପୃଷ୍ଠାରେ)

- ହାରିଗଲେ ବିଜେଡି-କଂଗ୍ରେସର ମିଳିତ ପ୍ରାର୍ଥୀ ଦତ୍ତେଶ୍ୱର
- ଉପାସନାଙ୍କୁ ଦ୍ୱିତୀୟ ବାଲାଟ ପ୍ରଦାନ ନେଇ ବିବାଦ
- ନବ ମଲ୍ଲିକଙ୍କୁ ଭିଡ଼ିନେଲେ ବିଜେପି ସମର୍ଥକ
- କଂଗ୍ରେସ-ବିଜେଡି ମେଣ୍ଟକୁ ଶକ୍ତ ଧକ୍କା

## ବିଜେଡିରୁ ୮, କଂଗ୍ରେସରୁ ୩ ବିଧାୟକଙ୍କ କ୍ରସ୍ ଭୋଟିଂ

ଭୁବନେଶ୍ୱର, ୧୬।୩ (ସବ୍ୟୁ) : ରାଜ୍ୟସଭା ନିର୍ବାଚନ ବେଶ୍ ରୋଚକ ହୋଇଛି । ବିଜେଡିରୁ ୮ ବିଧାୟକ ଓ କଂଗ୍ରେସରୁ ୩ ବିଧାୟକ କ୍ରସ ଭୋଟିଂ କରିଛନ୍ତି । ଏମାନେ ଦଳର ନିଷ୍ପତ୍ତି ମାନିନଥିବା ଦଳ ପକ୍ଷରୁ କୁହାଯାଇଛି । ବିଧାୟକଙ୍କ କ୍ରସ୍ ଭୋଟିଂ ଯୋଗୁ ବିରୋଧୀ ବିଜେଡି ଓ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଦତ୍ତେଶ୍ୱର ହୋତା ନିର୍ବାଚନ ହାରିଯାଇଛନ୍ତି । ଅପରପକ୍ଷରେ ବିଜେପି ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ଦିଲ୍ଲୀପ ରାୟ ବହୁ ଭୋଟ୍‌ରେ ନିର୍ବାଚନ ଜିତିଛନ୍ତି । ଯେଉଁ ୧୧ ବିଧାୟକ କ୍ରସ୍ ଭୋଟିଂ କରିଛନ୍ତି ସେମାନେ ସମସ୍ତେ ଦିଲ୍ଲୀ ରାୟଙ୍କୁ ଭୋଟ୍ ଦେଇଛନ୍ତି ।



ରାଜ୍ୟସଭା ନିର୍ବାଚନରେ ବିଜେଡିର ଏଜେଣ୍ଟ ଥିବା ପ୍ରତାପ ଦେବ୍ ସ୍ପଷ୍ଟ କରିଛନ୍ତି ଯେ ୮ ବିଧାୟକ ବିଜେଡିର କ୍ରସ୍ ଭୋଟିଂ କରିଛନ୍ତି । ସେମାନଙ୍କ ମଧ୍ୟରେ ଅଛନ୍ତି ଦଳରୁ ନିଲମ୍ବିତ ହୋଇଥିବା ବିଧାୟକ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ । ଏହାଛଡା ବିଧାୟିକା ସୁବାସିନୀ ଜେନା, ନବ ମଲ୍ଲିକ, ସୌଭିକ୍ ବିଶ୍ୱାଳ, ରମାକାନ୍ତ ଭୋଇ, ଚକ୍ରମଣି କହଁର ଓ ଦେବୀ ରଞ୍ଜନ ତ୍ରିପାଠୀ ଦଳର ନିଷ୍ପତ୍ତିକୁ ଅବମାନନା କରି କ୍ରସ୍ ଭୋଟିଂ କରିଛନ୍ତି । ସେମାନେ ଭୋଟିଂ କରିବା ପରେ ବିଜେଡି ଏଜେଣ୍ଟଙ୍କୁ ସେମାନଙ୍କ ଭୋଟ୍ ଦେଖାଇଥିଲେ । ମାତ୍ର ରାଜ୍ୟସଭାରେ ହ୍ୱିପ୍ ନାହିଁ ବୋଲି କହି ନିର୍ବାଚନ ଅଧିକାରୀ ସେମାନଙ୍କ ଭୋଟ୍‌କୁ ବୈଧ ସାବ୍ୟସ୍ତ କରିଥିଲେ ।

ସେହିଭଳି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ଦଳର ୩ ବିଧାୟକ କ୍ରସ୍ ଭୋଟିଂ କରିଛନ୍ତି । ସେମାନଙ୍କ ମଧ୍ୟରେ ଅଛନ୍ତି ସୋଫିଆ ଫିର୍ଦ୍ଦୋଶ, ରମେଶ ଜେନା ଓ ଦାଶରଥୀ ଗମାଙ୍ଗ । ତେବେ ଭୋଟ୍ ଦେବାପରେ ରମେଶ ଜେନା ଗଣମାଧ୍ୟମକୁ କହିଥିଲେ ଯେ ଯାହାକୁ ଭୋଟ୍ ଦେବାକଥା ତାହାକୁ ଦେଇଛି । ଦାଶରଥୀ ଗମାଙ୍ଗ କହିଥିଲେ ଯେ ପ୍ରାର୍ଥୀଙ୍କୁ ଚିହ୍ନି ନାହିଁ, ଦଳୀୟ ସଭାପତି ଯେଉଁଠି କହିଲେ ସେଇଠି ଦେଇଛି । ତେବେ ଭୋଟ୍ କାହାକୁ ଦେଇଛନ୍ତି ସେ ସମ୍ପର୍କରେ ସୋଫିଆ ଫିର୍ଦ୍ଦୋଶ ଗଣମାଧ୍ୟମକୁ ସୂଚନା ଦେଇନଥିଲେ । ବିଜେଡିରୁ କ୍ରସ୍ ଭୋଟିଂ କରିଥିବା ଦେବୀ ରଞ୍ଜନ ତ୍ରିପାଠୀ କହିଛନ୍ତି ଯେ କଂଗ୍ରେସ ସହ ମେଣ୍ଟ ଯୋଗୁ ସେ ଏଭଳି ନିଷ୍ପତ୍ତି ନେଇଛନ୍ତି । ବିଜେଡି ଅଣକଂଗ୍ରେସ ଆଦର୍ଶରେ ଗଠନ କରାଯାଇଥିଲା । ମାତ୍ର କଂଗ୍ରେସ ସହ ମେଣ୍ଟ ବେଳେ ଆଲୋଚନା କରାଯାଇନାହିଁ । ତାଙ୍କ ବାପା ପ୍ରଭାତ ତ୍ରିପାଠୀ ଦଳ ପାଇଁ ଅନେକ କିଛି କରିଛନ୍ତି । ହେଲେ ତାଙ୍କୁ ବହିଷ୍କାର କରାଗଲା । ସୌଭିକ୍ ବିଶ୍ୱାଳ ମଧ୍ୟ ବାପାଙ୍କ ଅପମାନର ପ୍ରତିଶୋଧ ନେଇଛନ୍ତି ବୋଲି କହିଛନ୍ତି । ତେବେ ଗଣମାଧ୍ୟମରେ ବିଜେଡିକୁ ଭୋଟ୍ ଦେଇଥିବା କହିଥିବା ସୁବାସିନୀ ଜେନା ପ୍ରକୃତପକ୍ଷେ କ୍ରସ୍ ଭୋଟିଂ କରିଛନ୍ତି । କ୍ରସ୍ ଭୋଟିଂ ଯୋଗୁ ବିଜେଡି ଓ କଂଗ୍ରେସ ମଧ୍ୟରେ ପ୍ରଥମ ଥର ଲାଗି ହୋଇଥିବା ମେଣ୍ଟକୁ ବେଶ୍ ଝଟ୍‌କା ଲାଗିଛି ।

## ନୀତିଶ, ନୀତିନ ନବୀନଙ୍କ ସହ ଏନ୍‌ଡିଏର ୫ ପ୍ରାର୍ଥୀ ଜିତିଲେ

ନୂଆଦିଲ୍ଲୀ, ୧୬ ।୩ : ରାଜ୍ୟସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନଡିଏର ବଡ଼ ବିଜୟ। ବିହାରର ସମସ୍ତ ୫ ରାଜ୍ୟସଭା ଆସନକୁ ପୋଛି ନେଇଛି ଏନଡିଏ । ମେଣ୍ଟ ପାଖରେ ୪ଟି ଆସନ ଜିତିବା ପାଇଁ ଆବଶ୍ୟକ ସଂଖ୍ୟା ରହିଥିଲା । କିନ୍ତୁ ବିରୋଧୀ ମେଣ୍ଟରେ ଥିବା ଅନ୍ତଃକନ୍ଦଳ ଯୋଗୁ ଏବେ ଏନଡିଏ ୫ଟି କ ରାଜ୍ୟସଭା ଆସନରେ ବାଜିମାତ କରିଛି ।

ବିହାରରୁ ରାଜ୍ୟସଭାକୁ ମନୋନୀତ ହୋଇଥିବା ୫ ଜଣଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ନୀତୀନ ନବୀନ ରହିଛନ୍ତି । ଏହି ଦୁଇ ଜଣଙ୍କ ବ୍ୟତୀତ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା ମୁଖ୍ୟ ଉପେନ୍ଦ୍ର କୁଶୱା, କେନ୍ଦ୍ରମନ୍ତ୍ରୀ ରାମନାଥ ଠାକୁର ଓ ବିଜେପିର ରାଜ୍ୟ ସାଧାରଣ ସମ୍ପାଦକ ଶିବେଶ କୁମାର ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି ।

ଜେଡିୟୁର ବରିଷ୍ଠ ନେତା ଶ୍ରୀ ଠାକୁର କ୍ରମାଗତ ତୃତୀୟ ଥର ପାଇଁ ରାଜ୍ୟସଭାକୁ ଯାଇଥିବା ବେଳେ ଶିବେଶ କୁମାର ପ୍ରଥମଥର ପାଇଁ ସଂସଦନର ଉଚ୍ଚ ସଦନକୁ ମନୋନୀତ ହୋଇଛନ୍ତି। ନୀତୀଶ କୁମାର ରାଜ୍ୟସଭା ନିର୍ବାଚନ ଜିତିଥିବାରୁ ଆସନ୍ତାକାଲି ସେ ବିହାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇପାରନ୍ତି । ଏହାପରେ ବିଜେପିର ଜଣେ ବରିଷ୍ଠ ନେତା ବିହାରର ମୁଖ୍ୟମନ୍ତ୍ରୀ ହେବେ । ବିହାରର ୫ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେଉଥିବା ବେଳେ ମୋଟ ୬ ଜଣ ପ୍ରାର୍ଥୀ ରହିଥିଲେ । ଏନଡିଏ ୫ ଓ ବିରୋଧୀ ମହାଗଠବନ୍ଧନ ଆରଜେଡି ରାଜ୍ୟସଭାର ବିଦାୟୀ ସାଂସଦ ଅମରେନ୍ଦର ଧାରି ସିଂହଙ୍କୁ ପ୍ରାର୍ଥୀ କରିଥିଲା । ମହାଗଠବନ୍ଧନ ପାଖରେ ୪୧ ଜଣ ବିଧାୟକ ଥିବାରୁ ଆରଜେଡିର ଶ୍ରୀ ସିଂହ ପୁଣି ରାଜ୍ୟସଭାକୁ ଯିବେ ବୋଲି ଆଶା କରିଥିଲେ । କିନ୍ତୁ ଦଳୀୟ ହ୍ୱିପ ସତ୍ତ୍ୱେ ଆରଜେଡି ବିଧାୟକ ଫୈଜଲ ରହମାନ, କଂଗ୍ରେସ ବିଧାୟକ ମନୋହର ପ୍ରସାଦ, ସୁରେନ୍ଦ୍ର କୁଶୱା ଓ ମନୋଜ ବିଶ୍ୱାସ ଭୋଟ ଦେଇ ନଥିଲେ । ତେଣୁ ମହାଗଠବନ୍ଧନର ବିଧାୟକଙ୍କ ଭୋଟ ସଂଖ୍ୟା ୩୭ରେ ହିଁ ଅଟକି ଯାଇଥିଲା । ସେମାନେ ଭୋଟ ଦେଇ ନଥିବାରୁ ବିଜେପି ନେତୃତ୍ୱାଧୀନ ଏନଡିଏର ୫ମ ପ୍ରାର୍ଥୀ ଶିବେଶ କୁମାର ବାଜି ମାରିଛନ୍ତି । କୁମାର ୩୮ ଟି ( ୯ ପୃଷ୍ଠାରେ)

# ରାଜ୍ୟସଭା ନିର୍ବାଚନ ଝଲକ୍




## ଓଡ଼ିଶା ଇତିହାସରେ ଏକ ସ୍ମରଣୀୟ ଦିନ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ଆଜି ଓଡ଼ିଶା ଇତିହାସରେ ଏକ ସ୍ମରଣୀୟ ଦିନ । ରାଜ୍ୟସଭା ନିର୍ବାଚନରେ ବିଜେପି ଓ ବିଜେପି-ସମର୍ଥିତ ପ୍ରାର୍ଥୀଙ୍କ ଏହି ପ୍ରଚଣ୍ଡ ବିଜୟ କେବଳ ଦଳୀୟ ସଫଳତା ନୁହେଁ, ବରଂ ଏହା ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ଜନନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ସୁଦୃଢ଼ ନେତୃତ୍ୱ ଓ ଦୂରଦର୍ଶୀ ମାର୍ଗଦର୍ଶନର ପ୍ରତିଫଳନ ବୋଲି ମଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ ଦିଗରେ ବଢ଼ିବା ପାଇଁ ଆମର ଏହି ରାଜ୍ୟସଭା ନିର୍ବାଚନରେ ତିନି ଜଣ ନିର୍ବାଚିତ ହୋଇଛନ୍ତି । ନବନିର୍ବାଚିତ ସାଂସଦ ମନମୋହନ ସାମଲ, ସୁଜିତ କୁମାର ଏବଂ ଦିଲୀପ ରାୟ ରାଜ୍ୟସଭାରେ ଓଡ଼ିଶାର ସ୍ୱାର୍ଥ ରକ୍ଷା କରିବା ସହ ମୋଦୀଜୀଙ୍କ ବିକଶିତ ଭାରତ ଅଭିଯାନରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ିତୋଳିବାକୁ ସଂକଳ୍ପବଦ୍ଧ ହୋଇଛନ୍ତି । ରାଜ୍ୟସଭାରେ ଓଡିଶାର ସ୍ୱର ଆହୁରି ଶାଣୀତ ହେବ । କିଛି ସମୟ ପୂର୍ବରୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଦ୍ୱାରା ଦିଆଯାଇଥିବା ମନ୍ତବ୍ୟ-ଯେଉଁଥିରେ ସେ ଅନ୍ତରାତ୍ମାର ଡାକରା ଶୁଣି ଭୋଟ୍ ଦେଇଥିବା ବିଧାୟକମାନଙ୍କୁ ଅପରାଧିକ ପୃଷ୍ଠଭୂମିର ବୋଲି ଆଖ୍ୟା ଦେଇଛନ୍ତି । ତାହା କେବଳ ଦୁର୍ଭାଗ୍ୟଜନକ ନୁହେଁ, ବରଂ ଗଣତନ୍ତ୍ରର ମର୍ଯ୍ୟାଦା ପ୍ରତି ଏକ ଆକ୍ଷେପ । ଜଣେ ଦୀର୍ଘକାଳୀନ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କଠାରୁ ଏଭଳି ଅପରିପକ୍ୱ ଏବଂ ଅପମାନଜନକ ଶବ୍ଦ କେବେ ମଧ୍ୟ ଆଶା କରାଯାଏ ନାହିଁ । ଯେଉଁ ବିଧାୟକମାନେ ନିଜ ର୍ନିବାଚନ ମଣ୍ଡଳୀରେ ଜନସାଧାରଣଙ୍କ ସ୍ୱାର୍ଥ ଏବଂ ରାଜ୍ୟର ବିକାଶକୁ ପ୍ରାଥମିକତା ଦେଇ ନିଜର ମତ ସାବ୍ୟସ୍ତ କରିଛନ୍ତି । ସେମାନଙ୍କୁ ଅପରାଧୀ କହିବା ଅର୍ଥ ହେଉଛି, ସେମାନଙ୍କୁ ନିର୍ବାଚିତ କରିଥିବା ହଜାର ହଜାର ଭୋଟରଙ୍କୁ ଅପମାନିତ କରିବା । ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ କୌଣସି ବ୍ୟକ୍ତିବିଶେଷଙ୍କ ପାଖରେ ବନ୍ଧା ନୁହନ୍ତି, ସେମାନେ କେବଳ ସମ୍ବିଧାନ ଏବଂ ନିଜ ଲୋକଙ୍କ ପାଖରେ ଉତ୍ତରଦାୟୀ । ଯେତେବେଳେ ଏକ ଆଞ୍ଚଳିକ ଦଳ ମଧ୍ୟରେ ଆନ୍ତରିକ ଗଣତନ୍ତ୍ରର ଅଭାବ ପରିଲକ୍ଷିତ ହୁଏ ଏବଂ ନେତୃତ୍ୱ କେବଳ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ହାତବାରିସି ହୋଇଯାଏ, ସେତେବେଳେ ସ୍ୱାଭିମାନୀ ଜନପ୍ରତିନିଧିମାନେ ସ୍ୱର ଉତ୍ତୋଳନ କରିବା ସ୍ୱାଭାବିକ ।

ନବୀନ ବାବୁ ବୋଧହୁଏ ଭୁଲିଯାଉଛନ୍ତି ଯେ, ଯେଉଁମାନଙ୍କୁ ସେ ଆଜି ଅପରାଧୀ କହୁଛନ୍ତି, ସେମାନେ କିଛି ଦିନ ପୂର୍ବରୁ ତାଙ୍କ ଦଳର ସମ୍ପତ୍ତି ଥିଲେ ଏବଂ ସେମାନଙ୍କ ପାଇଁ ସେ ନିଜେ ପ୍ରଚାର ମଧ୍ୟ କରିଥିଲେ । ସେତେବେଳେ ସେମାନଙ୍କ ପରିବାର ପୃଷ୍ଠଭୂମି ତାଙ୍କୁ ସ୍ୱଚ୍ଛ ଦେଖାଯାଉଥିଲା କି? ଆଜି ହାରି ଯାଇଥିବା ପରିପ୍ରେକ୍ଷୀରେ ଏଭଳି ଅପରିପକ୍ୱ ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ । ଓଡ଼ିଶାର ବିକାଶ ପଥରେ ଯିଏ ରହିବ ନାହିଁ, ଓଡ଼ିଶାର ଜନସାଧାରଣଙ୍କ ଠାରେ ତାକୁ ପରିବର୍ତ୍ତନ କରିବାର ଶକ୍ତି ଅଛି ବୋଲି ଶ୍ରୀ ମାଝୀ କହିଥିଲେ ।










## ତିନି ମାସ ପୂର୍ବରୁ ଯୋଜନା ଥିଲା : ବିଜୟ ମହାପାତ୍ର

ଭୁବନେଶ୍ୱର(ସବ୍ୟୁ): ରାଜ୍ୟସଭା ନିର୍ବାଚନ ପରିପ୍ରେକ୍ଷୀରେ ଆଜି ଓଡ଼ିଶାର ୪ଟି ଆସନ ପାଇଁ ମତଦାନ ହୋଇଛି । ଏହି ନିର୍ବାଚନରେ ମୁଖ୍ୟ ବିରୋଧୀ ଦଳ "ବିଜୁ ଜନତା ଦଳ' ଏବଂ ଅନ୍ୟ ବିରୋଧୀ ଦଳ କଂଗ୍ରେସ ଘୋଡ଼ା ବେପାର ହୋଇଛି ବୋଲି ଅଭିଯୋଗ ଆଣିଛନ୍ତି । କିନ୍ତୁ ବିଜେଡି ଏବଂ କଂଗ୍ରେସର ଏହି ଅଭିଯୋଗକୁ ବରିଷ୍ଠ ନେତା ବିଜୟ ମହାପାତ୍ର ଖଣ୍ଡନ କରିଛନ୍ତି । ସେ କହିଛନ୍ତି ଯେ, ରାଜ୍ୟସଭା ନିର୍ବାଚନରେ ଆଦୌ ଘୋଡ଼ା ବେପାର ହୋଇ ନାହିଁ, ବରଂ ତିନି ମାସ ପୂର୍ବରୁ ଏହା ଯୋଜନା ଥିଲା ।

ରାଜ୍ୟସଭା ନିର୍ବାଚନ ପାଇଁ ମତଦାନ ଜାରି ଥିବା ବେଳେ ଦିଲୀପ ରାୟ ଆଜି ଅପରାହ୍ନରେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ଘରକୁ ଯାଇଥିଲେ । ଉଭୟ ନେତା ମିଠା ଆଦାନପ୍ରଦାନ କରିଥିଲେ । ବିଜୟ ମହାପାତ୍ରଙ୍କୁ ଭେଟିଲା ପରେ ଦିଲୀପ ରାୟ ଅପରାହ@ରେ ଜଗନ୍ନାଥ ଦର୍ଶନ ପାଇଁ ଶ୍ରୀକ୍ଷେତ୍ର ଗସ୍ତ କରିଛନ୍ତି । ନିର୍ବାଚନ ଫଳାଫଳ ଆସିବା ପୂର୍ବରୁ ଦିଲୀପ ରାୟଙ୍କ ବିଜୟ ହେବ ବୋଲି ଚର୍ଚ୍ଚା ହେଉଛି ।

ଶ୍ରୀ ମହାପାତ୍ର କହିଛନ୍ତି ଯେ, ରାଜ୍ୟସଭା ନିର୍ବାଚନରେ ମତଦାନ ନେଇ ଲୋକେ କ'ଣ କହିବେ ଅଲଗା କଥା । କିନ୍ତୁ ଘୋଡ଼ା ବେପାର ହୋଇନାହିଁ । ତିନି ମାସ ହେଲା ଯୋଜନା କରାଯାଇଥିଲା । ବିଜେଡି ପ୍ରତି ଲୋକେ ଅସନ୍ତୋଷକୁ ପ୍ରକାଶ କରିଛନ୍ତି । ନବୀନ ବାବୁଙ୍କ ପ୍ରତି ଅସନ୍ତୋଷ ବଢୁଛି । ସେ କିନ୍ତୁ ଏହା ଜାଣି ପାରୁନାହାନ୍ତି ।

## କ୍ରସ୍ ଭୋଟିଂ ବାବଦରେ ଏଆଇସିସିଙ୍କୁ ଜଣାଇଛୁ : ଭକ୍ତ

ଭୁବନେଶ୍ୱର(ସବ୍ୟୁ) : କଂଗ୍ରେସରୁ ୩ ଜଣ ବିଧାୟକ କରିଛନ୍ତି କ୍ରସ୍ ଭୋଟିଂ । ରମେଶ ଜେନା, ସୋଫିଆ ଫିର୍ଦ୍ଦୋସ୍ ଓ ଦାଶରଥୀ ଗମାଙ୍ଗ କ୍ରସ ଭୋଟିଂ କରିଥିବା ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ । ତିନି ଜଣଙ୍କ କ୍ରସ୍ ଭୋଟିଂ ନେଇ ଟେଲିଫୋନ୍‌ରେ ଏଆଇସିସିକୁ ଜଣାଇଥିବା କହିଛନ୍ତି ପିସିସି ସଭାପତି । ଭକ୍ତ କହିଥିଲେ, ରମେଶ ଜେନା କ୍ରସ୍ ଭୋଟିଂ କରିବେ ବୋଲି ବିଶ୍ୱାସ କରୁନଥିଲୁ । ସଂପୃକ୍ତ ତିନି ବିଧାୟକ ଆଉ ଆମ ସାଙ୍ଗରେ ବିଧାନସଭାରେ ବସିବେ ନାହିଁ ।

ବାରବାଟୀ କଟକ ବିଧାୟିକା ପୂର୍ବରୁ ଦଳୀୟ ଶୃଙ୍ଖଳାରେ ରହିବେ ବୋଲି ପୂର୍ବରୁ କହି ଆସୁଥିଲେ । ତେବେ ପରେ ଦଳ ବିଜେଡି ସହ ଅନୈତିକ ମେଣ୍ଟ କରିଛି ବୋଲି ଅଭିଯୋଗ କରିଥିଲେ ସୋଫିଆ ଫିର୍ଦୋସ୍ । ତେଣୁ ଦୁଇ ଦିନ ଆଗରୁ ଜଣାପଡୁଥିଲା, ସୋଫିଆ କଂଗ୍ରେସର କମନ୍ ପ୍ରାର୍ଥୀଙ୍କୁ ସମର୍ଥନ କରିବେ ନାହିଁ । ଆଜି ସେଇଆ ହେଲା । ସୋଫିଆ ଦଳ ବିରୋଧରେ ଭୋଟ ଦେଲେ ।

ଦାଶରଥୀ ଗମାଙ୍ଗ କଂଗ୍ରେସ ସମର୍ଥିତ ପ୍ରାର୍ଥୀଙ୍କୁ ବିରୋଧ କରି ମତାମତ ଦେଇଥିଲେ । ତେଣୁ ସେ ଦତ୍ତେଶ୍ୱରଙ୍କୁ ଭୋଟ ଦେବେ ନାହିଁ ବୋଲି ଆଗରୁ ଜଣାପଡୁଥିଲା । କିନ୍ତୁ ବରିଷ୍ଠ କଂଗ୍ରେସ ବିଧାୟକ ରମେଶ ଜେନା ଚୁପଚାପ୍ ରହିଥିଲେ । ଆଜି ସେ ଦଳ ବିରୋଧରେ ଭୋଟ ଦେଇଛନ୍ତି । ସେ ଏମିତି ଭୋଟ ଦେବେ ବୋଲି ପିସିସି ସଭାପତି ଭକ୍ତ ଦାସ ବିଶ୍ୱାସ କରୁନଥିଲେ ।

## ବିଜୟୀ ପ୍ରାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ବିଜେପିର ୨ ନିର୍ବାଚିତ ପ୍ରାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଶୁଭେଚ୍ଛା ଜଣାଇଛନ୍ତି । ମନମୋହନ ସାମଲ ଓ ସୁଜିତ କୁମାର ଓ ଦିଲ୍ଲୀପ ରାୟଙ୍କୁ ଅଭିନନ୍ଦନ ଜଣାଇବା ସହିତ ଏହି ବିଜୟ ଓଡ଼ିଶା ଇତିହାସରେ ସ୍ମରଣୀୟ ଦିନ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ବିଜେପି ଓ ବିଜେପି ସମର୍ଥିତ ପ୍ରାର୍ଥୀଙ୍କ ପ୍ରଚଣ୍ଡ ବିଜୟ ହୋଇଛି ।



## କ୍ରସ୍ ଭୋଟିଂ ପରେ ଚିହିଁକି ଉଠିଲେ ନବୀନ

ଭୁବନେଶ୍ୱର(ସବ୍ୟୁ) : ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସାମ୍ନାକୁ ଆସି ବଡ଼ ବୟାନ ଦେଇଥିଲେ । ନିଜ ଦଳର ବିଧାୟକମାନେ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ୍ ନଦେବା ଘଟଣାରେ ସେ ଚିହିଁକି ଉଠିଛନ୍ତି । କ୍ରସ୍ ଭୋଟିଂ କରିଥିବା ବିଧାୟକଙ୍କୁ ଘେରିବା ସହ ସେମାନଙ୍କ ପରିବାର ଓ ଅତୀତକୁ ନେଇ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ବିଜେଡି ସୁପ୍ରିମୋ । ନବୀନ ପଟ୍ଟନାୟକ ସିଧାସଳଖ ଆକ୍ରମଣ କରି କହିଥିଲେ, ଯେଉଁମାନେ ଆଜି କ୍ରସ୍ ଭୋଟିଂ କରିଛନ୍ତି, ସେମାନଙ୍କର କ୍ରିମିନାଲ୍ ରେକର୍ଡ ରହିଛି । ଏମିତିକି ସେମାନଙ୍କର ବାପାମାନେ ମଧ୍ୟ ଜେଲରେ ରହିଛନ୍ତି ବୋଲି ସେ ମନେପକାଇ ଦେଇଛନ୍ତି । ନବୀନଙ୍କ ଏହି ବୟାନ ବିଶେଷ କରି ଦେବୀ ତ୍ରିପାଠୀ ଓ ସୌଭିକ ବିଶ୍ୱାଳଙ୍କ ଉଦ୍ଦେଶ୍ୟରେ ଥିବା ସ୍ପଷ୍ଟ ଜଣାପଡୁଛି । ଖାଲି ସେତିକି ନୁହେଁ, ବିଜେପି ବିରୋଧରେ ମଧ୍ୟ ବିଷ ଓଗାଳିଛନ୍ତି ନବୀନ । ସେ କହିଥିଲେ, ବିଜେପି "ଘୋଡ଼ା ବେପାର' ବା ହର୍ସ ଟ୍ରେଡିଂ କରୁଛି ବୋଲି ସେ ପୂର୍ବରୁ କହିଆସୁଥିଲେ, ଯାହା ଆଜି ପ୍ରମାଣିତ ହୋଇଛି । ବିରୋଧୀ ଦଳର ବିଧାୟକଙ୍କୁ ନିଜ ପକ୍ଷକୁ ନେବା ପାଇଁ ବିଜେପି ଅସାଧୁ ଉପାୟ ଅବଲମ୍ବନ କରିଛି ବୋଲି ନବୀନ ଅଭିଯୋଗ କରିଛନ୍ତି ।











କଟକ ଏସ୍‌ସିବି ମେଡିକାଲ ଆଇସିୟୁରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ଆହତଙ୍କୁ କରାଯାଉଛି ସ୍ଥାନାନ୍ତର

# ନିତା ଅମ୍ବାନୀଙ୍କୁ ସମ୍ମାନଜନକ କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ-୨୦୨୫

ଭୁବନେଶ୍ୱର, (ସବ୍ୟୁ): ରିଲାଏନ୍‌ସ ଫାଉଣ୍ଡେସନର ପ୍ରତିଷ୍ଠାତା ଓ ଚେୟାରପର୍ସନ ନିତା ଏମ୍. ଅମ୍ବାନୀଙ୍କୁ ସମ୍ମାନଜନକ କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି। ସୋମବାର କିସ୍ ଦୂତି ଚାନ୍ଦ ଆଥ୍‌ଲେଟିକ୍ ଷ୍ଟାଡିୟମରେ ଅନୁଷ୍ଠିତ ଏକ ଭବ୍ୟ ଉତ୍ସବରେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ନିତା ଅମ୍ବାନୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଶ୍ରୀଲଙ୍କାର ନୋବେଲ ବିଜେତା ପ୍ରଫେସର ମୋହନ ମୁନାସିଂହେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳଙ୍କ ଉପସ୍ଥିତିରେ ଏହି ସମ୍ମାନ ପ୍ରଦାନ କରିଥିଲେ। ରିଲାଏନ୍‌ସ ଫାଉଣ୍ଡେସନ ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ଗ୍ରାମୀଣ ପରିବର୍ତ୍ତନ, ମହିଳା ସଶକ୍ତିକରଣ ଏବଂ କ୍ରୀଡା ପ୍ରୋତ୍ସାହନ ମାଧ୍ୟମରେ ସାମାଜିକ ବିକାଶରେ ଉଲ୍ଲେଖନୀୟ ଅବଦାନ ସକାଶେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସମ୍ମାନ ଗ୍ରହଣ କରିବା ସହ କିସ୍ ଓ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଦେଇ ଶ୍ରୀମତୀ ଅମ୍ବାନୀ କହିଲେ ଓଡ଼ିଶାରେ ଅନେକ ଭବ୍ୟ ମନ୍ଦିର ରହିଛି। ଅଚ୍ୟୁତ ସାମନ୍ତ ଦୁଇଟି ମନ୍ଦିର ନିର୍ମାଣ କରିଛନ୍ତି। ତାହା ହେଉଛି ଦୁଇଟି ଆଧୁନିକ ଶିକ୍ଷା ମନ୍ଦିର - କିଟ୍ ଓ କିସ୍। ଏହି ଦୁଇଟି ଅନୁଷ୍ଠାନ ଆମ ଦେଶ ପାଇଁ ଗର୍ବ। ସମ୍ମାନଜନକ କିସ୍




ହ୍ୟୁମାନିଟାରିଆନ୍ ପୁରସ୍କାର ପାଇ ନିଜକୁ ଗର୍ବିତ ଅନୁଭବ କରୁଛନ୍ତି ଏବଂ ଏହି ସମ୍ମାନ କେବଳ ତାଙ୍କର ନୁହେଁ ବରଂ ରିଲାଏନ୍‌ସ ଫାଉଣ୍ଡେସନର ସମସ୍ତ ସଦସ୍ୟଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ସେ କହିଥିଲେ। କିସର ୪୦ ହଜାର ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ସେ କହିଲେ, ତୁମେ ମୋତେ ଏଠାରେ ଦେଇଥିବା ସମ୍ମାନ ଓ ଭଲପାଇବାକୁ ମୁଁ କେବେବି ଭୁଲି ପାରିବି ନାହିଁ। କିଟ୍ ଓ କିସ୍ ପରିଦର୍ଶନ କରିବା ତାଙ୍କ ପାଇଁ ପ୍ରକୃତରେ ସୌଭାଗ୍ୟର ବିଷୟ ବୋଲି ସେ କହିଥିଲେ। ଭଗବାନ ଜଗନ୍ନାଥଙ୍କ ପବିତ୍ର ଭୂମିକୁ ଆସି ବେଶ ଅଭିଭୂତ ବୋଲି ପ୍ରକାଶ କରିବା ସହ ଓଡ଼ିଶାର ଏକ ସମୃଦ୍ଧ ସଂସ୍କୃତି, ପରମ୍ପରା ଓ ମୂଲ୍ୟବୋଧ ରହିଛି। ଓଡ଼ିଶାବାସୀ ପ୍ରକୃତି ସହ ଏକ ଗଭୀର ସଂଯୋଗ ରହିଛି।

ଏହି ଅବସରରେ ସେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଲେ, ପୁଅ ଓ ଝିଅଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ପୁଅମାନେ ଯାହା କରିପାରିବେ, ଝିଅମାନେ ମଧ୍ୟ ତାହା କରିପାରିବେ। ଛାତ୍ରମାନଙ୍କୁ ପରାମର୍ଶ ଦେଇ ସେ କହିଲେ, ଏହା କେବଳ ଆରମ୍ଭ, ତୁମର ଅନ୍ତିମ ଲକ୍ଷ୍ୟ ନୁହେଁ। ତୁମେମାନେ ବଡ଼ ବଡ଼ ସ୍ୱପ୍ନ ଦେଖିବା ଉଚିତ୍ ଏବଂ ସେହି ସ୍ୱପ୍ନଗୁଡିକ ହାସଲ କରିବା ପାଇଁ ନିଷ୍ଠା ସହିତ କଠିନ ପରିଶ୍ରମ କରିବା ଉଚିତ୍ ବୋଲି ସେ କହିଥିଲେ। ଜୀବନରେ ସତ୍ୟପଥରୁ କେବେ ବି ବିଚ୍ୟୁତ ନ ହେବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। 'ମୁଁ କିସରେ ଭାରତର ଭବିଷ୍ୟତ ଦେଖିପାରୁଛି। ଏଠାରେ ପିଲାମାନଙ୍କୁ ଦେଖିବା ପରେ ମୋର ବିଶ୍ୱାସ ହେଉଛି, ଭାରତର ଭବିଷ୍ୟତ ଉଜ୍ଜ୍ୱଳ'ବୋଲି ସେ କହିଥିଲେ। ସ୍ୱାଗତ ଭାଷଣରେ ଶ୍ରୀ ସାମନ୍ତ କହିଲେ, ସଫଳତାର ଅର୍ଥ କେବଳ ନିଜ ପାଇଁ କିଛି ହାସଲ କରିବା ନୁହେଁ; ଅନ୍ୟମାନଙ୍କ ଜୀବନରେ ଖୁସି ଆଣିପାରିଲେ ତାହା ପ୍ରକୃତ ସଫଳତା ବୋଲି କୁହାଯାଏ। ନୀତା ଅମ୍ବାନୀଙ୍କ ଉଦାହରଣ ଦେଇ ସେ କହିଲେ, ଯଦି ଆପଣ ଉତ୍ସର୍ଗୀକୃତ ଭାବରେ ଚେଷ୍ଟା କରନ୍ତି ତେବେ ପରିଶ୍ରମ କେବେ ବୃଥା ହୁଏ ନାହିଁ। ତାଙ୍କର ବହୁମୁଖୀ ସାମାଜିକ କାର୍ଯ୍ୟ ପାଇଁ ସେ ନୀତାଙ୍କୁ ପ୍ରଶଂସା କରିଥିଲେ। ଏହି ବସ୍ତୁବାଦୀ ଦୁନିଆରେ ପ୍ରେମ ଏବଂ ସମ୍ମାନ ପାଇବା ସହଜ ନୁହେଁ। ଶ୍ରୀମତୀ ଅମ୍ବାନୀ ତାଙ୍କର ଉତ୍ତମ ସାମାଜିକ ତଥା ମାନବିକ କାର୍ଯ୍ୟ ପାଇଁ ସମସ୍ତଙ୍କଠାରୁ ଭଲପାଇବା ଓ ସମ୍ମାନ ଅର୍ଜନ କରିଛନ୍ତି ବୋଲି ଶ୍ରୀ ସାମନ୍ତ କହିଥିଲେ। ୨୦୦୮ରେ ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଆରମ୍ଭ ହୋଇଥିବା କିସ୍ ହ୍ୟୁମାନିଟାରିଆନ୍ ପୁରସ୍କାର ହେଉଛି କିସ୍‌ର ସର୍ବୋଚ୍ଚ ସମ୍ମାନ। ଏହା ବିଶ୍ୱବ୍ୟାପୀ ମାନବିକତାର କାର୍ଯ୍ୟ ଜରିଆରେ ବିଶ୍ୱକୁ ସେବା ଯୋଗାଉଥିବା ବ୍ୟକ୍ତି ତଥା ସଂଗଠନକୁ ପ୍ରଦାନ କରାଯାଇଥାଏ।

### ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା

## ଯୋଗଦେବେ ପ୍ରତିରକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ବିଜେପି ରାଜ୍ୟ ସଭାପତି

ଭୁବନେଶ୍ୱର, (ସବ୍ୟୁ): ପୂର୍ବତନ କେନ୍ଦ୍ରମନ୍ତ୍ରୀ, ବିଶିଷ୍ଟ ଜନନେତା ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପିତା ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆସନ୍ତାକାଲି (ମାର୍ଚ୍ଚ ୧୭) ଭୁବନେଶ୍ୱର ସ୍ଥିତ ଓ.ୟୁ.ଏ.ଟି. କ୍ୟାମ୍ପସ ମଧ୍ୟରେ ଥିବା କୃଷି ଶିକ୍ଷା ସଦନ ପ୍ରେକ୍ଷାଳୟ ଠାରେ ଏକ ଭାବପୂର୍ଣ୍ଣ ସ୍ମୃତି ସଭା ଓ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି । ଏହି ବିଶେଷ ଅବସରରେ ସ୍ୱର୍ଗତ ପ୍ରଧାନଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଧାରିତ ସ୍ମୃତି ପୁସ୍ତକ "ଡାକ୍ତର ବାବୁ"ର ଓଡ଼ିଆ ଏବଂ ହିନ୍ଦୀ ସଂସ୍କରଣ ଉନ୍ମୋଚନ କରାଯିବାର କାର୍ଯ୍ୟକ୍ରମ ରହିଛି । ଡାକ୍ତର ଦେବେନ୍ଦ୍ର ପ୍ରଧାନ ସ୍ମୃତି ସମିତି' ପକ୍ଷରୁ ଆୟୋଜିତ ଏହି ସ୍ମରଣିକା ସଭାରେ ଭାରତ



ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିବେ । ଏହି ଗରିମାମୟ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଦେଶ ଭାରତୀୟ ଜନତା ପାର୍ଟିର ସଭାପତି ଶ୍ରୀଯୁକ୍ତ ମନମୋହନ ସାମଲ ଓ ସ୍ମୃତି ସମିତିର ସଭାପତି ସମୀର ମହାନ୍ତି ମଧ୍ୟ ଉପସ୍ଥିତ ରହିବେ । ଡାକ୍ତର ପ୍ରଧାନଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କର ଜନହିତକର କାର୍ଯ୍ୟାବଳୀ ସମ୍ପର୍କରେ ଏହି ସଭାରେ ଆଲୋକପାତ କରାଯିବ । ଏହି ପୁଣ୍ୟାବସରରେ ସ୍ମୃତି ସମିତି ପକ୍ଷରୁ ସମସ୍ତ ଗଣ୍ୟମାନ୍ୟ ବ୍ୟକ୍ତିବିଶେଷ, ଶୁଭେଚ୍ଛୁ ଓ ସ୍ୱର୍ଗତ ପ୍ରଧାନଙ୍କ ଅନୁଗାମୀମାନଙ୍କୁ ସମ୍ମାନଜନକ ଉପସ୍ଥିତି ପାଇଁ ବିନମ୍ର ଅନୁରୋଧ କରାଯାଇଛି ।

## ଅଗ୍ନିକାଣ୍ଡ କ୍ଷତିଗ୍ରସ୍ତ ଏସ୍‌ସିବି ଆଇସିୟୁ ବୁଲି ଦେଖିଲେ ନବୀନ



ଭୁବନେଶ୍ୱର, (ସବ୍ୟୁ): ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୋମବାର ସନ୍ଧ୍ୟାରେ କଟକ ଯାଇ ଅଗ୍ନିକାଣ୍ଡ କ୍ଷତିଗ୍ରସ୍ତ ଏସ୍‌ସିବି ମେଡିକାଲ କଲେଜର ଆଇସିୟୁ ବୁଲି ଦେଖିବା ସହ ସ୍ଥାନାନ୍ତର ହୋଇଥିବା ଆହତ ରୋଗୀ ଙ୍କୁ ଭେଟି ଥିଲେ ଓ ସେମାନଙ୍କ ଚିକିତ୍ସା ସମ୍ପର୍କରେ ଡାକ୍ତର ମାନଙ୍କ ସହ ଆଲୋଚନା କରିଥିଲେ। କଟକ ବଡ଼ ଡାକ୍ତରଖାନା ପରି ଦେଶ ର ଏକ ପ୍ରତିଷ୍ଠିତ ସ୍ୱାସ୍ଥ୍ୟ ଅନୁଷ୍ଠାନର ଆଇସିୟୁ ରେ ଏଭଳି ଦୁର୍ଘଟଣା ରେ ଶ୍ରୀ ପଟ୍ଟନାୟକ ଗଭୀର ଉଦବେଗ ପ୍ରକାଶ କରିଥିଲେ। ବିଜେଡି ସରକାର ସମୟରେ ଏସ୍‌ସିବିକୁ ଏକ ବିଶ୍ୱ ସ୍ତରୀୟ ଅନୁଷ୍ଠାନ ଭାବେ ଗଢ଼ିବା ପାଇଁ କାମ ଆରମ୍ଭ କରିଥିଲେ।କିନ୍ତୁ ବିଜେପି ସରକାର ଏସ୍‌ସିବିର ବିକାଶ କାମରେ ଗୁରୁତର ଅବହେଳା କରିଛନ୍ତି।ଆଜି ର ଦୁର୍ଘଟଣା ରାଜ୍ୟରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡି ଯିବାର ଦୁଃଖଦ ଉଦାହରଣ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ବିରୋଧୀ ଦଳ ନେତାଙ୍କ ସହ କଟକ ମେୟର ସୁବାସ ସିଂ ଙ୍କ ସମେତ ବିଜେଡି ର ନେତୃବର୍ଗ କଟକ ମେଡିକାଲ କଲେଜ କୁ ଯାଇ ଥିଲେ।

### ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାରେ ମୁଖ୍ୟ ଶାସନ ସଚିବଙ୍କୁ

## ୧୫ ଦିନ ଭିତରେ ରିପୋର୍ଟ ତଲବ କଲେ ଏନ୍‌ଏଚ୍‌ଆରସି

କଟକ, (ସବ୍ୟୁ):ଏସ ସି ବି ମେଡିକାଲ କଲେଜ ଅଗ୍ନିକାଣ୍ଡର ସ୍ୱର୍ଶ କାତର ଘଟଣା ଉପରେ ମୃତକ ଓ ପୀଡିତଙ୍କୁ କ୍ଷତିପୂରଣ ସହ ଦୋଷୀ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆର ଅଧକ୍ଷ ମନୋଜ ଜେନା ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ । କମିସନର ମାନ୍ୟବର ସଦସ୍ୟ ନ୍ୟାୟମୂର୍ତ୍ତି ଜଷ୍ଟିସ ବି ଆର ଷଡ଼ଙ୍ଗୀ ଶୁଣାଣି କରି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ୧୫ ଦିନ ଭିତରେ ଏ ସଂକ୍ରାନ୍ତରେ ସବିଶେଷ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ ଜେନାଙ୍କ ଆବେଦନ ଉପରେ ଏନ ଏଚ ଆର ସି କେସ୍ ନଂ। ୨୨୭/୧୮/୩/୨୦୨୬ ଉପରେ ତୁରନ୍ତ ପଦକ୍ଷେପ ପାଇଁ ଜଷ୍ଟିସ ଷଡ଼ଙ୍ଗୀ ଆଦେଶ ଦେଇଛନ୍ତି । ଆବେଦନକାରୀ କଟକର ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲର ଟ୍ରମା କେୟାର ସେଣ୍ଟରର ଇଣ୍ଟେନସିଭ୍ କେୟାର ୟୁନିଟରେ ଘଟିଥିବା ଅଗ୍ନିକାଣ୍ଡ ଘଟଣା ଉପରେ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ କି ଆଇସିୟୁରେ ଗୁରୁତର ରୋଗୀମାନେ ଚିକିତ୍ସାଧୀନ ଥିଲେ। ଦୁର୍ଘଟଣା ବିଭାଗ କୋଠାର ପ୍ରଥମ ମହଲାରେ ଥିବା ଆଇସିୟୁରେ ସର୍ଟସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଛି। ୨୩ ଜଣ ରୋଗୀ ଆଇସିୟୁରେ ଚିକିତ୍ସିତ ହେଉଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ହୀନ ଓ ଘୋର ଅବହେଳା ଏବଂ ପର୍ଯ୍ୟାପ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଅଭାବ ଯୋଗୁଁ ବର୍ତ୍ତମାନ ସୁଦ୍ଧା ୧୧ଜଣ ରୋଗୀଙ୍କ ମୃତ୍ୟୁ ଘଟିଲାଣି । ଅନ୍ୟ ରୋଗୀ ପୋଡ଼ି ହୋଇ ଓ ଶ୍ୱାସରୁଦ୍ଧ ଯୋଗୁଁ ଚିକିତ୍ସିତ ଅଛନ୍ତି । ହେଲେ ଏ ପର୍ଯ୍ୟନ୍ତ ସଠିକ ତଥ୍ୟ ମିଳି ପାରିନି । ଉଦ୍ଧାର କାର୍ଯ୍ୟ ସହିତ ନିଆଁ ଲିଭାଇବା ବେଳେ ସ୍ପ୍ରିଙ୍କଲର ଠିକ ସମୟରେ କାମ ନକରିବା ଯୋଗୁଁ ଅଗ୍ନି ସମାପନ କାର୍ଯ୍ୟ ବିଳମ୍ବ ହୋଇଥିବା ମଧ୍ୟ ସେ ଅଭିଯୋଗ କରିଥିଲେ । ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରି ଦାୟୀ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଥିଲେ । ଏହା ମାନବାଧିକାର ର ଚରମ ଉଲ୍ଲଙ୍ଘନ ଓ ସରକାରଙ୍କ ଗୁରୁତର ତ୍ରୁଟି । ଦୁର୍ଘଟଣା ଯୋଗୁଁ ମୃତକଙ୍କୁ ୧ କୋଟି ଟଙ୍କା ଏବଂ ଆହତଙ୍କୁ ୫୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବାକୁ ଶ୍ରୀ ଜେନା ଅନୁରୋଧ କରିଥିଲେ । ଭବିଷ୍ୟତରେ ଏପରି ଘଟଣା ରୋକିବା ପାଇଁ ସୁରକ୍ଷା ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବାକୁ ଆବେଦନ କରିଥିଲେ।

## ଏସ୍‌ସିବି ମେଡିକାଲରେ ଅଗ୍ନିକାଣ୍ଡରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର, (ସବ୍ୟୁ): କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଅଗିକାଣ୍ଡ ଯୋଗୁ ସ୍ଥାନାନ୍ତର ସମୟରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫ଜଣ ଗୁରୁତର ହୋଇଛନ୍ତି। ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସ୍ୱର୍ଗତଃ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁପରିଜନଙ୍କୁ ସମବେଦନା ଜଣାଇବା ସହ ଅସୀମ ଧୈର୍ଯ୍ୟ ପ୍ରଦାନ କରିବାକୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ରାଜ୍ୟ ସଭାପତି ଶ୍ରୀ ସାମଲ ପ୍ରାର୍ଥନା କରିଛନ୍ତି। ଏଥିସହ ଗୁରୁତରମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହି ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତୁରନ୍ତ ୨୫ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଥିବାବେଳେ ସମସ୍ତ ପ୍ରକାର ସହଯୋଗ ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ରହିଛନ୍ତି ବୋଲି ଶ୍ରୀ ସାମଲ କହିଛନ୍ତି।

## ସ୍କୁଲଗୃହ ଭଙ୍ଗା ଘଟଣାର ପ୍ରତିବାଦରେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ

ଜଟଣୀ, (ସବ୍ୟୁ) : ପୌରାଞ୍ଚଳ ଅନ୍ତର୍ଗତ ବାଛରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରୁଣା ଶିକ୍ଷାଦାନ ଗୃହ ଓ ପାଚେରୀ ଭଙ୍ଗା ଘଟଣାରେ ଗ୍ରାମ ବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଫେରାଦ କରାଯାଇଥିବା ଜଣାପଡିଛି । ସୂଚନା ମୁତାବକ ଉକ୍ତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସମୁଦାୟ ୧୨ ଟି ଗୃହ ରହିଅଛି, ତନ୍ମଧ୍ୟରୁ ୧ ଗୋଟି ବିଦ୍ୟାଳୟ କାର୍ଯ୍ୟାଳୟ ଓ ୧୦ ଗୋଟି ନୂତନ ଓ ପୁରାତନ ଶ୍ରେଣୀଗୃହ ରହିଅଛି । ତାହା ମଧ୍ୟ ଯଥେଷ୍ଟ ନୁହଁ । ବିଦ୍ୟାଳୟରେ ଅଭିଜ୍ଞ ଶିକ୍ଷକଙ୍କ ଅଭାବ, ପାନୀୟ ଜଳ ସମସ୍ୟା, ଛାତ୍ରଛାତ୍ରୀଙ୍କ ଶୌଚାଳୟ, ସୁରକ୍ଷା ପାଚେରୀ ଭଳି ଅନେକ ସମସ୍ୟା ଥାଇ କାହା ସ୍ୱାର୍ଥରେ ବେଆଇନ ରୂପେ ବିଦ୍ୟାଳୟର ପୁରାତନ ଶ୍ରେଣୀ ଗୃହକୁ



ଭାଙ୍ଗି ବିଦ୍ୟାଳୟ ସଲଗ୍ନ ମେଳଣ ପଡିଆରେ ମିଶାଇବାର ଯୋଜନା କରି ବିଦ୍ୟାଳୟର ସୁରକ୍ଷା ପାଚେରୀ ଏବଂ ବାରଣ୍ଡା ଭଙ୍ଗା ଯିବାର ଘଟଣାକୁ ନେଇ ଗ୍ରାମବାସୀଙ୍କ ଅଭିଯୋଗ ପରେ ମଧ୍ୟ ରାତିରେ ଦୁର୍ବୃତ୍ତ ମାନେ ଜେସିବି ସାହାଯ୍ୟରେ ପୁରାତନ ୪ ଗୋଟି ଶ୍ରେଣୀଗୃହକୁ ସମ୍ପୂର୍ଣ ଭାଙ୍ଗି ମାଟିରେ ମିଶାଇ ଦେଇଥିଲେ । ଏହି ଘଟଣାକୁ ନେଇ ବାଛରା ଗ୍ରାମର ଗ୍ରାମବାସୀ ଓ ଅଭିଭାବକ ଏବଂ ଛାତ୍ରଛାତ୍ରୀ ମାନେ ଦୁଃଖ ପ୍ରକାଶ କରିବା ସହ ଦୃଢ଼ ନିନ୍ଦା କରିବା ସହ ଉକ୍ତ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦର୍ଶାଇ ଜିଲ୍ଲାପାଳ ନିକଟରେ ଏକ ଅଭିଯୋଗ ପ୍ରଦାନ କରିଛନ୍ତି କ୍ଷ ଯଦି ଏକ ସପ୍ତାହକ ମଧ୍ୟରେ ଉପରୋକ୍ତ ଘଟଣାରେ ଦୋଷୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନ ନିଆଯାଏ ଓ ସ୍କୁଲର ଧନଜୀବନ ପ୍ରତି ସୁରକ୍ଷା ନ ଦିଆଯାଏ ତେବେ ଗ୍ରାମବାସୀ ବାଧ୍ୟ ହୋଇ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି ଲିଖିତ ଅଭିଯୋଗରେ ସୂଚିତ କରିଛନ୍ତି । ଏହାର ଏକକିତା ନକଲ ଖୋର୍ଦ୍ଧା ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ, ତହସିଲଦାର, ପୌରନିର୍ବାହୀ ଅଧିକାରୀ ଏବଂ ଜଟଣୀ ଥାନା ଅଧିକାରୀଙ୍କୁ ପ୍ରଦାନ କରିଥିବା ଜଣାପଡିଛି।

### ଟମାଟୋର ଅଭାବୀ ବିକ୍ରି ଦୂର କଲା ଭାରତ ମସଲା

# ଚାଷୀଙ୍କୁ ଦେଲା ଉପଯୁକ୍ତ ମୂଲ୍ୟ

କଟକ, (ସବ୍ୟୁ): କୃଷି ଓ କୃଷକକୁ ପ୍ରାଧାନ୍ୟ ଦେଉଥିବା ଭାରତ ମସଲା କମ୍ପାନୀ ଟମାଟୋର ଅଭାବୀ ବିକ୍ରିକୁ ଏଡାଇବା ପାଇଁ ନେଇଛି ବଡ ପଦକ୍ଷେପ। ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଟମାଟୋର ମୂଲ୍ୟରେ ହ୍ରାସ ଏବଂ ବିକ୍ରି ହୋଇପାରୁ ନ ଥିବା ବିଷୟକୁ ତର୍ଜମା କରି ଓରମାସ ସହାୟତାରେ ଟମାଟୋ କ୍ରୟ ପାଇଁ କମ୍ପାନୀ ନେଇଛି ନିଷ୍ପତ୍ତି। ଦଲାଲି ପ୍ରଭାବରୁ ମୁକ୍ତ କରିବା ପାଇଁ ଭାରତ ମସଲା କମ୍ପାନୀ ଚାଷୀମାନଙ୍କ ଠାରୁ ମେଟ୍ରିକ ମେଟ୍ରିକ ଟନ ବିଲାତ କ୍ରୟ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ଗଞ୍ଜାମ, କଟକ ଓ ଝାରସୁଗୁଡା ଭଳି ଜିଲ୍ଲାରୁ ଭାରତ ମସଲା କମ୍ପାନୀ ଏସଏସଜି ମାଧ୍ୟମରେ ଟମାଟୋ କିଣିଲାଣି।

କଟକ ସ୍ଥିତ ଭାରତ ମସଲା କାର୍ଯ୍ୟାଳୟରେ ଏ ସଂକ୍ରାନ୍ତରେ ଆଲୋଚନା କରିବା ପାଇଁ ଅଧକ୍ଷ ସୁରେନ୍ଦ୍ରନାଥ ପଣ୍ଡାଙ୍କ ପୌରହିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଓଡ଼ିଶାର କୃଷକମାନଙ୍କୁ ମଧ୍ୟସ୍ଥିଙ୍କ କବଳରୁ ରକ୍ଷା କରି କିଭଳି ଅଧିକ ଲାଭ ଦିଆଯାଇପାରିବ, ସେ ନେଇ ବିସ୍ତୃତ ଆଲୋଚନା କରାଯାଇଛି। ବୈଠକରେ ଓରମାସ କଟକର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ




ବିପିନ ରାଉତ ଟମାଟୋର ଅଭାବୀ ବିକ୍ରି ସମ୍ପର୍କରେ ଧ୍ୟାନ ଆକର୍ଷଣ କରିବା ପରେ, ଭାରତ ମସଲା ପକ୍ଷରୁ ତୁରନ୍ତ ଟମାଟୋ କ୍ରୟ ପାଇଁ ସମ୍ପ୍ରତି ପ୍ରକାଶ ପାଇଥିଲା। ଏହି ପଦକ୍ଷେପ ଦ୍ୱାରା ଚାଷୀମାନେ ବଜାର ଦର ତୁଳନାରେ ପ୍ରାୟ ୩୫ ପ୍ରତିଶତ ଅଧିକ ଲାଭ କମ୍ପାନୀ ଠାରୁ ପାଇପାରିବେ। ବର୍ତ୍ତମାନ ସୁଦ୍ଧା କଟକର ଆଠଗଡ଼ ଓ ବଡ଼ମ୍ବା କ୍ଲଷ୍ଟରରୁ ୮ ମେଟ୍ରିକ ଟନ ଏବଂ ଗଞ୍ଜାମ ଜିଲ୍ଲାରୁ ୧୯ ମେଟ୍ରିକ ଟନ ଟମାଟୋ କ୍ରୟ କରାସରିଛି। ଖାଲି ସେତିକି ନୁହେଁ, ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼ ଓ ଗଞ୍ଜାମ ଜିଲ୍ଲାରୁ ପ୍ରାୟ ୫୦୦ ମେଟ୍ରିକ ଟନ ତଥା ସମ୍ବଲପୁରରୁ ୧୫୦ ମେଟ୍ରିକ ଟନ, ଝାରସୁଗୁଡ଼ାରୁ ୧୫୦ ମେଟ୍ରିକ ଟନ, ଦେବଗଡ଼ରୁ ୧୦୦ ମେଟ୍ରିକ ଟନ, ଗଞ୍ଜାମରୁ ୧୦୦ ମେଟ୍ରିକ ଟନ ଶୁଖିଲା ଲଙ୍କା କ୍ରୟ କରିବାକୁ ମଧ୍ୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ଏହି ବୈଠକରେ ବିଭିନ୍ନ

### ଗଞ୍ଜାମ, କଟକ ଓ ଝାରସୁଗୁଡ଼ାରୁ କ୍ରୟ କଲା ମେଟ୍ରିକ ମେଟ୍ରିକ ଟନ

ଜିଲ୍ଲାର ଓରମାସ ଅଧିକାରୀମାନେ ଉପସ୍ଥିତ ରହି ଭାରତ ମସଲାକୁ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଟମାଟୋ ବିକ୍ରି କରିବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ ଚାଷୀ - ସୁଶାନ୍ତ କୁମାର ପଣ୍ଡା (ଏହି ପାଠଟି ଏଥିରେ ଇନସଟ ହେବ) ବ୍ୟବସାୟ କରିବା ଲକ୍ଷ୍ୟ ନୁହେଁ ଆମ ରାଜ୍ୟର ଚାଷୀ ବଜାରରେ କିଭଳି ସେମାନଙ୍କର ଉତ୍ପାଦନକୁ ସହଜରେ ଉପଲବ୍ଧ କରାଇପାରିବେ ଏବଂ ବଜାରକୁ ସୁହାଇଲା ଭଳି ଉନ୍ନତମାନର କୃଷିଜାତ ଦ୍ରବ୍ୟ ପଠାଇ ପାରିବେ ସେଥି ପ୍ରତି ଧ୍ୟାନ ଦେବ ଭାରତ ମସଲା କମ୍ପାନୀ। ଆଗାମୀ ବର୍ଷରେ ଚାଷୀମାନଙ୍କୁ ଉନ୍ନତମାନର ବିହନ ଯୋଗାଇ ସେମାନଙ୍କ ଠାରୁ ଉତ୍ପାଦିତ କୃଷି ଦ୍ରବ୍ୟକୁ ଉପଯୁକ୍ତ ମୂଲ୍ୟ ଦେଇ ସିଧାସଳଖ କିଣିବ ବୋଲି ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା କହିଛନ୍ତି। ବିଶେଷ କରି ବର୍ତ୍ତମାନ ଟମାଟୋ ମହଜୁଦ ରଖିଥିବା ଚାଷୀମାନେ ସିଧାସଳଖ ଭାରତ ମସଲା କମ୍ପାନୀ ସହ ଯୋଗାଯୋଗ କରି ସାମଗ୍ରୀ ଦେଇପାରିବେ ବୋଲି ଶ୍ରୀ ପଣ୍ଡା କହିଛନ୍ତି।



## ବୁଗୁଡ଼ା ଥାନାରେ ଅଧିକାରୀ ମରୁଡ଼ି

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଥାନା ଅଧୀନରେ ବୁଗୁଡା ଏନ୍ଏସି ଓ ବ୍ଲକର ୨୧ ପଞ୍ଚାୟତ ସମେତ ଆସ୍କା ବ୍ଲକର ଗହଙ୍ଗୁ ଠାରୁ ଜଗନ୍ନାଥପ୍ରସାଦ ବ୍ଲକର ନିମପଦର ଏବଂ ନୟାଗଡ ରାସ୍ତାରେ କରସିଂର ଚୈତନ୍ୟ ପ୍ରସାଦ ପର୍ଯ୍ୟନ୍ତ ୫୦୩ ବର୍ଗ କିଲୋମିଟର ପରିବ୍ୟାପ୍ତ ଅଞ୍ଚଳ ଥିବାବେଳେ ଏହି ଥାନା ଉପରେ ଅଢେଇ ଲକ୍ଷରୁ ଉର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରୁଛନ୍ତି । ତେବେ ବୁଗୁଡା ଥାନା ଇଲାକାରେ ଅଧିକାରୀଙ୍କ ମରୁଡ଼ି ଯୋଗୁଁ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡୁଛି । ଗତବର୍ଷ ବୁଗୁଡ଼ା ଥାନାରେ ୮୩୨ଟି ମାମଲା ରୁଜୁହୋଇଥିବା ବେଳେ ଚଳିତବର୍ଷ ମାର୍ଚ୍ଚ ୧୬ ତାରିଖ ସୁଦ୍ଧା ୧୨୧ଟି ମାମଲା ପଞ୍ଜିକୃତ ହୋଇ ସାରିଲାଣି । ଏତେ ବଡ଼ ଇଲାକାର ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ବୁଗୁଡ଼ା ସହରରେ ଏକ ଥାନା ସାଙ୍ଗକୁ ବାଲିପଦରଠାରେ ଏକ ପୋଲିସ ଫାଣ୍ଡି ପ୍ରତିଷ୍ଠା ହୋଇଛି । ତେବେ ଥାନା ଓ ଫାଣ୍ଡିରେ କର୍ମଚାରୀ ମରୁଡି ଯୋଗୁଁ ଲୋକଙ୍କୁ ନ୍ୟାୟ ମିଳିବାରେ ଅହେତୁକ ବିଳମ୍ବ ହେଉଥିବାର ଅଭିଯୋଗ ହେଉଛି । ଏହି ଅଞ୍ଚଳ ଦେଇ ୩୩ ନମ୍ବର ରାଜ୍ୟରାଜପଥ ଯାଇଥିବା ବେଳେ ଦିନକୁ ଦିନ ଚୋରି ରାହାଜାନି ବୃଦ୍ଧି ଘଟୁଛି । ଆବଶ୍ୟକୀୟ ଅଧିକାରୀ ଅଭାବରୁ ପାଟ୍ରୋଲିଂ ବ୍ୟବସ୍ଥା ଠିକ୍ ଭାବରେ ହୋଇପାରୁନି ।

### ଆନ୍ଦୋଳନରେ ସ୍ୱାର୍ଡ କର୍ମଚାରୀ, ଚାଲିଛି ହାତୀ-ମଣିଷ ଲଢ଼େଇ

## ଦୁଇଦିନରେ ଗୋଟିଏ ହାତୀ ଏବଂ ଜଣେ ବୃଦ୍ଧଙ୍କ ମୃତ୍ୟୁ

ଭଞ୍ଜନଗର, (ସବ୍ୟୁ): ହାତୀ ସହ ଲୋକଙ୍କ ଫସଲ ସୁରକ୍ଷା ପାଇଁ ଗଜସାଥି ରାଜ୍ୟରେ ନିଯୁକ୍ତି ହୋଇଛନ୍ତି । ସରକାର ସେମାନଙ୍କୁ ମାସିକ ୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଦେଉଛନ୍ତି । ଧାନ ଅମଳ ସମୟରେ ହିଁ ସେମାନଙ୍କୁ ନିଯୁକ୍ତି ଦିଆଯାଉଛି । ଅନ୍ୟ ସମୟରେ ସେମାନଙ୍କୁ ବାହାର କରିଦିଆଯାଉଛି । ତେଣୁ ସେମାନେ ଅକେଫାବର ମାସରୁ ଫେବୃଆରୀ ମାସ ମଧ୍ୟରେ ହିଁ କାମ କରୁଛନ୍ତି । ସମସ୍ତ ଗଜସାଥିଙ୍କୁ ଗତ ଫେବୃୟାରୀ ମାସ ୨୮ ତାରିଖରୁ ଛଟେଇ କରି ଦିଆଯାଇଛି । ଅନ୍ୟପକ୍ଷରେ ସ୍ୱାର୍ଡ କର୍ମଚାରୀମାନେ ମଧ୍ୟ ନିଜର ଏକାଧିକ ଦାବିନେଇ ସାମୁହିକ ଛୁଟି ନେଇ, ଭୁବନେଶ୍ୱରରେ ଆନ୍ଦୋଳନ ଚଳାଇଛନ୍ତି । ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷାରେ ଉଭୟ କର୍ମଚାରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଲିଭାଇଥାନ୍ତି । ସେମାନେ ବର୍ତ୍ତମାନ କାର୍ଯ୍ୟରେ ଯୋଗ ଦେଇନଥିବାରୁ ଜଙ୍ଗଲ ଓ ବନ୍ୟପ୍ରାଣୀ ଏବେ ବିପଦରେ । ଯାହାକୁ ନେଇ ପରିବେଶବିତମାନେ ଚିନ୍ତା ପ୍ରକଟ କରିଛନ୍ତି । ଏଭଳି ପରିସ୍ଥିତିରେ ଗତ ଦୁଇ ଦିନ ମଧ୍ୟରେ ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡରେ ଦୁଇଟି ବଡ ଅଘଟଣ ଘଟିଛି । ଯାହାକୁ ନେଇ ଜଙ୍ଗଲ, ବନ୍ୟପ୍ରାଣୀ ଓ ଲୋକଙ୍କ ଜୀବନ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି । ରବିବାର ଏହି ବନଖଣ୍ଡର ତାରସିଂ ବନାଞ୍ଚଳ ଅନ୍ତର୍ଗତ କଦଳୀଗଡ଼ ନିକଟରେ ଏକ ଛୁଆ ହାତୀ ମୃତ୍ୟୁବରଣ କରିଛି । ଯାହାକି ହାତୀ ୫ ଦିନ ପୂର୍ବରୁ ମୃତ୍ୟୁବରଣ କରିଥିବା କୁହାଯାଉଛି । ସେହିଭଳି ଗତକାଲି ସନ୍ଧ୍ୟାରେ ମୁଜାଗଡ ବନାଞ୍ଚଳ ଅନ୍ତର୍ଗତ ବାଇବାଲି ନିକଟସ୍ଥ ଜଙ୍ଗଲରେ, ସ୍ଥାନୀୟ ନୂଆଁସାହିର ଜଣେ ଗାଈ ଜଗୁଆଳ ବୃଦ୍ଧ କୃପାସିନ୍ଧୁ ସ୍ୱାଇଁ ଗାଈ ଚରାଇବାକୁ ଜଙ୍ଗଲକୁ ଯାଇ ହାତୀ ଆକ୍ରମଣର ଶିକାର ହୋଇଥିଲେ । ଏନେଇ ପରିବାର ଲୋକେ ଭଂଜନଗର ଥାନାରେ ସୋମବାର ଦିନ ଅଭିଯୋଗ କରିଛନ୍ତି । କିନ୍ତୁ ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ ହୋଇନାହିଁ ଏବଂ ଘଟଣା ସ୍ଥଳରେ ହାତୀର ପାଦଚିହ୍ନ ପଡ଼ିନାହିଁ ବୋଲି, ସ୍ଥାନୀୟ ବନାଞ୍ଚଳ ଅଧିକାରୀ ପ୍ରଥମେ କହିଥିଲେ । ପରବର୍ତ୍ତୀ ସମୟରେ ଏସିଏଫ୍ଓ ବିବେକ ଦାସ ଘଟଣା ସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିବା ପରେ ଜାଣିଥିଲେ, ବୃଦ୍ଧଙ୍କ ମୃତ୍ୟୁ ହାତୀ ଆକ୍ରମଣରେ ହୋଇଛି । ଘଟଣା ସ୍ଥଳରେ ହାତୀର ପାଦଚିହ୍ନ ଏବଂ ମଳ ପଡ଼ିଥିବା ଜଣାପଡ଼ିଥିଲା ଏବଂ ମୃତକଙ୍କ ପରିବାରକୁ ସରକାରୀ ନିୟମ ପ୍ରକାରେ କ୍ଷତିପୂରଣ ରାଶି ଦେବାକୁ ବ୍ୟବସ୍ଥା କରାଯାଇଛି ବୋଲି, ଶ୍ରୀ ଦାସ କହିଥିଲେ । ଅନ୍ୟପକ୍ଷରେ ମୃତକଙ୍କ ପକ୍ଷରୁ ଭଂଜନଗର ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି । ଭଂଜନଗର ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ, ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି । ଏନେଇ ଘଟଣାର ତଦନ୍ତ କରିବା ସହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ଜୀବନାନନ୍ଦ ଜେନା କହିଛନ୍ତି । ସବୁ ପରେ ବନବିଭାଗର କାର୍ଯ୍ୟକଳାପକୁ ନେଇ ଏବେ ବଡ ପ୍ରଶ୍ନ ଉଠୁଛି । ସ୍ୱାର୍ଡ କର୍ମଚାରୀ ମାନେ ଅନୁପସ୍ଥିତ ରହିଥିବାରୁ, ବିଭାଗୀୟ ଅଧିକାରୀଙ୍କ ନିକଟରେ ହାତୀଙ୍କ ସଠିକ୍ ଗତିବିଧି ଖବର ପହଞ୍ଚି ପାରୁନି । କୁହାଯାଉଛି ହାତୀ ଅଛନ୍ତି ତ ଆଉ କେତେବେଳେ କୁହାଯାଉଛି ହାତୀ ଅନ୍ୟ ଜଙ୍ଗଲକୁ ଚାଲି ଯାଇଛନ୍ତି । ସରକାର ଏନେଇ ତୁରନ୍ତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ତାହା ନହେଲେ ଆସନ୍ତା ଦିନରେ ଜଙ୍ଗଲ ରକ୍ଷା ସହିତ ବନ୍ୟପ୍ରାଣୀ ସୁରକ୍ଷା ଅଧିକ ବିପଦରେ ପଡ଼ିବା ସମ୍ଭାବନା ରହିଛି ।

### ବଲାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଉଦ୍ଯାପିତ

## ୩ଦିନ ଧରି ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥକୁ ସ୍ୱାଗତ କଲେ ଜିଲ୍ଲାବାସୀ



ବାରିପଦା, (ସବ୍ୟୁ) : ବିଗତ ୯ବର୍ଷ ଧରି ମୟୂରଭଞ୍ଜ ଜିଲ୍ଲାର ଚାରିଟି ଯାକ ଉପଖଣ୍ଡର ଅଧିବାସୀଙ୍କ ମଧ୍ୟରେ ସାଂସ୍କୃତିକ ଏବଂ ସାମାଜିକ ସମନ୍ୱୟ ରକ୍ଷା ଏବଂ ଭାଇଚାରାର ପରମ୍ପରାକୁ ମଜଭୁତ କରିବା ଉଦ୍ଦେଶ୍ୟରେ ବଲାଙ୍ଗୀ ମହୋତ୍ସବ କମିଟିର ଯୁବଶାଖା ବଲାଙ୍ଗୀ ସେନା ପକ୍ଷରୁ ଅନୁଷ୍ଠିତ ହୋଇ ଆସୁଥିବା ବଲାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥର ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମ ଚଳିତ ବର୍ଷ ମାର୍ଚ୍ଚ୧୩ ତାରିଖରୁ ଆରମ୍ଭ ହୋଇ ଥିବା ବେଳେ ୧୫ତାରିଖ ରାତିରେ ବାରିପଦା ସହର ଶୋଭାଯାତ୍ରା ପରେ ଛଉ ପଡିଆ ନିକଟରେ ଉଦଯାପିତ ହୋଇଯାଇଛି। ଏହି ଉଦ୍ଯାପନୀ ଉତ୍ସବରେ ବଲାଙ୍ଗୀ ମୋହତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସମ୍ପାଦକ ସାମ୍ବାଦିକ ଦୀପକ କୁମାର ନାୟକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି, ବଲାଙ୍ଗୀ ସେନାର ଅଧକ୍ଷ କୁମାରେଶ ନାୟକ, ମହୋତ୍ସବ କମିଟିର ଅଧକ୍ଷ ଅରବିନ୍ଦ ଦାସ, ସଦସ୍ୟ ଇନ୍ଦୁମତି ମହାନ୍ତି, ଗୋଲୋକ ମହାନ୍ତି ଓ ହୃଷିକେଶ ଦାସ ପ୍ରମୁଖ ଯୋଗଦେଇ ମୟୂରଭଞ୍ଜ ମାଟିର ଅସ୍ମିତା ଏବଂ ଐତିହ୍ୟର ସୁରକ୍ଷା ପାଇଁ ବଲାଙ୍ଗୀ ସେନାର ସଂସ୍କୃତି ସୈନିକ ମାନଙ୍କର ତିନିଦିନ ବ୍ୟାପି ଅକ୍ଳାନ୍ତ ପରିଶ୍ରମକୁ ସାଧୁବାଦ ଜଣାଇବା ସହ ଜାଗରଣ ଯାତ୍ରା ଓ ଜ୍ୟୋତି ରଥକୁ ଜିଲ୍ଲାର କୁଳିଅଣା, କଳାବାଡିଆ, ଝାରପୋଖରୀଆ, ସାରସକଣା, ବାଙ୍ଗିରିପୋଷି, ବିଶୋଇ, ବିଜାତଳା, ରାଇରଙ୍ଗପୁର, ବହଳଦା, ଲୋକନାଥପୁର, ଜାମଦା, ଗଡରାଇରଙ୍ଗପୁର, ମୁଷାବଣି, ଜଶିପୁର, ଖିଚିଂ, କରଞ୍ଜିଆ, କଳାକାଦ, ଠାକୁରମୁଣ୍ଡା, ଚମ୍ପାଝରେ, ଶରତ, କପ୍ତିପଦା, ଉଦଳା, ଖୁଣ୍ଟା, ହରିପୁରଗଡ଼, ବଡ଼ସାହି, ମାଣତ୍ରୀ, ପାଟୁଳିପୁରା, ବୈଶିଙ୍ଗା, ବେତନଟି, ଚିତ୍ରଡ଼ା, ମୋରଡା, ବାଘଡା, କୋଷ୍ଠା, ଶୁଳିଆପଦା ଓ ଦେଉଳି ଆଦି ସ୍ଥାନରେ ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବାରୁ ସମସ୍ତ ଅନୁଷ୍ଠାନ ଏବଂ ଅଞ୍ଚଳବାସୀଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ଜାଗରଣ ଯାତ୍ରାରେ କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି ଏବଂ ବଲାଙ୍ଗୀ ସେନାର ଅଧକ୍ଷ କୁମାରେସ ନାୟକଙ୍କ ତତ୍ୱାବଧାନରେ ୫୦ରୁ ଉର୍ଦ୍ଧ୍ୱ ସଂସ୍କୃତି ସୈନିକ ସାମିଲ ହୋଇ ସମଗ୍ର ଜିଲ୍ଲାର ୬୫୦କିଲୋମିଟର ପରିକ୍ରମା କରି ସାଂସ୍କୃତିକ ଏବଂ ସାମାଜିକ ସଚେତନତା ସୃଷ୍ଟି କରିଥିଲେ।

## ଜାତୀୟ ହ୍ୟାକାଥନ୍‌ରେ ଡ୍ରିମ୍‌ସ ଛାତ୍ରଛାତ୍ରୀ ସଫଳତା



କଟକ, (ସ୍ୱପ୍ର) : ଇଣ୍ଟରନେଟ୍ ବ୍ୟବହାର କରି ଧ୍ୱନୀ ଜରିଆରେ ରୋଗୀର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ ନିରୀକ୍ଷଣ ଉପରେ ଆୟୋଜିତ ଜାତୀୟ ହ୍ୟାକାଥନ୍‌ରେ ଡ୍ରିମ୍‌ସ ସ୍କୁଲ ଅଫ ପ୍ରଫେସନାଲ ଷ୍ଟଡିଜ୍‌ର ଛାତ୍ରଛାତ୍ରୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ପୁରସ୍କାର ସ୍ୱରୂପ ସେମାନଙ୍କୁ ୧୫ହଜାର ଟଙ୍କାର ଚେକ୍ ଓ ପ୍ରତ୍ୟେକ କୃତୀ ପ୍ରତିଯୋଗୀଙ୍କୁ ଶିକ୍ଷାଧୀନ ପ୍ରଶିକ୍ଷଣ ବାବଦରେ ୩୦ ହଜାର ଟଙ୍କା ପ୍ରଦାନ କରାଯିବ । ଶିକ୍ଷାନୁଷ୍ଠାନର ଡିନ୍ ଡ. ବିଶ୍ୱରଂଜନ ଷଡଙ୍ଗୀଙ୍କ ମାର୍ଗଦର୍ଶନ ଓ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଶିବ ଚରଣ ବାରିକ ଓ ସହକାରୀ ପ୍ରାଧ୍ୟାପକ ଚନ୍ଦନ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ବିଏସ୍‌ସି (ଆଇଟିଏମ୍) ଶେଷ ବର୍ଷର ଛାତ୍ରଛାତ୍ରୀ ରାସେଶ୍ୱରୀ ଶତପଥି, ରେଣୁ ସାମଲ, ପ୍ରତୀକ କୁମାର ଦାସ, ଆଶୁତୋଷ ମହାନ୍ତି ଓ ସ୍ମୃତି ରଂଜନ ପାତ୍ର ଏଥିରେ ଅଂଶ ଗ୍ରହଣ କରିଥିଲେ । ଛାତ୍ରଛାତ୍ରୀଙ୍କ ଏହି ଉଲ୍ଲେଖନୀୟ ସଫଳତା ପାଇଁ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ କେନ୍ଦ୍ରୀୟ ପାଠାଗାର ଠାରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଅନ୍ୟମାନଙ୍କ ପ୍ରାଧ୍ୟାପକ ଡ. ଯାମିନୀ ମହାନ୍ତି, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା ଓ ପଦାଧିକାରୀ ଉପସ୍ଥିତ ଥିଲେ । ଭୁବନେଶ୍ୱର ସ୍ଥିତ ଜିଆଇଇଟି ଆନୁକୂଲ୍ୟରେ ଦୁଇଦିନ ଧରି ଏହି ହ୍ୟାକାଥନ୍ ଆୟୋଜିତ ହୋଇଥିଲା ।


## ଛତ୍ରପୁରରେ ଏଲପିଜି ସଙ୍କଟ, ଖାଉଟି ବେହାଲ

ଛତ୍ରପୁର, (ସବ୍ୟୁ): ଗ୍ୟାସ ବୁକିଂ ନମ୍ବର ଲାଗୁନାହିଁ, ପୂର୍ବରୁ ବୁକିଂ ଥିଲେ ବିଳମ୍ବ ହେଉଛି । ମଧ୍ୟପ୍ରାଚ୍ୟରେ ଯୁଦ୍ଧର ତାଣ୍ଡବ ମଧ୍ୟରେ ମୁଣ୍ଡ ଟେକିଛି ବଡ଼ ଧରଣର ଶକ୍ତି ସଂକଟ । ଭାରତ ମଧ୍ୟ ଏହି ସମସ୍ୟାରୁ ବାହାରି ପାରି ନାହିଁ । ଯୋଗାଣ ବାଟ ବନ୍ଦ ଯୋଗୁ ମଧ୍ୟପ୍ରାଚ୍ୟରୁ ଆସିପାରୁ ନାହିଁ ଗ୍ୟାସ୍ । ଏଭଳି ସ୍ଥିତିରେ ଦେଶରେ ଦେଖାଦେଇଛି ଭୟଙ୍କର ଏଲପିଜି ସଙ୍କଟ । ସାଧାରଣ ଖାଉଟି ବେହାଲଛ ଏହାର ପ୍ରଭାବ ଗଞ୍ଜାମ ଜିଲ୍ଲା ଛତ୍ରପୁରରେ ମଧ୍ୟ ପଡିଛି । ୨୫ ଦିନ ତଳୁ ବୁଙ୍ଗ କରିଥିବା ଉପଭୋକ୍ତା ଏଯାଏ ସିଲିଣ୍ଡର ପଇପାରିନାହାନ୍ତି । ଫଳରେ ସାଧାରଣ ଲୋକେ ଏଲପିଜି ପାଇଁ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି । ଗ୍ୟାସ ପାଇବାର ୨୫ ଦିନ ପରେ ପୁଣି ଆଉ ଏକ ନୂଆ ଗ୍ୟାସ ବୁକିଂ କରିବାକୁ ପଡୁଛି । ଘରୋଇ ସିଲିଣ୍ଡର ଯୋଗାଣରେ ଯେଭଳି କୌଣସି ବାଧା ନଆସିବ ସେଥିପାଇଁ ସରକାର ତାଗିଦ୍ କରିଛନ୍ତି । ଏହା ସେ%୦ବି ସ୍ଥିତିରେ ସୁଧାର ଆସି ନଥିବା ଦେଖାଯାଉଛି । ଆଜି ଛତ୍ରପୁର ସ୍ଥିତ ଶକ୍ତି ଏଣ୍ଟର ପ୍ରାଇଜର୍ସ ତଥା ଏଚପି ଗ୍ୟାସ ସମ୍ମୁଖରେ କେଓ୍ୱାଇସି ସହିତ ବୁକିଂ କରିବା ପାଇଁ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଛି । ଇକେଓ୍ୱାଇସି ନକଲେ ଗ୍ୟାସ ବୁକିଂ ହେଉନାହିଁ । ବାତିଲ ହୋଇଯାଉଛି । ଏଣୁ ଇକେଓ୍ୱାଇସି କରିବା ପାଇଁ ଏଚପି ଅଫିସ ଆଗରେ ଗ୍ରାହକ ମାନେ ଭିଡ଼ ଜମାଇଛନ୍ତି । ଦୀର୍ଘ ସମୟ ଧରି ଲାଇନରେ ଛିଡା ହୋଇ ରହିଛନ୍ତି ଗ୍ରାହକ ମାନେ । ସୂଚନା ମୁତାବକ ଛତ୍ରପୁର ଏଜେନ୍ସି ନିକଟରେ ୫୮୪ ହାଣ୍ଡି ଷ୍ଟକ ରହିଥିବା ବେଳେ ଏବେ ସୁଦ୍ଧା ୩୬୧୫ ଜଣ ଗ୍ୟାସ ବୁକିଂ କରିଛନ୍ତି ସେସବୁ ପେଣ୍ଡିଙ୍ଗ ହୋଇ ରହିଛି । ସେହିପରି କମରସିଆଲ ଗ୍ୟାସ ଆସୁନଥିବାରୁ ଏହାର ସିଧା ସଳଖ ପ୍ରଭାବ ହୋଟେଲ ବ୍ୟବସାୟୀ ମାନଙ୍କ ଉପରେ ପଡୁଥିବାରୁ ସହରରେ ବହୁ ହୋଟେଲ ବନ୍ଦ ରହିଛି । ଅନ୍ୟପଟେ କିଛି ହୋଟେଲ ମାଲିକ କାଠ ଚୁଲା ମାଧ୍ୟମରେ ରୋଷେଇ କରିବା ଆରମ୍ଭ କରିଛନ୍ତି ।

## ତ୍ରିପାକ୍ଷିକ ବୈଠକରେ ସମାଧାନର ବାଟ ଫିଟିଲା ନାହିଁ : ୨୪ରେ ପୁଣି ବୈଠକ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ଉପକଣ୍ଠ ଗୋପାଳପୁର ବନ୍ଦରରେ ସ୍ୱୀକୃତି ପ୍ରାପ୍ତ ଭେଣ୍ଡର ଏବଂ କଣ୍ଟ୍ରାକଟର ମାନଙ୍କ ଅଧୀନରେ ଦୀର୍ଘଦିନ ଧରି କାମ କରୁଥିବା ଅପରେଟର, ଡ୍ରାଇଭର ଓ ଅନ୍ୟାନ୍ୟ ଶ୍ରମିକମାନଙ୍କୁ ସମାନ କାମକୁ ସମାନ ଦରମା ସମେତ ବିଭିନ୍ନ ଦାବୀ ପୂରଣ ନେଇ ଗଞ୍ଜାମ ଅପରେଟର ଏଣ୍ଡ ଡ୍ରାଇଭର ମଜଦୁର ସଂଘ ପକ୍ଷରୁ ଜିଲ୍ଲା ପ୍ରଶାସନ ଏବଂ ପୋର୍ଟ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଯଥାଶୀଘ୍ର ସେମାନଙ୍କ ଦାବୀ ଉପରେ ଆଲୋଚନା ନକଲେ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ । ଏନେଇ ସୋମବାର ଛତ୍ରପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କ ଅଧ୍ୟକ୍ଷତାରେ ଏକ ତ୍ରିପାକ୍ଷିକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଛତ୍ରପୁର ପୋଲିସ ଏସଡିପିଓ ଚନ୍ଦନ କୁମାର ଘଡ଼ାଇ, ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ଅଧିକାରିଣୀ ବିଦ୍ୟା ଭାରତୀ ନାୟକ, ବ୍ରହ୍ମପୁର ଡିଭିଜନ ଲେବର କମିସନର ( ଡ଼ିଏଲସି) ବାବୁ ଚରଣ ପାତ୍ର, ଛତ୍ରପୁର ଜିଲ୍ଲା ଶ୍ରମ ଅଧିକାରିଣୀ ବର୍ଷାରାଣୀ ଜେନା ଏବଂ ସ୍ୱୀକୃତି ପ୍ରାପ୍ତ କଣ୍ଟ୍ରାକଟର ଓ ଭେଣ୍ଡର ମାନେ ଉପସ୍ଥିତ ଥିଲେ । ଉପଜିଲ୍ଲାପାଳ ଅପରେଟର, ଡ୍ରାଇଭର ଓ ଅନ୍ୟାନ୍ୟ ଶ୍ରମିକ ମାନଙ୍କ ବିଭିନ୍ନ ଦାବୀ ଏବଂ ଅଭିଯୋଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ସଂଘ ପକ୍ଷରୁ ସେମାନଙ୍କ ନ୍ୟାର୍ଯ୍ୟ ଦାବୀ ସମ୍ପର୍କରେ କର୍ମକର୍ତ୍ତାମାନେ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପାଖାପାଖି ୨ ଘଣ୍ଟା ବିଭିନ୍ନ ବିଷୟରେ ଆଲୋଚନା ପରେ ମଧ୍ୟ କୌଣସି ସମାଧାନର ବାଟ ବାହାରି ନଥିଲା । ଆସନ୍ତା ୨୪(ମଙ୍ଗଳବାର ଦିନ) ରେ ଡିଏଲସି ପକ୍ଷରୁ ଏକ ବୈଠକ କରି ସଂଘର ବିଭିନ୍ନ ଅଭିଯୋଗ ତଥା ଦାବୀ ନେଇ କଣ୍ଟ୍ରାକଟର ମାନଙ୍କ ସହିତ ଆଲୋଚନା କରିବା ନିମନ୍ତେ ଉପଜିଲ୍ଲାପାଳ ଶ୍ରୀ ବରାଳ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଗଞ୍ଜାମ ଅପରେଟର ଏଣ୍ଡ ଡ୍ରାଇଭର ମଜଦୁର ସଂଘର ସଭାପତି ଏସ. କ୍ରିଷ୍ଣା ରେଡ୍ଡୀ, ଉପସଭାପତି ଏସ. ପ୍ରଭାକର ରେଡ୍ଡୀ ଓ ଆଇନ ପରାମର୍ଶଦାତା ଜ୍ୟୋତି ରଞ୍ଜନ ମିଶ୍ରଙ୍କ ସମେତ ସଂଘର ଶତାଧିକ ବହୁ ସଭ୍ୟ ଏବଂ ଅନ୍ୟାନ୍ୟ କର୍ମକର୍ତା ମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟଯେ ଗତ ଫେବୃଆରୀ ୩ ତାରିଖ ଦିନ ବିଭିନ୍ନ ଦାବୀ ନେଇ ବନ୍ଦରର ମୁଖ୍ୟ ଫାଟକ ସମ୍ମୁଖରେ ଗଞ୍ଜାମ ଅପରେଟର ଏଣ୍ଡ ଡ୍ରାଇଭର ମଜଦୁର ସଂଘ ଧାରଣା ଦିଆଯାଇଥିଲା । ପରବର୍ତୀ ସମୟରେ ସେମାନେ ଧାରଣାରୁ ଉଠିଥିଲେ ଏବଂ ଜିଲ୍ଲାପ୍ରଶାସନ ଓ କର୍ତ୍ତୃପକ୍ଷଙ୍କୁ ସେମାନଙ୍କ ଦାବୀ ପୂରଣ ନେଇ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ ବୋଲି ସଭାପତି ଶ୍ରୀ ରେଡ୍ଡୀ ସୂଚନା ଦେଇଛନ୍ତି ।

## ନିସ୍‌ର ବାର୍ଷିକ ଉତ୍ସବ ଡ୍ରିମଫେଷ୍ଟ




ଭୁବନେଶ୍ୱର, (ସବ୍ୟୁ) : ସ୍ଥାନୀୟ ମଦନପୁର ସ୍ଥିତ ନିସ୍ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ ଡ୍ରିମଫେଷ୍ଟ -୨୦୨୬ ଦୀର୍ଘ ଦୁଇଦିନ ଧରି ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜଗ୍ନେଶ୍ୱର ଦଣ୍ଡପାଟ ମୁଖ୍ୟଅତିଥି, ଜିନ୍ଦଲ ଷ୍ଟିଲ କମ୍ପାନୀର ସାମାଜିକ ଦାୟିତ୍ୱବୋଧ ବିଭାଗର ମୁଖ୍ୟ ପ୍ରଶାନ୍ତ ହୋତା ମୁଖ୍ୟବକ୍ତା, ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଓଏସଡି ସମରେନ୍ଦ୍ର ଭୂତିଆ ଓ ପୂର୍ବତନ ବିଧାୟକ-ତଥା-ପ୍ରେରଣା ଫାଉଣ୍ଡେସନ୍ ଟ୍ରଷ୍ଟର ଅଧ୍ୟକ୍ଷ ଡ. ଦିଲ୍ଲୀପ କୁମାର ଶ୍ରୀଚନ୍ଦନ ଯଥାକ୍ରମେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେମାନଙ୍କର ସାରଗର୍ଭକ ମତବ୍ୟକ୍ତ କରିଥିଲେ । ନିସ୍ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଡ. ସୁଭାଷ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେବା ସହିତ ଦୀର୍ଘ ୨୬ ବର୍ଷର ଅନୁଭୂତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହ ଛାତ୍ରଛାତ୍ରୀ ଓ ଶିକ୍ଷାନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ସହପ୍ରତିଷ୍ଠାତ୍ରୀ ପ୍ରଫେସର ସ୍ମୃତିସୁଧା ନାୟକ, ଟ୍ରଷ୍ଟି ସାଇସମ୍ବିତ ନାୟକ, ଡେପୁଟି ଡାଇରେକଫର ଡ. ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଅଧ୍ୟକ୍ଷ ଡ. ରାଜେସ ସାଇଁ, ଜଏଣ୍ଟ ରେଜିଷ୍ଟ୍ରାର ଡ. ଭବାନୀ ଶଙ୍କର ରଥ, ପ୍ରଶାସନିକ ଅଧିକାରୀ ପିତାମର ଚୟନୀଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

### ନକଲି ସିବିଆଇ ଅଧିକାରୀ କହି କୋଟିଏ ଟଙ୍କାର ସୁନା ଲୁଟ

## ୩ ଆନ୍ତଃରାଜ୍ୟ ଲୁଟେରା ଗିରଫ



ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ରେଳ ଷ୍ଟେସନ ବାହାରେ ନକଲି ସିବିଆଇ ଅଧିକାରୀ ବୋଲି ପରିଚୟ ଦେଇ ଜଣେ ବ୍ୟବସାୟୀଙ୍କ ଠାରୁ ପ୍ରାୟ ୧ କୋଟି ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିବା ଆନ୍ତଃରାଜ୍ୟ ଠକ ଦଳର ୩ ସଦସ୍ୟଙ୍କୁ ବ୍ରହ୍ମପୁର ରେଳବାଇ ପୁଲିସ ଓ ଆରପିଏଫ ଗିରଫ କରିଛି । ଅଭିଯୁକ୍ତଙ୍କ ନିକଟରୁ ୧୪ ଲକ୍ଷ ୮୦ ହଜାର ଟଙ୍କାର ସୁନା ଅଳଙ୍କାର ଜବତ ହୋଇଛି । ଗିରଫ ଅଭିଯୁକ୍ତମାନେ ହେଲେ ରାଜସ୍ଥାନ ବାଲୋତ୍ରାର ନରେନ୍ଦ୍ର କୁମାର ଓରଫ ପ୍ରଜାପତି (୨୪), ପୁନମ ଚାନ୍ଦ (୫୫) ଓ ପାଲି ଅଞ୍ଚଳର ଜିତୁ ଚୌଧୁରୀ(୨୮) । ଏହି ମାମଲାରେ ଆହୁରି ୫ ଜଣ ଅଭିଯୁକ୍ତ ଫେରାର ଅଛନ୍ତି ବୋଲି ଜିଆରପି ଏସଡିଆରପିଓ ଜଗନ୍ନାଥ ମାଲିକ ଏକ ସାମ୍ବାଦିକ ସମ୍ମିଳନୀର ସୂଚନା ଦେଇଛନ୍ତି । ଗତ ଫେବୃଆରୀ ୨୫ ତାରିଖ ରାତି ପ୍ରାୟ ସାଢ଼େ ୯ ଟା ବେଳେ ବିଶାଖାପାଟଣାର ସୁନା ବ୍ୟବସାୟୀ ହସମୁଖ ଜୈନ ଏବଂ ତାଙ୍କର ଜଣେ ସହଯୋଗୀ କୋଣାର୍କ ଏକ୍ସପ୍ରେସରୁ ବ୍ରହ୍ମପୁର ଷ୍ଟେସନରେ ଓହ୍ଲାଇଥିଲେ । ବାଇକ୍ ପାର୍କିଂ ନିକଟକୁ ଯାଉଥିବା ସମୟରେ ଦୁଇଜଣ ଅଜଣା ବ୍ୟକ୍ତି ନିଜକୁ ସିବିଆଇ ଅଫିସର ପରିଚୟ ଦେଇ ସେମାନଙ୍କୁ ଅଟକାଇ ଥିଲେ । ହସମୁଖଙ୍କ ବ୍ୟାଗ୍ ଯାଞ୍ଚ କରିବା ବାହାନାରେ ସେମାନେ ବଳପୂର୍ବକ ୩୩ ପ୍ରକାରର ସୁନା ଅଳଙ୍କାର (ଓଜନ ପ୍ରାୟ ୮୬୨ ଗ୍ରାମ), ଦୁଇଟି ମୋବାଇଲ୍ ଫୋନ୍ ଏବଂ ଜରୁରୀ କାଗଜପତ୍ର ଥିବା ବ୍ୟାଗଟିକୁ ଲୁଟି ନେଇ ଫେରାର ହୋଇ ଯାଇଥିଲେ ।

## ଚୈତ୍ର ପର୍ବ ସ୍ମରଣିକା ପାଇଁ ସୃଜନଶୀଳ ଲେଖା ଆହ୍ୱାନ

ବାରିପଦା, (ସବ୍ୟୁ) : ଆସନ୍ତା ଚୈତ୍ର ପର୍ବ-୨୦୨୬ ଅବସରରେ ପ୍ରକାଶ ପାଇବାକୁ ଥିବା ସ୍ମରଣିକା ପାଇଁ ଜିଲ୍ଲାର ସୃଜନଶୀଳ ବ୍ୟକ୍ତିବିଶେଷ, ଲେଖକ, କବି ଓ ସାହିତ୍ୟ ପ୍ରେମୀମାନଙ୍କୁ ନିଜ ନିଜ ସୃଜନଶୀଳ ଲେଖା ପ୍ରେରଣ କରିବାକୁ ଅନୁରୋଧ କରାଯାଉଛି । ଏଥିରେ ଗଳ୍ପ, କବିତା, ପ୍ରବନ୍ଧ, ସ୍ମରଣିକା ଓ ଲୋକସାହିତ୍ୟ ସମ୍ପର୍କିତ ସୃଜନଶୀଳ ଲେଖାଗୁଡ଼ିକୁ ଆସନ୍ତା ୨୫ ମାର୍ଚ୍ଚ ୨୦୨୬ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟ, ବାରିପଦାକୁ ପ୍ରେରଣ କରିବା ଆବଶ୍ୟକ । ସମସ୍ତ ଲେଖା ପିଡିଏଫ୍ ଏବଂ ଓ୍ୱାର୍ଡ(ଦୁଇଟି ଯାକ) ଫାଇଲ୍ ଫର୍ମାଟରେ ଓ୍ୱାଟସଆପ୍ ନଂ- ୭୦୦୮୩୫୦୬୫୦ କିମ୍ବା ଇମେଲ୍- ଡିସିଓମୟୁରଭଞ୍ଜ@ ଜିମେଲ୍ ଡଟ୍‌କମ୍ ମାଧ୍ୟମରେ ପ୍ରେରଣ କରିବେ । ପ୍ରାପ୍ତ ଲେଖାଗୁଡ଼ିକୁ ଯାଞ୍ଚ (ସ୍କ୍ରୁଟିନି) କରାଯାଇ ଯୋଗ୍ୟ ଓ ଉତ୍କୃଷ୍ଟ ଲେଖାଗୁଡ଼ିକୁ ଚୟନ କରି ଚୈତ୍ର ପର୍ବ-୨୦୨୬ ସ୍ମରଣିକାରେ ସ୍ଥାନୀତ କରାଯିବ । ଚୈତ୍ର ପର୍ବ ମୟୂରଭଞ୍ଜ ଜିଲ୍ଲାର ଏକ ପ୍ରସିଦ୍ଧ ଓ ଐତିହ୍ୟ ସଂପନ୍ନ ସାଂସ୍କୃତିକ ପର୍ବ ହେବା ସହ ଏହା ଜିଲ୍ଲାର ସମୃଦ୍ଧ ପାରମ୍ପରିକତା, ଲୋକସଂସ୍କୃତି ଓ ସାହିତ୍ୟକୁ ପ୍ରତିଫଳିତ କରେ । ଏହି ସ୍ମରଣିକା ପ୍ରକାଶ ମାଧ୍ୟମରେ ଚୈତ୍ର ପର୍ବର ସାଂସ୍କୃତିକ ମାହାତ୍ମ୍ୟ ଓ ଜିଲ୍ଲାର ସାହିତ୍ୟିକ ସମ୍ପଦକୁ ଆହୁରି ଉଦ୍ଭାସିତ କରିବାକୁ ଉଦ୍ୟମ କରାଯାଉଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାର ସମସ୍ତ ସୃଜନଶୀଳ ବ୍ୟକ୍ତିବିଶେଷଙ୍କୁ ନିଜ ନିଜର ଲେଖା ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରେରଣ କରି ଏହି ସ୍ମରଣିକାକୁ ସମୃଦ୍ଧ କରିବା ପାଇଁ ଅନୁରୋଧ କରାଯାଇଛି ।

## ଆସିକାରେ ପ୍ରଶାସନର ମିଳିତ ଜନ ଅଭିଯୋଗ ଶୁଣାଣି

ଆସିକା, (ସବ୍ୟୁ): ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାରରେ ଅନୁଷ୍ଠିତ ହୋଇଛି । ଗଞ୍ଜାମ ଜିଲ୍ଲାପାଳ କୀର୍ତ୍ତି ଭାସନ୍ ଭି ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ପ୍ରମୁଖ ଯୋଗ ଦେଇ ଜନ ସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଆଜିର ଶୁଣାଣିରେ ଜନ ସାଧାରଣଙ୍କ ୧୩୩ ଟି ବ୍ୟକ୍ତିଗତ ଓ୨୨ ଟି ସାମୂହିକ ମୋଟ ୧୫୫ ଟି ଅଭିଯୋଗର ଶୁଣାଣି ହୋଇଥିବା ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ନାୟକ ପ୍ରକାଶ କରିଛନ୍ତି । ଶିବିରରେ ୫ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକଲ ଓ ୨ଜଣଙ୍କୁ ହୁଇଲ ଚେୟାରପ୍ରଦାନ କରାଯାଇଥିବା ବେଳେ ଆଠ ଅସହାୟଙ୍କ ଚିକିତ୍ସା ଖର୍ଚ୍ଚ ସକାଶେ ରେଡକ୍ରସ ପାଣ୍ଠି ରୁ ୬୨ ହଜାର ୫୦୦ ଟଙ୍କା ସହାୟତା ରାଶି ଯୋଗାଇ ଦିଆଯାଇଥିବା ଜଣାଯାଇଛି । ସେହିଭଳି ଉଚ୍ଚତର ଚିକିତ୍ସା ସକାଶେ ୨ ଜଣଙ୍କ ମୁଖ୍ୟମନ୍ତ୍ରୀ ସହାୟତା କୋସକୁ ସୁପାରିଶ କରାଯାଇଥିବା ଅତିରିକ୍ତ ବିଡ଼ିଓ ସୁଶାନ୍ତ ବେହେରା କହିଛନ୍ତି । ଜିଲ୍ଲାର ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ବହୁ ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ । ଜିଲ୍ଲାପାଳଙ୍କ ଗ୍ରସ୍ତକାଳରେ ସ୍ଥାନୀୟ ତହସିଲଦାର ସଙ୍ଗୀତା ସେନ, ଥାନା ଅଧିକାରୀ ସୁଧୀର ସାହୁ, ଅତିରିକ୍ତ ଅଧିକାରୀ ସୌମ୍ୟ ରଞ୍ଜନ ଜେନା, ଆସିକା ସବ୍ ଡ଼ିଭିଜନ ହସ୍ପିଟାଲର ସୁପରଇନେଫଣ୍ଡେଣ୍ଟ ଡ଼ା. ବାଲ ଗୋପାଳ ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ୍ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ଜାତୀୟ ଓ ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ଜନଶୁଣାଣୀ



ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆଜି ଜାତୀୟ ମହିଳା ଆୟୋଗ ଓ ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ଆନୁକୁଲ୍ୟରେ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଛି । ଏହି ଜନଶୁଣାଣୀ ଶିବିରରେ ଗଞ୍ଜାମ ଓ ଗଜପତି ଜିଲ୍ଲାର ୨୯ଗୋଟି ମୋକଦ୍ଦମା ଦାୟର ହୋଇଥିଲା । ତନ୍ମଧ୍ୟରୁ ଉଭୟ ଦଳ ପକ୍ଷରୁ ୮ଗୋଟି, ଏକ ପକ୍ଷ ୭ଗୋଟି ପିଟିସନ ଦାଖଲ କରିଥିବା ୭ ଜଣ ଏବଂ ଅନ୍ୟ ଏକ ପକ୍ଷରୁ ୨ଜଣ ଏହିପରି ମୋଟ ୧୭ଗୋଟି ଦଳ ଉପସ୍ଥିତ ଥିଲେ । ସେଥିମଧ୍ୟରୁ ସହମତି କ୍ରମେ ୫ଗୋଟି କେସ ସମାଧାନ କରାଯାଇଥିବା ବେଳେ ୩ଗୋଟି ମୋକଦ୍ଦମା ଆରକ୍ଷୀ ଅଧିକ୍ଷକଙ୍କୁ ପ୍ରେରଣ କରାଯାଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣ ଙ୍କୁ ୦୪ଟି କେସ ସମାଧାନ ପାଇଁ ପ୍ରେରଣ କରାଯାଇଥିଲା । ପରବର୍ତ୍ତି ଶୁଣାଣି ନିମନ୍ତେ ୫ଜଣ ଙ୍କୁ ନୋଟିସ ପ୍ରେରଣ କରାଯାଇଥିଲା । ଏଥି ସହିତ ନୂତନ ଭାବେ ୩ଟି କେସ ପଞ୍ଜୀକୃତ ହୋଇଥିଲା । ଏହି ଜନ ଶୁଣାଣିରେ ଓଡ଼ିଶା ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି, ସଭ୍ୟ ମୁକ୍ତା ସାହୁ, ପରାମର୍ଶଦାତା ବନ୍ଦନା ପଟ୍ଟନାୟକ ଓ ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି ଉପସ୍ଥିତ ରହିଥିଲେ ।

## ଆଧ୍ୟାତ୍ମିକ ପରିବେଶରେ ଅଯୋଧ୍ୟାପୁର ମହାଯଜ୍ଞ ସମାପିତ

ରଘୁନାଥପୁର ,(ସବ୍ୟୁ) : ରଘୁନାଥପୁର ବ୍ଲକ ଅଯୋଧ୍ୟାପୁର ଗ୍ରାମରେ ରାମମନ୍ଦିର ନିକଟସ୍ଥ ଦଶହରା ପଡ଼ିଆରେ ଗତ ନଅ ଦିନ ଧରି ଅନୁଷ୍ଠିତ ହୋଇ ଆସୁଥିବା ମହାଯଜ୍ଞ ସମାପିତ ହୋଇଯାଇଛି । ଗ୍ରାମ ମଧ୍ୟରେ ଥିବା ସମସ୍ତ ତିକ୍ତତାକୁ ଭୁଲି ସମସ୍ତ ଗ୍ରାମବାସୀ ମାନେ ଏହି କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ଏହାକୁ ଅତ୍ୟନ୍ତ ସରସ ସୁନ୍ଦର କରିଥିବା ଅଂଚଳରେ ଆଲୋଚନାର ବିଷୟ ପାଲଟିଛି । ରଘୁନାଥପୁର ସରପଞ୍ଚ ସୁଚିତ୍ରା ପଣ୍ଡାଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ପଣ୍ଡାଙ୍କ ଉଦ୍ୟମରେ ସମସ୍ତ ଗ୍ରାମବାସୀ ମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଏକ ଆଧ୍ୟାତ୍ମିକ ମାହୋଲରେ ପରିଣତ କରିଥିଲେ । ଏଥି ଉପଲକ୍ଷେ ଗତ ଶନିବାର ଦିନ ଅନୁଷ୍ଠିତ ରାବଣପୋଡ଼ି ଉତ୍ସବରେ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ଚନ୍ଦ୍ରକାନ୍ତ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚନ୍ଦନ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଲିଙ୍ଗରାଜ ପତି, ରୁଦ୍ର ନାରାୟଣ ପଣ୍ଡା,ରବି ନାରାୟଣ ତା, ଭ୍ରମରବର ସେଠି,ବିଜୟ କୁମାର ସାହୁ, ବୈଷ୍ଣବ ସାହାଣୀ,ବିଜୟ ପରିଡ଼ା ପ୍ରମୁଖ ସାମିଲ ହୋଇ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନା କରିଥିଲେ । ପ୍ରତ୍ୟେକ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ଏଥିରେ ଶତାଧିକ ଦର୍ଶକ ଯୋଗ ଦେଇଥିଲେ ।

## ଆଉଟସୋର୍ସିଂ କର୍ମଚାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

ଜଗତସିଂହପୁର,(ସବ୍ୟୁ) :ରାଜ୍ୟ ଆଉଟସୋର୍ସିଂ କର୍ମଚାରୀ ସଂଘ ଡାକରାରେ ଜଗତସିଂହପୁର ଜିଲ୍ଲା ଆଉଟସୋର୍ସିଂ କର୍ମଚାରୀ ସଂଘ ପକ୍ଷରୁ ଆଜି ଠାରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଛି।ସମାନ କାମକୁ ସମାନ ଦରମା,ସ୍ଥାୟୀ ନିଯୁକ୍ତି ସହିତ ଛଟେଇ କର୍ମଚାରୀମାନଙ୍କୁ ପୁନଃ ନିଯୁକ୍ତି ଦାବୀ କରି ସଂଘ ଆନ୍ଦୋଳନକୁ ଓହ୍ଲାଇଛି।ଗତ ୧୦ ତାରିଖରୁ ରାଜ୍ୟ ସ୍ତରରେ ଆନ୍ଦୋଳନ ଜାରି ରହିଥିଲେ ସୁଦ୍ଧା ସରକାର କୌଣସୀ ପଦକ୍ଷେପ ନେଉ ନାହାନ୍ତି।ଆଜି ଠାରୁ ଜିଲ୍ଲାରେ ୯.୦୦ ରୁ ୧୧.୩୦ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ।ଜିଲ୍ଲାରେ ବିଭିନ୍ନ ସଂସ୍ଥାରେ ମୋଟ ୫ ହଜାରରୁ ଉର୍ଦ୍ଧ୍ୱ ପିଲା ଆଉଟସୋର୍ସିଂରେ କାମ



କରୁଥିବା ବେଳେ ମେଡିକାଲ କ୍ଷେତ୍ରରେ ପ୍ରାୟ ୨୫୦୦ ରୁ ଉର୍ଦ୍ଧ୍ୱ ପିଲା କାମ କରୁଛନ୍ତି।ଦିର୍ଘ ବର୍ଷ ହେବ ସ୍ୱଳ୍ପ ଦରମାରେ କାର୍ଯ୍ୟ କରିବା ଫଳରେ ପରିବାର ପ୍ରତିପୋଷଣ କରିବା ମୁସ୍କିଲ ହେଉଛି।ରେଗୁଲାର ପିଲାଙ୍କ ଭଳି ଆଉଟସୋର୍ସିଂ କର୍ମଚାରୀମାନେ ସମାନ କାମ କରୁଥିବା ବେଳେ ସେମାନଙ୍କୁ ସଠିକ ଭାବରେ ଦରମା ମିଳି ପାରୁନାହିଁ।ପୂର୍ବ ସରକାର ଆଉଟସୋର୍ସିଂ କର୍ମଚାରୀ ମାନଙ୍କୁ ନିୟମ କରିବା ପାଇଁ ପ୍ରତିଶୃତି ଦେଇଥିବା ବେଳେ ଏହି ସରକାର ମଧ୍ୟ ବିଚାର କରିବା ପାଇଁ ପ୍ରତିଶୃତି ଦେଇଥିଲେ।ମାତ୍ର କିଛି ସମାଧାନ ନହେବାରୁ ବାଧ୍ୟ ହୋଇ ପ୍ରମିଳା ମଲ୍ଲିକ ଓ ମମତା ବିଶ୍ୱାଳ ଆଜି ଜଗତସିଂହପୁର ମୁଖ୍ୟ ଚିକିସିାଳୟର ସମସ୍ତ ଆଉଟସୋର୍ସିଂ କର୍ମଚାରୀମାନେ କାଯର୍ଯବନ୍ଦ ଆନ୍ଦୋଳନକୁ ଓହ୍ଲାଇ ମାତୃଓ ଶିଶୁ ଚିକିସିା ମେଡିକାଲ ସମ୍ମୁଖରେ ଧାରଣାରେ ବସି ରହିଥିଲେ। ଏହି ଧାରଣାରେ ପ୍ରମିଳା ମଲ୍ଲିକ,ମମତା ବିଶ୍ୱାଳଙ୍କ ସମେତ ୧୦୦ ରୁ ଉର୍ଦ୍ଧ କର୍ମଚାରୀ ସାମିଲ ହୋଇଥିଲେ।

## ସ୍ୱୟଂ ସହାୟକ ଗୋଷ୍ଠୀରୁ ଋଣ ଟଙ୍କା ଉଠାଇ ଠକେଇ ଅଭିଯୋଗ

ମଙ୍ଗଳପୁର,(ସବ୍ୟୁ) : ଦଶରଥପୁର ବ୍ଲକ ଅନ୍ତର୍ଗତ କନିକାପଡ଼ା ପଞ୍ଚାୟତର କନିକାପଡ଼ା(ମୁଲିଆପାଟଣା) ଗ୍ରାମର ଏକ ସ୍ୱୟଂ ସହାୟକ ଗୋଷ୍ଠୀରୁ ଋଣ ଟଙ୍କା ଉଠାଣ ହୋଇ ଠକେଇ ହୋଇଥିବା ନେଇ ଉକ୍ତ ଗୋଷ୍ଠୀର ସଭ୍ୟା ତିଳୋତ୍ତମା ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ତିଳୋତ୍ତମା ବେହେରା ସତ୍ୟ ସାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ ପୂର୍ବରୁ ସଭାନେତ୍ରୀ ଭାବେ ଦାୟିତ୍ୱ ତୁଲାଉ ଥିବାବେଳେ ସରକାରଙ୍କ ନୂଆ ନିୟମ ଅନୁସାରେ ସଭାନେତ୍ରୀ ଏବଂ ସମ୍ପାଦିକା ପରିବର୍ତ୍ତନ ହୋଇ ନୂତନ ସଭାନେତ୍ରୀ ଏବଂ ସମ୍ପାଦିକା ଚୟନ ହୋଇଥିଲା। ପରେ ତିଳୋତ୍ତମା ଉକ୍ତ ଗୋଷ୍ଠୀର ସଭ୍ୟା ଭାବେ ରହିଛନ୍ତି। ତିଳୋତ୍ତମା ସଭାନେତ୍ରୀ ଥିବାବେଳେ ପRIବ ନ୍ୟାସନାଲ ବ୍ୟାଙ୍କ ବୋଉଲାଙ୍ଗରୁ ପ୍ରଥମେ ୫ ଲକ୍ଷ ଟଙ୍କା ଋଣ ଆବେଦନ କରିଥିଲେ। ଋଣ ଟଙ୍କା ଆସିବାପରେ ଗୋଷ୍ଠୀର ୧୦ ଜଣ ସଭ୍ୟା ବଣ୍ଟନ କରି ନେଇଥିଲେ। ଉକ୍ତ ଋଣ ଟଙ୍କା ପରିଶୋଦ ହେବା ପରେ ପରବର୍ତ୍ତୀ ସମୟରେ ପୁଣି ୧୦ ଲକ୍ଷ ଋଣ ପାଇଁ ଆବେଦନ କରିବାପରେ ତା ୫/୦୩/୨୬ ରିଖ ବ୍ୟାଙ୍କ ଋଣ ମଞ୍ଜୁର କରିଥିଲେ। ହେଲେ ବର୍ତ୍ତମାନର ସଭାନେତ୍ରୀ ଏବଂ ସମ୍ପାଦିକା ତାଙ୍କ ସମସ୍ତ କାଗଜ ପତ୍ର ନେଇ ବ୍ୟାଙ୍କରେ ଜମାଦେଇ ଋଣ ଉଠାଣ କରିବା ସହ ୯ଜଣ ସଭ୍ୟା ନେଇଯାଇ ତିଳୋତ୍ତମାଙ୍କୁ ଦେଇନଥିଲେ। ଋଣ ଟଙ୍କାରୁ ସଭ୍ୟାଙ୍କ ଅଂଶ ଧନ ନଦେଇ ଧମକ ଦେବା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ଜମା ଖାତାରେ କେତେ ଉଠାଣ, ଜମା ହେଉଛି ନ ଜଣାଇବା ଭଳି ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ଏନେଇ ତିଳୋତ୍ତମା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଧର୍ମଶାଳା ମେଡିକାଲ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଧାରଣା

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଉଟ୍ ସୋର୍ସିଂ କର୍ମଚାରୀ ମାନେ ବିଭିନ୍ନ ଦାବି ପୂରଣ ନିମନ୍ତେ ଆଜି କାଯର୍ଯବନ୍ଦ କରି ଡାକ୍ତରଖାନାରେ ଧାରଣାରେ ବସିଥିଲେ। ସକାଳ ୯ଟା ରୁ ୧୧:୩୦ ଅଢ଼େଇ ଘଂଟା କାଳ କର୍ମଚାରୀମାନେ କାର୍ଯଯ ବନ୍ଦ କରି ଧାରଣାରେ ବସି ରହିଥିଲେ । ଫଳରେ ମେଡିକାଲରେ ରୋଗୀ ସେବା ବ୍ୟାହତ ହୋଇଥିବା ଦେଖିବାକୁ ମିଳିଥିଲା। ଦୀର୍ଘ ବର୍ଷ ଧରି କର୍ମଚାରୀମାନେ କାର୍ଯଯ କରୁଥିଲେ ହେଁ ଏମାନଙ୍କୁ ଉପଯୁକ୍ତ ସମୟରେ ଦରମା ମିଳୁନାହିଁ । ମାସରେ ଏମାନେ ୩୦ଦିନ କାର୍ଯଯ କରୁଥିଲେ ବି ୨୬ଦିନର ମଜୁରୀ ମିଳୁଛି । ଏଥିସହ ଏମାନଙ୍କୁ ଦୁଇ ତିନିମାସ ବିଳମ୍ବରେ ଦରମା ମିଳୁଛି । ଯାହା ଫଳରେ ସେମାନେ ନାନାଦି ଅସୁବିଧାର ସମ୍ମୁଖୀନ ହୋଇ ପରିବାର ପ୍ରତିପୋଷଣ କରିବା କଷ୍ଟକର ହେଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ତେଣୁ ଯେ ପର୍ଯଯନ୍ତ ସେମାନଙ୍କ ଦାବି ଉପରେ ଆଲୋଚନା କରା ନଯାଇଛି ସଂଘର ନିଷ୍ପତି କ୍ରମେ ଅନିର୍ଦ୍ଦିଷ୍ଟ ସମୟ ଯାଏ ଏହି ଆନ୍ଦୋଳନ ଜାରି ରହିବ ବୋଲି କର୍ମଚାରୀମାନେ ଚେତାବନୀ ଦେଇଛନ୍ତି । ମେଡିକାଲ କର୍ମଚାରୀଙ୍କ ଏହି ଆନ୍ଦୋଳନ ଫଳରେ



ମେଡିକାଲକୁ ଆସୁଥିବା ରୋଗୀମାନେ ହଇରାଣ ହରକତ ହେଉଥିବା ଦେଖିବାକୁ ମିଳିଛି । ସରକାର ଯଥାଶିଘ୍ର ଏମାନଙ୍କ ଦାବିପୂରଣ କରିବାକୁ ଦାବି ହୋଇଛି।

## କଟକ ବଡ ମେଡିକାଲ ଆଇସିୟୁ ଅଗ୍ନିକାଣ୍ଡରେ ବୃଦ୍ଧା ମୃତ

ମହାକାଳପଡ଼ା,(ସବ୍ୟୁ) :କଟକ ବଡ ମେଡିକାଲ ଆଇସିୟୁ ରେ ଅଗ୍ନିକାଣ୍ଡ ଫଳରେ କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ପେଟଛେଲା ଗ୍ରାମ ପଂଚାୟତ ସରୁମୁହିଁ ଗ୍ରାମର ୬୨ ବର୍ଷୀୟା ବୃଦ୍ଧା ମେନକା ରାଉତ ମୃତ୍ୟୁବରଣ କରିଛନ୍ତି । ମେନକା ଚଳିତମାସ ୪ତାରିଖ ଦିନ ପଡି ଯିବାରୁ ତାଙ୍କ ପଛମୁଣ୍ଡରେ ଆଘାତ ଲାଗିଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ପରିବାର ଲୋକେ । ଅବସ୍ଥା ଗୁରୁତର ହେବାରୁ ୫ତାରିଖ ପରିବାର ଲୋକ କଟକ ବଡ ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ସେ ଆଇସିୟୁରେ ରହି ଚିକିତ୍ସିତ ହେଉଥିଲେ । ଆଇସିୟୁରେ ଚିକିତ୍ସାଧୀନ ଥିବା ବେଳେ ଅଗ୍ନିକାଣ୍ଡରେ ମେନକା ରାଉତ ମୃତ୍ୟୁବରଣ କରିଥିଲେ ।ଯ ଏନେଇ ପରିବାର ଲୋକଙ୍କ ସହିତ ଗ୍ରାମରେ ଶୋକର ଛାୟା ଖେଳାଇ ଯାଇଛି । ପରିବାର ଲୋକେ ଆଖିରୁ ଲୁହ ଗଡାଉଥିବା ବେଳେ ଅଂଚଳର ବୁଦ୍ଧିଜୀବୀ ମାନେ ମେଡିକାଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାକୁ ଦାୟୀ କରିଛନ୍ତି ।

## ନବ ନିର୍ମାଣ କୃଷକ ସଂଗଠନର ପ୍ରତିବାଦ ଶୋଭାଯାତ୍ରା

ଜଗତସିଂହପୁର,(ସବ୍ୟୁ) :ଧାନ ମଣ୍ଡିରେ ଅବ୍ୟବସ୍ଥା,କଟନୀ ଛଟନୀ,ଧାନ କ୍ରୟରେ ବିଳମ୍ବ ଆଦି ଦାବୀ ନେଇ ଆଜି ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ପ୍ରତିବାଦ ସଭା କରାଯାଇଥିଲା।ସମାଜସେବୀ ବାସୁଦେବଙ୍କ ନେତୃତ୍ୱରେ ନବ ନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତାମାନେ ଅଭିନବ ଉପାୟରେ ଅର୍ଦ୍ଧ ଉଲଗ୍ନ ହୋଇ କାନ୍ଧରେ କୁଆଳୀ ଓ ଲଙ୍ଗଳ ଧରି ରାଜରାସ୍ତାକୁ ଓହ୍ଲାଇଥିଲେ।ଏହି ଅବସରରେ ସ୍ଥାନୀୟ ଟାଉନ ହଲ ଛକ ନିକଟରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ସହ ସଂଯୋଜକ ରଶ୍ମି ରଞ୍ଜନ ସ୍ୱାଇଁ ଅଭିଯୋଗ ଅନୁସାରେ ଜିଲ୍ଲାରେ ଚାଷୀମାନେ ୨୫ ଲକ୍ଷ କୁଇଣ୍ଟାଲ ପର୍ଯ୍ୟନ୍ତ ଧାନ ଅମଳ କରିଥାନ୍ତି।ଚଳିତ ବର୍ଷ ସରକାର ୧୭ ଲକ୍ଷ ୮୫ ହଜାର କୁଇଣ୍ଟାଲ ଧାନ ନେବା ପାଇଁ ଚାଷୀମାନଙ୍କୁ ଟୋକନ ଦେଇଛନ୍ତି।ମାର୍ଚ୍ଚ ୩୧ ତାରିଖ ମଣ୍ଡି ପାଇଁ ଡେଡ ଲାଇନ ଥିବା ବେଳେ ଆଉ ମାତ୍ର ୧୪ ଦିନ ବାକି ରହିଛି।ଜିଲ୍ଲାରେ ୨୩ ହଜାର ଚାଷୀ ଏଯାବତ ମଣ୍ଡିରେ ଧାନ ଦେଇ ପାରିନାହାନ୍ତି।ମାତ୍ର ୯ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ କ୍ରୟ କରାଯାଇଥିବା ବେଳେ ଆଉ ୭ ଲକ୍ଷ କୁଇଣ୍ଟାଲରୁ ଉର୍ଦ୍ଧ ଧାନ ଉଠିପାରିନାହିଁ।ତେଣୁ ଏହି ଖୁବ କମ ଦିନ ମଧ୍ୟରେ କିପରି ସମସ୍ତ ଧାନ ଉଠାଯିବ ସେଥିପାଇଁ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦାବୀ କରାଯାଇଛି। ଏହି ବିକ୍ଷୋଭରେ ସମାଜସେବୀ ବାସୁଦେବଙ୍କ ସମେତ ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ସହ ସଂଯୋଜକ ରଶ୍ମି ରଞ୍ଜନ ସ୍ୱାଇଁ,ବରିଷ୍ଠ କଂଗ୍ରେସ ନେତା ନଟବର ବାରିକ,ଦେବୀ ପ୍ରସାଦ ମହାରଣା,ସାରଦା ରାୟ,ଅଶୋକ ସ୍ୱାଇଁ ପ୍ରମୁଖ ବହୁ କୃଷକ ନେତା ସାମିଲ ହୋଇଥିଲେ।

## ଧଳାଜହର ଜବତ : ଚେର ଖୋଜୁଛି ପୁଲିସ, ପୁଣି ଦୁଇ ଜଣଙ୍କୁ ଉଠାଇ ଆଣିଲା

ପାଣିକୋଇଲ ,(ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଂଚାୟତର ତାଜପୁର ଗ୍ରାମ ଠାରେ ଜଣେ ବେପାରୀ ଧଳା ଜହର ବେପାର କରିବା ବେଳେ ଗ୍ରାମବାସୀମାନେ ତାକୁ ଧରିଥିଲେ। ଗ୍ରାମଂଚଳରେ ଧଳା ଜହର ବେପାରୀ କାୟା ମେଲାଇ ବସିଛନ୍ତି। ଖସାଗଡିଆ ଗ୍ରାମର ଗୋପିନାଥ ସେନାପତିଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର ସେନାପତି ସାଇକେଲ ରିପୟାରିଂଗ କାମ କରେ। କିନ୍ତୁ କିଛି ଦିନ ହେବ ଧଳା ଜହର ବେପାର କରିବା ସହ ଗ୍ରାମ୍ୟ ଯୁବକଙ୍କୁ ଚଢ଼ା ଦରରେ ବିକ୍ରି କରୁଥିବାର ସୂଚନା ରହିଥିଲା। ଶନିବାର ସନ୍ଧ୍ୟାରେ ଗାଁ ମୁଣ୍ଡରେ ଧଳାଜହର ବେପାର କରୁଥିବା ବେଳେ ଗ୍ରାମବାସୀ ନାଲି ଧଳା ଜରି ପୁଡିଆରେ ଥିବା ଧଳା ଜହର ସହ ୧୨.୮୬୦ଏମଜି ସହ ନଗଦ ୩୭ଶହ ଟଙ୍କା ଧରି ପୁଲିସକୁ ଡାକି ଜିମା ଦେଇଥିଲେ। ପୂର୍ଣ୍ଣକୁ ପୁଲିସ ଅଟକରଖି ଏହାର ଚେର କେଉଁଠୁ କେଉଁଠିକି ଲମ୍ବିଛି ତାର ସୁରାଗ ଅପେକ୍ଷା ରହିଥିଲା। ରବିବାର ରାତିରେ ପୁଲିସ କୁଆଖିଆ ଥାନା ଅଂଚଳରୁ ୨ଜଣଙ୍କୁ ଉଠାଇ ଆଣି ତଦନ୍ତ ଜାରି ରଖିଥିଲା। ଏ ନେଇ ଏକ ମାମଲା ୮୪/୨୬ରୁଜ୍ଜୁ କରାଯାଇ ଆଜି ପୂର୍ଣ୍ଣ ଚନ୍ଦ୍ର ସେନାପତି(୩୫)ଙ୍କ ସମେତ କୁଆଖିଆ ଥାନା ଅନ୍ତର୍ଗତ ବିଲିପଡା ଗ୍ରାମର ନାରାୟଣ ଆଇଚଙ୍କ ପୁଅ ପ୍ରତାପ ଆଇଚ(୩୩)ଙ୍କୁ ଗିରଫ କରି ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଏନଆଇଏନଏଲ ସମ୍ପ୍ରସାରଣ :ମିଳିଲା ପରିବେଶ ମଞ୍ଜୁରୀ, ୪.୮ ନିୟୁତ ଟନକୁ ବଢ଼ିବ ଉତ୍ପାଦନ କ୍ଷମତା

ବ୍ୟାସନଗର : ଓଡ଼ିଶାର ଇସ୍ପାତ ଶିଳ୍ପ ଜଗତରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହେବାକୁ ଯାଉଛି । ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ) ଏହାର ବାର୍ଷିକ ଉତ୍ପାଦନ କ୍ଷମତାକୁ ବର୍ତ୍ତମାନର ୧ ଏମଟିପିଏ (ମିଲିୟନ ଟନ)ରୁ ୪.୮ ଏମଟିପିଏ କୁ ବୃଦ୍ଧି କରିବା ପାଇଁ ତାର ପ୍ରଥମ ପର୍ଯ୍ୟାୟ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛି । ଏଥିପାଇଁ କମ୍ପାନୀ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟରୁ ପରିବେଶ ମଞ୍ଜୁରୀ ପ୍ରାପ୍ତ କରିଛି । ଜୁଲାଇ ୨୦୨୨ରେ ଟାଟା ଷ୍ଟିଲ ଦ୍ୱାରା ଅଧିଗ୍ରହଣ ହେବା ପରଠାରୁ, ଏହି ପ୍ଲାଣ୍ଟ ମାତ୍ର ୧୦୦ ଦିନ ମଧ୍ୟରେ ପୁନଃ କାର୍ଯ୍ୟକ୍ଷମ ହୋଇ ଏକ ବର୍ଷରୁ କମ ସମୟ ମଧ୍ୟରେ ଏହାର ପୂର୍ଣ୍ଣ ଉତ୍ପାଦନ କ୍ଷମତା ହାସଲ କରି ସଫଳତାର ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି । ଏହି ସମ୍ପ୍ରସାରଣ ଯୋଜନାରେ ଏକ ସମ୍ପୂର୍ଣ୍ଣ ସମନ୍ୱିତ ଇସ୍ପାତ ଉତ୍ପାଦନ ବ୍ୟବସ୍ଥା ନିର୍ମାଣ କରାଯିବ



। ଏଥିରେ କୋକ ଓଭନ ଏବଂ ବାଏ-ପ୍ରଡକଟ ପ୍ଲାଣ୍ଟ, ସିଣ୍ଟର୍ ପ୍ଲାଣ୍ଟ, ଏକ ନୂତନ ବ୍ଲାଷ୍ଟ ଫର୍ଣ୍ଣେସ, ରିବାର୍ ମିଲ, କଏଲ ମିଲ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଏକ ୱାୟାର୍ ରଡ ମିଲ ଅନ୍ତର୍ଭୁକ୍ତ ରହିଛି । ଏହା ବ୍ୟତୀତ ଡିସଲଫ୍ୟୁରାଇଜେସନ ୟୁନିଟ, ଲାଇମ କ୍ୟାଲସିନେସନ ପ୍ଲାଣ୍ଟ ଏବଂ କାରଖାନା ପାଇଁ ଏକ ସ୍ୱତନ୍ତ୍ର ବିଦ୍ୟୁତ ପ୍ରକଳ୍ପ ମଧ୍ୟ ସ୍ଥାପନ କରିବ । ଉତ୍ପାଦନ ଦକ୍ଷତା ବୃଦ୍ଧି ସହ ପରିବେଶ ରକ୍ଷା ପାଇଁ କମ୍ପାନୀ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରିବ । ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଇଲେକ୍ଟ୍ରୋଷ୍ଟାଟିକ ପ୍ରେସିପିଟେଟର୍ସ, ସାଇକ୍ଲୋନ ସେପାରେଟର୍ସ, ଡ୍ରାଏ-ଫଗ ସିଷ୍ଟମ, ବ୍ୟାଗ ଫିଲଟର୍ ଏବଂ ଯାନ୍ତ୍ରିକ ଜଳ ସିଞ୍ଚନ ଭଳି ଉନ୍ନତ ପ୍ରଦୂଷଣ ନିରୋଧକ ବ୍ୟବସ୍ଥା ଗ୍ରହଣ କରିବ । ଏହି ସମ୍ପ୍ରସାରଣ କଳିଙ୍ଗନଗର ସ୍ଥାନୀୟ ଅଞ୍ଚଳର ସାମଗ୍ରିକ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ଏହା ଦ୍ୱାରା ଆନୁଷଙ୍ଗିକ ଶିଳ୍ପ, ସେବା ପ୍ରଦାନକାରୀ ସଂସ୍ଥା ଏବଂ ପରିବହନ କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି ହେବ । ଏହା ସ୍ଥାନୀୟ ଅର୍ଥନୀତିକୁ ଜାତୀୟ ତଥା ବିଶ୍ୱସ୍ତରୀୟ ଇସ୍ପାତ ବଜାର ସହ ଯୋଡ଼ିବ । ଦ୍ୱିତୀୟ ପର୍ଯ୍ୟାୟରେ କମ୍ପାନୀ ଏହାର ଉତ୍ପାଦନ କ୍ଷମତାକୁ ୯.୫ ଏମଟିପିଏ କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି, ଯାହା ଏହି ଅଞ୍ଚଳ ପାଇଁ ଅଧିକ ଆର୍ଥିକ ସୁଯୋଗ ଆଣିଦେବ ।

## ରାଷ୍ଟ୍ରିୟ ଲୋକ ଅଦାଲତ : ୭ହଜାର ୫୬ ମକଦ୍ଦମା ଫଇସଲା

ଯାଜପୁରସଦର ,(ସବ୍ୟୁ) :ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୁଲ୍ୟରେ ଶନିବାର ରାଷ୍ଟ୍ରିୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ରାଷ୍ଟ୍ରିୟ ଲୋକ ଅଦାଲତରେ ବିଭିନ୍ନ ପ୍ରକାରର ମୋଟ୍ ୭ହଜାର ୫୬ଗୋଟି ମକଦ୍ଦମା ଫଇସଲା ହୋଇଛି। ସେଥିମଧ୍ୟରୁ ୫୬୮ଟି ଫୌଜଦାରି,୨୧ ଗୋଟି ମରାଟର୍ ଦୁର୍ଘଟଣା ଜନୀତ,୫୦ ଗୋଟି ଦେୱାନୀ ଓ ୧୪ ଗୋଟି ପାରିବାରିକ କଳହ ମକଦ୍ଦମା,ଶ୍ରମ ବିବାଦ ୧୫ ଗୋଟି ଏବଂ ରାଜସ୍ୱ ବିଭାଗର ୬ହଜାର ୩ଶହ ୮୬ଟି ମାମଲାର ଫଇସଲା କରାଯାଇ ମୋଟ୍ ୯କୋଟି ୨୬ଲକ୍ଷ ୧୮ହଜାର ୭୨୫ ଟଙ୍କା ଜୋରିମାନା ରାଶି ଆଦାୟ କରାଯାଇଛି। ଏତଦବ୍ୟତିତ ଏହି ଲୋକ ଅଦାଲତରେ ବିଭିନ୍ନ ବ୍ୟାଙ୍କର ମୋଟ୍ ୭୭ ଗୋଟି,ବିଦ୍ୟୁତ୍ ବିଭାଗର ୨୩୪ ଗୋଟି,ସ୍ଥାୟୀ ଲୋକ ଅଦାଲତର ୨ ଗୋଟି ,ଟ୍ରାଫିକ୍ ଚାଲାଣ ୧୮ ଗୋଟି,ଏବଂ ଟେଲିଫୋନ୍ ସମ୍ବନ୍ଧୀୟ ବିଚାରଧିନ ମାମଲାର ଫଇସଲା କରାଯାଇ ମୋଟ୍ ୭୧ଲକ୍ଷ ୯୬ହଜାର୬ଶହ୧୧ଟଙ୍କା ଆଦାୟ କରାଯାଇଛି। ଏହି ରାଷ୍ଟ୍ରିୟ ଲୋକ ଅଦାଲତକୁ ଜିଲା ଦୌରାଜଜ୍ ଅମୃତ ରଂଜନ ନନ୍ଦ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଆଇନ୍ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ଶ୍ରିମତୀ ନେହା ଅଗ୍ରୱାଲ କରିଥିଲେ। ଏହି ରାଷ୍ଟ୍ରିୟ ଲୋକ ଅଦାଲତରେ ଯାଜପୁର ଜିଲାର ପରିବାର ଅଦାଲତର ବିଚାରପତି ଗୁଣ୍ଡିଚା ସାମ" ସିଂହାର,ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମାନସ ରଂଜନ ସାମ"ରାୟ,ଏସଡିଜେଏମ ଶୁମିତ୍ରା ବିଶ୍ୱାଳ,ଜେଏମ୍ଏଫସି ଅଂଶୁମାନ ରଥ ଅଂଶଗ୍ରହଣ କରି ବିଭିନ୍ନ ମକଦ୍ଦମା ଗୁଡିକର ଫଇସଲା କରିଥିଲେ। ଯାଜପୁର ଜିଲ୍ଲା କାରାଗାର ଅନ୍ତେବାସୀଙ୍କ ଦ୍ୱାରା ତିଆରି କରାଯାଇଥିବା ଫିନାଇଲ୍ ଏବଂ ଜୈବିକ ଖତ ବିକ୍ରୟ କରାଯାଇଥିଲା।

## ଉଲ୍ଲାସ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଆକଳନ

ନାଉଗାଁ, (ସବ୍ୟୁ) : ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଦ୍ୱାରା ପ୍ରଣୀତ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ( ଉଲ୍ଲାସ ) ନାଉଗାଁ ବ୍ଲକରେ ସଫଳତାର ସହ ସମ୍ପାଦନା କରାଯାଇଛି । ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟରେ ପାଞ୍ଚ ଶହ ପଚାଶରୁ ଉର୍ଦ୍ଧ୍ୱ ବୟସ୍କ ଶିକ୍ଷ୍ୟାର୍ଥୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଆକଳନରେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମ କୁ ପ୍ରତ୍ୟେକ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଓ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ପରିଚାଳନା କରିଥିବା ବେଳେ ପରୀକ୍ଷା କେନ୍ଦ୍ର ଗୁଡିକୁ ମଣ୍ଡଳ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ପଣ୍ଡା ତଦାରଖ କରିଥିଲେ ।

## ଅଜଣା ଆକାଉଣ୍ଟରୁ ପଇସା ଆସିବାରୁ ବ୍ୟାଙ୍କ ଖାତା ସିଲ୍

କେନ୍ଦ୍ରାପଡା,(ସବ୍ୟୁ) :କେନ୍ଦ୍ରାପଡା ଜିଲ୍ଲା ନିକିରାଇ ଥାନା ନଳପାରୀ ଗ୍ରାମର ପ୍ରଭାତ ମଲିକଙ୍କ ଏଚଡିଏଫସି ବ୍ୟାଙ୍କ ଆକାଉଣଟ ଖାତାକୁ ଏକ ଅଜଣା ଆକାଉଣଟରୁ ୩୮୯୭ ଟଙ୍କା ଆସିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରଭାତଙ୍କ ବ୍ୟାଙ୍କ ଖାତାକୁ ଅଚଳ କରିଥିବା ନେଇ ସାଇବର ଥାରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ, ପ୍ରଭାତଙ୍କ ବ୍ୟାଙ୍କ ଆକାଉଣ୍ଟ ଖାତାକୁ ଗତ ଫେବୃଆରୀ ୯ ତାରିଖ ୧୯୫୦ ଟଙ୍କା ଓ ୧୬.୧୧.୨୫ ରେ ୧୯୪୭ ଟଙ୍କା ଆସିଥିବା ଜାଣିବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରଭାତଙ୍କ ବ୍ୟାଙ୍କ ଖାତାକୁ ଅଚଳ କରି ଦେଇଥିବାରୁ ପ୍ରଭାତ ଜଣେ ଦିନ ମଜୁରିଆ ଭାବେ କାମ କରୁଛି" ଏ ବିଷୟରେ ତାଙ୍କର କୌଣସି ଅଭିଜ୍ଞତା ନଥିବାରୁ ସେ ବ୍ୟାଙ୍କ ଖାତା ଅଚଳ ହେବାର ଜାଣି ପାରିନଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କୁ ତମ ବ୍ୟାଙ୍କ ଖାତାକୁ ଅଜଣା ଟଙ୍କା ଆସିଥିବାର ପ୍ରକାଶ କରିଥିଲେ। ଘଟଣାର ପୁଙ୍ଖାନୁପୁଙ୍ଖ ଭାବେ ତଦ" କରି ତାଙ୍କ ବ୍ୟାଙ୍କ ଖାତାକୁ ପୁନଃ ପ୍ରଚଳନ କରିବା ପାଇଁ ସେ ସାଇବର ଥାନାରେ ଅନୁରୋଧ କରିଛନ୍ତି ।

## ଶତ୍ରୁତାରୁ ଘର କବାଟରେ ନିଆଁ ଲଗାଇଲା

ରାଜକନିକା,(ସବ୍ୟୁ) : ରାଜକନିକା ବ୍ଲକ ଜାଗୁଲାଇ ପଡା ପଞ୍ଚାୟତ ଅନ୍ତର୍ଗତ ଏକତଲା ଗାଁର ଶାନ୍ତିଲତା ସେଠିଙ୍କ ଘର କବାଟରେ ନିଆଁ ଲଗାଇ ଜାଳିଦେଇଥବା ଜଣେ ଯୁବକ ନାମରେ ରାଜକନିକା ଥାନରେ ଅଭିଯୋଗ ହୋଇଥିବା ସୂଚନା ମିଳିଛି ।ଅଭିଯୋଗ ମୁତାବକ ଗତକାଲି ବିଳମ୍ବ ରାତ୍ରିରେ ଏକତଲା ଗାଁର ଶାନ୍ତିଲତା ସେଠିଙ୍କ ଘର କବାଟ ବନ୍ଧରେ ଲଙ୍ଗଳଭଞ୍ଜା ଗାଁର ବାବୁ ନାୟକ ନିଆଁ ଲଗାଇ ଦେଇଥିବା ନେଇ ଶାନ୍ତିଲତା ରାଜକନିକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।ତେବେ ଅଭିଯୋଗ ଆଧାରରେ ରାଜକନିକା ପୁଲିସ ଅଭିଯୁକ୍ତକୁ ଅଟକ ରଖି ତଦନ୍ତ କରୁଥିବା ସୂଚନା ମିଳିଛି ।

## ବେଆଇନ ମଦ କାରବାର : ତାତିଲେ ମହିଳା

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ଅଂଚଳରେ ଦିନକୁ ଦିନ ଚୋରା ମଦ କାରବାର ବୃଦ୍ଧି ପାଉଥିବା ବେଳେ ଅବକାରୀ ବିଭାଗ ନିଷ୍କ୍ରିୟ ପ୍ରତିବାଦରେ ସ୍ୱୟଂସହାୟକ ଗୋଷ୍ଠି ମହିଳାମାନେ ଜାରକାସ୍ଥିତ ଅବକାରୀ କାର୍ଯଯାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସୂଚନା ମୁତାବକ ଧର୍ମଶାଳା ଅବକାରୀ ଥାନା ଅଧିନସ୍ଥ ପଲାର ଗ୍ରାମର ଶତାଧିକ ମହିଳାମାନେ ଆଜି ଏକ ଶୋଭାଯାତ୍ରାରେ ହାତରେ ପ୍ଲାକାର୍ଡ ଧରିବା ସହିତ ବିଭିନ୍ନ ସ୍ଲୋଗାନ ଦେଇ ଜାରକାସ୍ଥିତ ଅବକାରୀ ଥାନାରେ ପହଁଚି ସେଠାରେ ଧାରଣା ଦେଇଥିଲେ। ପଲାର ଓ ଏହାର ଆଖପାଖ ଅଂଚଳରେ ବ୍ୟାପକ ଚୋରା ମଦ କାରବାର ହେଉଥିବାରୁ ପୁରୁଷ ଲୋକମାନେ ମଦ୍ୟପାନ କରି ଘରେ ମାରପିଟ କରୁଛନ୍ତି। ଏନେଇ କିଛିଦିନ ତଳେ ପାଲାର ଗ୍ରାମର ସ୍ୱୟଂସହାୟକ ଗୋଷ୍ଠିର ମହିଳାମାନେ ଅବକାରୀ ବିଭାଗ କାର୍ଯଯାଳୟ ଘେରାଉ କରି ଚୋରାମଦ କାରବାରକୁ ବନ୍ଦ କରିବାକୁ ଏକ ଦାବିପତ୍ର ଦେଇଥିଲେ। ପଲାର ଗ୍ରାମ ଓ ଏହାର ଆଖପାଖ ଅଂଚଳରେ ହେଉଥିବା ଚୋରାମଦ କାରବାର ବନ୍ଦ କରିବାକୁ ବିଭାଗ ପକ୍ଷରୁ ପ୍ରତିଶୃତି ଦିଆଯାଇଥିଲା। ହେଲେ ଏକମାସ ବିତିଯାଇଥିଲେ ମଧ୍ୟ ଚୋରାମଦ କାରବାର କରୁଥିବା ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ କାର୍ଯଯାନୁଷ୍ଠାନ ନହେବାରୁ ମହିଳାମାନେ ଧାରଣା ଦେଇଥିଲେ ।

## ବାଲିପଡ଼ିଆ ଯୁବକ ସଂଘର ବାର୍ଷିକ ଉତ୍ସବ

# ୪୦ ତମ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାର ପୁରସ୍କାର ବିତରଣ

ବାଲିଚନ୍ଦ୍ରପୁର ,(ସବ୍ୟୁ) :ସ୍ୱାଧିନତା ସଂଗ୍ରାମୀ ମାଟି ବାଲିପଡ଼ିଆ ଠାରେ ବାଲିପଡ଼ିଆ ଯୁବକ ସଂଘର ୫୩ତମ ବାର୍ଷିକ ଉତ୍ସବ ଓ ୪୦ତମ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଯୁବକ ସଂଘ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅତିଥି ମାନେ ଠକର ବାପା ଆଶ୍ରମ ଠାରେ ଜାତିର ଜନକ ମାହାତ୍ମାଗାନ୍ଧୀ, ପଣ୍ଡିତ ଗୋପବନ୍ଧୁ ଦାସ ଓ ସଂଗ୍ରାମୀ ସ୍ମାରକି ଠାରେ ପୁଷ୍ପମାଲ୍ୟ ଦେବା ସହିତ ଯୁବକ ସଂଘ ପ୍ରାଙ୍ଗଣରେ ଥିବା ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ଦିବଙ୍ଗତ ବଡ଼ଚଣାର ଗାନ୍ଧୀ ବୃନ୍ଦାବନ ତ୍ରିପାଠୀ, ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, ହରି ବାରିକ, ନୀଳମଣି ମଳିକ ଓ ଭାରତ ମାତାର ବରପୁତ୍ର ନେତାଜୀ ସୁବାଷ ଚନ୍ଦ୍ର ବୋସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଯୁବକ ସଂଘର ସଭାପତି ଦୀଲ୍ଲିପ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ପ୍ରାରମ୍ଭରେ ସଂଘର ପ୍ରଥମ ସଭାପତି ସ୍ୱର୍ଗତ ବିଷ୍ଣୁ ଚରଣ ପ୍ରଧାନଙ୍କ ସ୍ମୃତିରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ମୁଖ୍ୟଅତିଥି ଭାବେ ଇଷ୍ଟର୍ଣ୍ଣମିଡ଼ିଆର ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ ଯୋଗଦେଇ ସଂଗ୍ରାମୀ ମାଟି ବାଲିପଡ଼ିଆ ଠାରେ ୧୯୭୩ ମସିହାରୁ



ଗଠନ ହୋଇଥିବା ବାଲିପଡ଼ିଆ ଯୁବକ ସଂଘ ଦୀର୍ଘ ୫୩ ବର୍ଷ ଧରି ତାର କାର୍ଯ୍ୟକ୍ରମ ଜାରିରଖିବା ସହ ୪୦ ବର୍ଷ ଧରି ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ବଜାୟ ରଖିଥିବାରୁ ସଂଘର କର୍ମକର୍ତ୍ତାମାନଙ୍କୁ ସାଧୁବାଦ ଦେବା ସହ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଭାବେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଯୋଗଦେଇ ଏ ଅଂଚଳର ଯୁବପିଢି ମାନେ ୪୦ ବର୍ଷ ଧରି ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଚାଲୁରଖିଥିବାରୁ ସଂସ୍କୃତି ବିଭାଗ ସହ ଯୋଗାଯୋଗ କରି ଏ ଅନୁଷ୍ଠାନ କିପରି ଆଗକୁ ନିରବିଚ୍ଛନ୍ନ ଭାବେ ଚାଲୁରହିବ ସେ ପାଇଁ ବ୍ୟକ୍ତିଗତ ଭାବେ ଚେଷ୍ଟା କରିବି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ବଡ଼ଚଣା ବ୍ଲକର ବିଡ଼ିଓ ରବୀନ୍ଦ୍ର କୁମାର ପ୍ରଧାନ ଯୋଗଦେଇ ବାଲିପଡ଼ିଆ ଗ୍ରାମର ଏକ ମାତ୍ର ଚୋପଦାରି ଖେଳପଡ଼ିଆ ଉନ୍ନତି ପାଇଁ ଓ ଦୁଇଟି ମନ୍ଦିର ଭୋଗ ମଣ୍ଡପ ପାଇଁ ସରକାରୀ ଅର୍ଥ ବ୍ୟବସ୍ଥା କରାଯାଇଛ ବୋଲି କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଚଳଚିତ୍ର ଜଗତର ହାସ୍ୟ ଅଭିନେତା ପ୍ରଜ୍ଞା ଖଟୁଆ ଯୋଗଦେଇଥିଲେ । ଉତ୍ସବରେ ଯୁବକ ସଂଘ ପକ୍ଷରୁ ପୂର୍ବତନ କର୍ମକର୍ତ୍ତା ବିଜୟ କୁମାର ତ୍ରିପାଠୀ, ଅରକ୍ଷିତ ଦାଶ, ଧରଣୀଧର ପ୍ରଧାନ, ଚନ୍ଦ୍ରକାନ୍ତ ସାମଲ, ପରିକ୍ଷିତ ପୃଷ୍ଟି, ଗଣେଶ୍ୱର ପ୍ରଧାନ, ଗୋପିନାଥ ସାମଲ ତଥା ଉତ୍ସବରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ନାଟକ ପ୍ରତିଯୋଗିତାରେ ମା'ଲକ୍ଷ୍ମୀ ଡ୍ରାମାଟିକ କ୍ଲବ ତିଗିରିଆ ତାର ମଂଚସ୍ଥ ନାଟକ "ମୃତ୍ୟୁ ଦଣ୍ଡରେ ଶ୍ରେଷ୍ଠ ଦଳ ବିବେଚିତ ହୋଇଥିବା ବେଳେ ବାବା ମଧୁକେଶ୍ୱର ନାଟ୍ୟ ପରିଷଦ କଣ୍ଟିଗଡ଼ିଆ "ମୋ ହସ ତୁ ଲୁହରେ ତୁ' ମଂଚସ୍ଥ କରି ଦ୍ୱିତୀୟ, ମା'ଭୁବନେଶ୍ୱରୀ କଳାମନ୍ଦିର କମ୍ପଗଡ଼ "ଏମିତି କାହାଣି କେବେ ଶୁଣିନି' ମଂଚସ୍ଥ କରି ତୃତୀୟ ଦଳ ଭାବେ ବିବେଚିତ ହୋଇ ମଂଚାସିନ ଅତିଥି ମାନଙ୍କ ଠାରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ବିଜେତା କପ ଓ ନଗଦ ଅର୍ଥରାଶି ଗ୍ରହଣ କରିଥିଲେ । ଯୁବକ ସଂଘର ଉପସଭାପତି ସାମ୍ବାଦିକ ବିରୁପାକ୍ଷ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଂସ୍କୃତିକ ସମ୍ପାଦକ ଅନିରୁଦ୍ଧ ପ୍ରଧାନ ବିବରଣୀ ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲିପଡ଼ିଆ ସରପଂଚ ପ୍ରାଧାପକ କିଶୋର ଚନ୍ଦ୍ର ବେହୁରା, ପୂର୍ବତନ ସରପଂଚ ଅନିରୁଦ୍ଧ ସାମଲ ପ୍ରମୁଖ ସଂଘ ସମ୍ପର୍କରେ ନିଜର ମତପ୍ରକାଶ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଅଭିନେତ୍ରୀ ଓ ଅଭିନେତା ମାନଙ୍କୁ କପ ଓ ଉତ୍ତରୀୟ ଦେଇ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ ।ଶେଷରେ ଯୁବକ ସଂଘର ସମ୍ପାଦକ ସୁବାଷ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଇଓଙ୍କ କାର୍ଯ୍ୟାଳୟରେ ପ୍ରଶାସନିକ ଅଚଳାବସ୍ଥା:ବହୁ ପଦବୀ ଖାଲି

ନିଶ୍ଚିନ୍ତକୋଇଲି,(ସବ୍ୟୁ) : ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଛି । ବହୁ ପଦବୀ ଖାଲି ପଡିଥିଲେ ମଧ୍ୟ ପୂରଣ କରାଯିବା ଦିଗରେ ପ୍ରଶାସନିକ ସ୍ତରରେ କୌଣସି ଆନ୍ତରିକତା ପ୍ରକାଶ ପାଉନଥିବା କାରଣରୁ ଶିକ୍ଷକ ଶିକ୍ଷୟିତ୍ରୀ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦୀର୍ଘ ୧ବର୍ଷ ହେବ ୩ଟି ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ପଦବୀ ଖାଲି ପଡିଥିବା ବେଳେ ମୁଖ୍ୟ କିରାଣୀ,ବରିଷ୍ଠ କିରାଣୀ ଓ ଚପରାଶି ପଦବୀ ମଧ୍ୟ ଖାଲି ପଡିଛି । ବର୍ତ୍ତମାନ ୩ଜଣ ପ୍ରଧାନଶିକ୍ଷକ ଭାରପ୍ରାପ୍ତ ସହକାରୀ ଶିକ୍ଷାଧିକାରୀ ଭାବେ କାର୍ଯ୍ୟ ତୁଲାଉଥିଲେ ମଧ୍ୟ ସେମାନେ ସଠିକ ଭାବେ ଦାୟୀତ୍ୱ ନିର୍ବାହ କରିପାରୁନଥିବା ଅଭିଯୋଗ ହୋଇଛି ।ଯାହାଦ୍ୱାରା ଶିକ୍ଷା ବିଭାଗରେ ଶାସନ ଢିଲାପଣ ଯୋଗୁ ଶିକ୍ଷାଦାନ କ୍ଷେତ୍ରରେ ବ୍ୟାହାତ ଘଟୁଥିବାର ଜଣାଯାଇଛି । ଏହି ଶିକ୍ଷାଅଧିକାରୀ କାର୍ଯ୍ୟାଳୟରୁ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷ୍ମୀନାରାୟଣ ରାଉତ ଜୁନ ୨୦୨୪ରୁ ଅବସର ଗ୍ରହଣ କରିବା ପରେ ତାଙ୍କ ପଦବୀ ଖାଲି ରହିଥିଲା । ସେହିପରି ଭାବେ ଅନ୍ୟଜଣେ ମଣ୍ଡଳ ସହକାରୀ ଶିକ୍ଷାଧିକାରୀ ତଥା ବିଆରସିସି ଦାୟୀତ୍ୱରେ ଥିବା ପାର୍ବତୀ ନନ୍ଦ ଜାନୁଆରୀ ୨୦୨୫ରୁ ଅବସର ଗ୍ରହଣ କରିଥିଲେ ମଧ୍ୟ ତାଙ୍କ ପଦବୀ ମଧ୍ୟ ଖାଲି ରହିଛି । ସେହିପରି ଡିସେମ୍ବର ୨୦୨୪ରେ ମଣ୍ଡଳ ସହକାରୀ ଶିକ୍ଷାଧିକାରୀ ଅନ୍ନପୂର୍ଣ୍ଣା ପଣ୍ଡା କେନ୍ଦ୍ରାପଡା ସଦର ବ୍ଲକ ଶିକ୍ଷାଧିକାରୀ କାର୍ଯଯାଳୟକୁ ବଦଳୀ ହୋଇଥିଲେ ମଧ୍ୟ ତାଙ୍କ ସ୍ଥାନଟି ମଧ୍ୟ ଖାଲି ରହିଛି । ସେହିପରି ମୁଖ୍ୟ କିରାଣୀ ସମୀର କୁମାର ମହାନ୍ତି ଜୁଲାଇ ୨୦୨୫ରେ ଅବସର ଗ୍ରହଣ କରିଥିଲେ ମଧ୍ୟ ଅଦ୍ୟାବଧି ତାଙ୍କ ସ୍ଥାନରେ କେହି ନୂତନ ମୁଖ୍ୟ କିରାଣୀ ନିଯୁକ୍ତି ହୋଇନାହାନ୍ତି । ଦୀର୍ଘ ବର୍ଷ ହେବ ବରିଷ୍ଠ କିରାଣୀ ମଧ୍ୟ ଖାଲି ରହିଛି । ଏହି ୩ଟି ପଦବୀରେ ଫେବ୍ରୁଆରୀ ୨୦୨୫ରେ ସୁଶିଲ ଚକ୍ରବର୍ତ୍ତୀ ,ମାଚ୍ଚ ୨୦୨୫ରେ ପ୍ରଭାତ ବେହେରା ଓ ଜାକିର ହୁସେନଙ୍କୁ ଭାରପ୍ରାପ୍ତ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ଭାବେ ଦାୟୀତ୍ୱ ଦିଆଯାଇଥିଲା । ଏହି ୩ଜଣ ବର୍ତ୍ତମାନ ପ୍ରଧାନ ଶିକ୍ଷକ ଦାୟୀତ୍ୱ ତୁଲାଇବା ସହିତ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ଦାୟୀତ୍ୱ ତୁଲାଉଥିବା ଜଣାଯାଇଛି । ବର୍ତ୍ତମାନ କାର୍ଯ୍ୟରତ କନିଷ୍ଠ କିରାଣୀ ଅଭିରାମ ଦାସଙ୍କୁ ସାନ୍ତପୁର ଜୟନ୍ତୀଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରାପ୍ରାପ୍ତ କିରାଣୀ ଦାୟୀତ୍ୱ ଦିଆଯାଇଥିବାରୁ ସେ ମଧ୍ୟ ସଠିକ୍ ଭାବେ ତାଙ୍କ କାର୍ଯ୍ୟକୁ ତୁଲାଇପାରୁନଥିବା ଦେଖାଯାଇଛି । ଦୀର୍ଘ ବର୍ଷ ହେବ ଏହି କାର୍ଯଯାଳୟରେ କେହି ଚପରାଶି ନିଯୁକ୍ତି ନହେବାରୁ ମଲ୍ଲିପୁର ଅରବିନ୍ଦ ଉଚ୍ଚ ବିଦ୍ୟାଳୟର ଚପରାଶି ଏହି କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଜଣାଯାଇଛି । ତୁରନ୍ତ ଉକ୍ତ କାର୍ଯ୍ୟାଳୟରେ ୩ଜଣ ସ୍ଥାୟୀ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ,ଜଣେ ମୁଖ୍ୟ କିରାଣୀ, ଜଣେ ବରିଷ୍ଠ କିରାଣୀ ଓ ୨ଜଣ ଚପରାଶିଙ୍କୁ ନିଯୁକ୍ତି ଦେବା ପାଇଁ ଶିକ୍ଷାବିତ ମହଲରେ ଦାବି ହୋଇଛି ।ଅପରପକ୍ଷରେ ୪୧ଟି ଗ୍ରାମପଂଚାୟତକୁ ନେଇ ଗଠିତ ଏହି ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଦୈନନ୍ଦିନ ବହୁ ସଂଖ୍ୟାରେ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ତଥା ଛାତ୍ରାଭିଭାବକ ମାନେ ବିଭିନ୍ନ କାର୍ଯ୍ୟ ନିମନ୍ତେ ଆସି ଆର୍ଥୀକ ଖର୍ଚ୍ଚାନ୍ତର ଶୀକାର ହେଉଛନ୍ତି । କର୍ମଚାରୀ ଅଭାବରୁ କାର୍ଯ୍ୟ ହୋଇପାରୁନଥିବାରୁ ସମ୍ପୃକ୍ତ ବ୍ୟକ୍ତିମାନେ ନିରାଶରେ ଫେରିବାକୁ ବାଧ୍ୟ ହେଉଛନ୍ତି ।

## ଉଲ୍ଲାସ କାର୍ଯ୍ୟକ୍ରମ

ସାକ୍ଷୀଗୋପାଳ,(ସବ୍ୟୁ) :ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣ ପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉଲ୍ଲାସ କାର୍ଯ୍ୟକ୍ରମ ୨ ସଫଳତା ର ସହ ସମ୍ପନ୍ନ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ୧୮ ବର୍ଷ ରୁ ଉର୍ଦ୍ଧ୍ୱ ଅଣ ସାକ୍ଷର ପୁରୁଷ ଓ ମହିଳା ମାନେ ଅଂଶ ଗ୍ରହଣ କରିଥିଲେ ଓ ଭାଷା, ଲିଖନ ଓ ଅଙ୍କ ଜ୍ଞାନ ଉପରେ ଶୈକ୍ଷିକ ମୂଲ୍ୟାୟନ ନିମନ୍ତେ ପରୀକ୍ଷା ଦେଇ ଥିଲେ ।ସେମାନେ ସରକାର ଙ୍କ ର ଅଭିନବ ପଦକ୍ଷେପ କୁ ଭୂରୀ ଭୂରୀ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଆଗ୍ରହ ର ସହିତ ଶୈକ୍ଷିକ କାର୍ଯ୍ୟ ସମ୍ପାଦନ କରିଥିଲେ । ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରବି ନାରାୟଣ ମହାନ୍ତି ଏବଂ ସହକାରୀ ଶିକ୍ଷୟିତ୍ରୀ ମାଳବିକା ସଓ୍ୱାଇଁ ଏହି କାର୍ଯ୍ୟକ୍ରମ ଟିକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ।

# ଜନଶୁଣାଣି: ତୁଟିଲା ୪୯ଟି ମାମଲା

ଦଶପଲ୍ଲା,(ସବ୍ୟୁ): ଦଶପଲ୍ଲା ବ୍ଲକ ପରିସରରେ ନୟାଗଡ଼ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥ ଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳ ଙ୍କ ସହ ଜିଲ୍ଲା ଆରକ୍ଷୀ ଅଧିକ୍ଷକ। ଏସ ଶୁଶ୍ରୀ ,ଉପଜିଲ୍ଲାପାଳ କୃଷ୍ଣଦେ ସମାଦାର, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ,ସିଡିଓ ଜୀଲ୍ଲାପରିଷଦ ଲଗ୍ନଜିତ ରାଉତ ,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ପୁଷ୍ପା ନିଳିମା ଲାକ୍ରା ପ୍ରମୁଖ ଉପସ୍ଥିତ ଥିବାବେଳେ ବିଭିନ୍ନ ବିଭାଗ ର ଜିଲ୍ଲା ଓ ସ୍ଥାନୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଙ୍କ ଏହି ଜନଶୁଣାଣୀ ଶିବିର ରେ ସମୁଦାୟ ୧୩୭ ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ଏଥି ମଧ୍ୟରେ ୧୧୦ ଟି ବ୍ୟକ୍ତିଗତ ଅଭିଯୋଗ,୨୨ଟି ସାମୁହିକ ଗ୍ରାମୀଣ ଅଭିଯୋଗ,ଓ ମୁଖ୍ୟ ମନ୍ତ୍ରୀ ସାହାଯ୍ୟ ପାଣ୍ଠିପାଇଁ ୫ ଟି ଅଭିଯୋଗ ହୋଇଥିଲା । ଏଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ୪୯ ଟି ଅଭିଯୋଗ ତୁରନ୍ତ ସମାଧାନ କରାଯାଇଥିଲା । ଜିଲ୍ଲାପାଳ ଙ୍କ ନିକଟରେ ଅଭିଯୋଗ କରିବାପାଇଁ ଦଶପଲ୍ଲା ବ୍ଲକ ର ବିଭିନ୍ନ ପ୍ରାନ୍ତରୁ ବହୁ ଲୋକଙ୍କ ଜନସମାଗମ ହୋଇଥିବା ବେଳେ ଏହି ଅଭିଯୋଗ ମଧ୍ୟରେ ବାଇପାସ ରାସ୍ତା ପାଇଁ ଜମି ହରାଉଥିବା ଜମି ମାଲିକ ମାନଙ୍କୁ ଅଧିକ ଅର୍ଥ ପ୍ରଦାନ ପାଇଁ ଜିଲ୍ଲାପାଳ ଙ୍କ ନିକଟରେ ଅଭିଯୋଗ ହୋଇଥିଲା । ସେହିପରି ୨୦୧୭ ମସିହାରୁ ଓଡିଶା ବସ୍ତି ବାସିନ୍ଦା ଭୂମି ଅଧିକାର ଅଧିନିୟମ ୨୦୧୭ ଅନୁଯାୟୀ ଦଶପଲ୍ଲା ଏନ ଏ ସି ର ୧୨ ନଂ ୱାର୍ଡ଼ ରେ ଥିବା ହିତାଧିକାରୀ ମାନଙ୍କୁ ଯୋଗ୍ୟତା ପ୍ରମାଣ ପତ୍ର ମିଳିଥିଲେ ମଧ୍ୟ ସେମାନଙ୍କୁ ଅଦ୍ୟାବଧି ପଟା ପ୍ରଦାନ କରାଯାଇ ନଥିବା ଅଭିଯୋଗ ହୋଇଥିଲା । ଶାନ୍ତି ଶୃଙ୍ଖଳା ସହ ଏହି ଅଭିଯୋଗ ଶୁଣାଣି ହୋଇଥିବା ବେଳେ ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ ପାଇଁ ଅଭିଯୋଗ ପତ୍ର ଗୁଡିକୁ ବିଭାଗୀୟ ଅଧିକାରୀ ମାନଙ୍କୁ ପ୍ରଦାନ କରାଯାଇଛି । ଏହାର ସମାଧାନ ପାଇଁ ସମସ୍ତ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରାତଃ ଭ୍ରମଣକାରୀଙ୍କୁ ଧକ୍କା ଦେଲା କାର୍
# ୨ ମହିଳାଙ୍କ ସମେତ ୩ ମୃତ, ଜଣେ ଗୁରୁତର



ପିପିଲି ,(ସବ୍ୟୁ) : ସୋମବାର ଭୋର ସାଢେ ପାଞ୍ଚଟା ସମୟରେ ପିପିଲି ଥାନା ଅନ୍ତର୍ଗତ କୌଶଲ୍ୟାଗଙ୍ଗ (ସିଫା )ଠାରେ ଏକ କାର ଧକ୍କାରେ ପ୍ରାତ ଭ୍ରମଣରେ ଯାଉଥିବା ଦୁଇ ମହିଳାଙ୍କ ସମେତ ଜଣେ କାର ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି । ଘଟଣା ସ୍ଥଳରୁ ଜଣାଯାଏ ଭୁବନେଶ୍ୱର -ପୁରୀ ଜାତୀୟ ରାଜପଥରେ ପୁବାଶାସନ ଅନମଲ କଲେଜ ନିକଟ ଏକ କଲୋନୀର ବିଦ୍ୟୁତଲତା ସାହୁ (୬୦),ଦୀପାଞ୍ଜଳି ରାଉତ(୩୮) ନାମ୍ନୀ ଦୁଇ ଜଣ ମହିଳା ଏବଂ ଅନ୍ୟ ଜଣେ ବ୍ୟକ୍ତି ପ୍ରାତ ଭ୍ରମଣରେ ଯାଉଥିବା ସମୟରେ ଓଡି୦୨ବିଜି ୧୯୯୪ ନମ୍ବର କିଆ ସେଲଟସ କାର ଦ୍ରୁତଗତିରେ ପୁରୀ ଆଡକୁ ଯାଉଥିବା ବେଳେ ଉକ୍ତ ଭ୍ରମଣକାରୀଙ୍କୁ ଧକ୍କା ଦେଇ ଏକ ବିଦ୍ୟୁତ ଖୁଣ୍ଟରେ ପିଟିହୋଇ ରାସ୍ତା ପାର୍ଶ୍ୱରେ ନଏନଜୋରରେ ଥିବା ପାଣୀ ଭିତରେ ପଶି ଯାଇଥିଲା । ଫଳରେ ଦୁଇ ମହିଳାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହେବା ସହ କାର ଭିତରେ ଥିବା ଚାଳକଙ୍କର ମୃତ୍ୟୁ ହୋଇଛି । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଜଣେ ମହିଳାଙ୍କର ଗୋଡ ଜଙ୍ଘ ଠାରୁ ସମ୍ପୂର୍ଣ୍ଣ ଛିଣ୍ଡି ଅଲଗା ହୋଇଯାଇଛି । ଖବର ପାଇ କୌଶଲ୍ୟାଗଙ୍ଗ ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ମହାରଣା ଏବଂ ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଘଟଣା ସ୍ଥଳରେ ପହଂଚି ସ୍ଥାନୀୟ ଲୋକଙ୍କ ସହଯୋଗ ରେ ମୃତ ଏବଂ ଆହତଙ୍କୁ ଉଦ୍ଧାର କରି ଭୁବନେଶ୍ୱର ମୁଖ୍ୟ ଡାକ୍ତରଖାନା କୁ ପଠାଇଥିଲେ ଏବଂ ଦୁର୍ଘଟଣାଗ୍ରସ୍ତ କାରକୁ କ୍ରେନ ଦ୍ୱାରା ଉଠାଇ ଜବତ କରିଛନ୍ତି । ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଛନ୍ତି । ଭୁବନେଶ୍ୱର ମୁଖ୍ୟ ଚିକିତ୍ସାଳୟ ରେ ମୃତକଙ୍କ ଶବ ବ୍ୟବଚ୍ଛେଦ ପରେ ସତ୍କାର ନିମନ୍ତେ ପରିବାରକୁ ହସ୍ତାନ୍ତର କରାଯାଇଅଛି । ମୃତ ବିଦ୍ୟୁତଲତାଙ୍କ ନିଜ ଘର ଧଉଲି ଥାନା ବାସନ୍ତପୁର, ଦୀପାଞ୍ଜଳୀଙ୍କ ଘର ଯାଜପୁର ଜିଲ୍ଲା ଏବଂ ଚାଳକ ରୋନୋକ( ୧୯) ଙ୍କ ଘର ରାଜସ୍ଥାନ ପିଲାନି ଅଂଚଳରେ ବୋଲି ଜାଣିବାକୁ ମିଳିଛି । ମହିଳା ଦ୍ୱୟ ଅନମୋଲ କଲେଜ ପାର୍ଶ ଏକ କଲୋନୀରେ ରହୁଥିଲେ ।

# କାକଟପୁରରେ ଇଫ୍‌ତାର ପାର୍ଟି




କାକଟପୁର ,(ସବ୍ୟୁ) :ପବିତ୍ର ରମଜାନ ମାସ ଉପଲକ୍ଷେ କାକଟପୁର ସାଇ ମଣ୍ଡପ ଠାରେ ବିଜୁ ଜନତା ଦଳ ପକ୍ଷରୁ ଏକ ଇଫତାର ପାର୍ଟି ଆୟୋଜିତ ହୋଇଥିଲା । ଏଥିରେ ପୁରୀଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଯୁବ ନେତା ହିମାଂଶୁ ଭୁଷଣ ଦୀକ୍ଷିତ,ବ୍ଲକ ସଭାପତି ପ୍ରାଣ କୃଷ୍ଣ ମଲ୍ଲିକ,ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜ୍ୟୋର୍ତିମୟୀ ଦଳାଇ,ସରଫରାଜ ଖାଁ, ଗୋଲାମ ରସୁଲ ଖାଁ,ଅସରଫ ଫୁଲ ମୁରସିଦ ଅଲ୍ଲୀ ସାହା, ଲିଙ୍ଗରାଜ ଚାନ୍ଦ,ସୁକାନ୍ତ ନାୟକ, ସେକ ପ୍ୟାରା ସମେତ କଟକଣା, ରସୁଲପୁର, ଭଣ୍ଡାଘର, ମୂଳାଗଡ଼, ସୁହାଣପୁର ଅଞ୍ଚଳ ର ଶତାଧିକ ମୁସଲିମ ଭାଇ ମାନେ ଯୋଗଦେଇ ଥିଲେ । ଏହି ରମଜାନ ମାସ ଏକ ମାସ ଧରି ଚାଲୁରହିଥାଏ, ମୁସଲିମ ଭାଇ ଭଉଣୀ ମାନେ ଓଷା ବ୍ରତ କରି ଉପାସ ରହିଥାନ୍ତି । ଏହି ଇଫତାର ପାର୍ଟି ରେ ମୁସଲିମ ମାନେ ଏକାଠି ହୋଇ ନମାଜ ପାଠ କରିଥିଲେ ଓ ପରେ ସମୂହ ଏକାଠି ବସି ପାନୀୟ ଦହି ପଣା ,ଫଳ ଓ ମିଷ୍ଟାନ୍ନ ପରସ୍ପର ମଧ୍ୟରେ ବଣ୍ଟନ କରିଥିଲେ । କାକଟପୁର ରେ ହିନ୍ଦୁ ମୁସଲିମ ମଧ୍ୟରେ ଏ ହେଉଛି ଏକ ନିଆରା ପରମ୍ପରା । ଶାନ୍ତି ଶୃଙ୍ଖଳା ର ସହ ପାର୍ଟି ସମାପ୍ତ ହୋଇଥିଲା ଝ ଦୀର୍ଘ ୨୫ ବର୍ଷ ଧରି ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଏହି ଇଫିତାର ପାର୍ଟି ପାଳନ କରାଯାଉଛି ।

## ଆଞ୍ଚଳିକ ରାମଲୀଳା ସମିତି: ଅପ୍ରେଲ ୩ରୁ ରାମଲୀଳା

ବାରଙ୍ଗ,(ସବ୍ୟୁ) :ଆଞ୍ଚଳିକ ରାମଲୀଳା ସମିତିର ଚଳିତ ବର୍ଷର ବାର୍ଷିକ ସାଧାରଣ ପରିଷଦର ବୈଠକ ମୁଣ୍ଡମୁହାଣ ଗ୍ରାମସ୍ଥିତ ମା ବିଲ ବଣିଆନିଙ୍କ ପୀଠରେ ସୋମବାର ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ଆଂଚଳିକ ରାମଲୀଳା ସମିତିର କାର୍ଯକାରୀ ସଭାପତି ସୁରେଶ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମିତିର ସାଧାରଣ ସମ୍ପାଦକ ଅରୁଣ କୁମାର ସାହୁ ଆୟବ୍ୟୟର ଉପସ୍ଥାପନା କରିବା ସହ ସମ୍ପାଦକ ଦିବାକର ମୁଦୁଲି ଚଳିତ ବର୍ଷର କାର୍ଯ୍ୟସୂଚୀ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଚଳିତମାସ ୨୭ ତାରିଖ ରାମନବମୀରେ ଆଂଚଳିକ ରାମଲୀଳା ସମିତିର ପ୍ରାଥମିକ କାର୍ଯ୍ୟ ପରମ୍ପରା ଅନୁସାରେ କଳସ ଯାତ୍ରା ଅନୁଷ୍ଠିତ ହେବ। ଅପ୍ରେଲ ୩ ରୁ ୮ ତାରିଖ ପର୍ଯ୍ୟନ୍ତ ବିଶ୍ୱଶାନ୍ତି ମହାଯଜ୍ଞ ସହିତ ରାମଲୀଳା ପରିବେଷଣ କରାଯିବ।ଚଳିତବର୍ଷ ମୁଣ୍ଡମୁହାଣ, ମଧୁପୁର, ଫୁଲପୋଖରି, ନୂଆପାଟଣା, ଓ ଉରାଳୀ ରାମଲୀଳା ସମିତିକୁ ନେଇ ସର୍ବମୋଟ ୫ ଟି ଅନୁଷ୍ଠାନ ରାମଲୀଳା ପରିବେଷଣ କରିବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି ବୋଲି ସହ ସମ୍ପାଦକ ବାବୁଲି ବାରିକ ସୂଚନା ଦେଇଥିଲେ। କୋଷାଧ୍ୟକ୍ଷ ଉପେଶ ପାଳ ନୂତନ ଭାବରେ ସାମିଲ ହୋଇଥିବା ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ, ତ୍ରୈଲୋକ୍ୟ ରାଉ୍ତ, ସୁରେନ୍ଦ୍ର ବିଶ୍ୱାଳ, ଲକ୍ଷ୍ମୀଧର ବାରିକ, ଦଉକିଶୋର୍ ଜେନା, ସୈମ୍ୟରଞ୍ଜନ ସ୍ୱାଇଁ, ବାବୁଲି ସଓ୍ୱାଇଁ, ବିଜୟ ରାଉ୍ତ, ଛବିନ୍ଦ୍ର ସ୍ୱାଇଁ, ଶ୍ୟାମ ସୁନ୍ଦର ସେଠୀ, ଅକ୍ଷୟ ବେହେରାଙ୍କ ସମେତ ୫୦ ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦାନ କରି ବିଭିନ୍ନ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।ଶେଷରେ ବରିଷ୍ଠ ସଦସ୍ୟ ତଥା ଉପଦେଷ୍ଟା ବିଜୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ସର୍ଟ ସର୍କିଟ ଯୋଗୁଁ ଦୋକାନରେ ନିଆଁ, ଜଳିଗଲେ ବାପ-ପୁଅ

ବୋଲଗଡ଼,(ସବ୍ୟୁ): ବୋଲଗଡ ବ୍ଲକ ଓ ବେଗନିଆଁ ଥାନା ଅନ୍ତର୍ଗତ ସାନପଦର ଗାଁରେ ଅଘଟଣ । ଦୋକାନ ଭିତରେ ଜଳିଗଲେ ବାପା ଓ ପୁଅ । ବାପା ହେଉଛନ୍ତି ରାଜେଶ କୁମାର ସାହୁ(୫୭) ଏବଂ ପୁଅ ଲକ୍ଷ୍ମୀଧର ସାହୁ(୨୪)। ଉଭୟ ସାନପଦର ଗ୍ରାମ ଅବଧୂତ ଆଶ୍ରମ ଛକରେ ଚା ଦୋକାନ ସହିତ ଭେରାଇଟି ଷ୍ଟୋର କରିଥିଲେ। ସବୁଦିନ ପରି ଉଭୟ ନିଜର ଦୈନିକ ବେପାର ସାରିବା ପରେ ଦୋକାନ ଘରେ ଶୋଇ ରୁହନ୍ତି। ତେବେ ଗତକାଲି ବିଳମ୍ବିତ ରାତିରେ ଦୋକାନ ଭିତରେ ଉଭୟ ବାପା ଆଉ ପୁଅ ଶୋଇଥିଲେ। ଶୋଇଥିବା ଅବସ୍ଥାରେ ଦୋକାନ ଭିତରେ ନିଆ ଲାଗିଯାଇଥିବାରୁ ଦୋକାନ ଭିତରେ ଥିବା ବିସ୍କୁଟ , ପାଉଁରୁଟି, ପେଟ୍ରୋଲ ସହିତ ଅନ୍ୟାନ୍ୟ ଜିନିଷ ପତ୍ର ପୋଡି ଯାଇଥିବା ବେଳେ ଉଭୟ ବାପ ଓ ପୁଅ ଶ୍ୱାସରୁଦ୍ଧ ସହିତ ଜଳି ଯାଇ ଥିବା ଦେଖିବାକୁ ମିଳିଛି। ସକାଳୁ ସେହି ଦୋକାନ ଘର ଭିତରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ସାଙ୍ଗେ ସାଙ୍ଗେ ଦୋକାନ ଆଜେବେଷ୍ଟ ଭାଙ୍ଗି ଉପରୁ ଦେଖିବା ବେଳକୁ ଉଭୟ ବାପା ଓ ପୁଅ ଜଳି ଯାଇଥିଲେ। ତେବେ ପରିବାର ଲୋକ ପହଞ୍ଚି ପୋଲିସକୁ ଖବର ଦେବା ପରେ ବେଗୁନିଆ ପୋଲିସ ଘଟଣା ସ୍ଥଳରେ ପହଁଚିଥିଲା। ପରେ ଖବର ପାଇ ବୋଲଗଡ ତହସିଲଦାର , ଖୋର୍ଦ୍ଧା ଡିଏସପି , ଅଗ୍ନିଶମ ବିଭାଗ, ସାଇଣ୍ଟିଫିକ ଟିମ ଓ ବେଗୁନିଆ ଥାନା ଅଧିକାରୀ ସହିତ ପୋଲିସ ଉପସ୍ଥିତ ରହି ଦୋକାନ ଘର କବାଟ କାଟି ଉଭୟ ବାପ ଓ ପୁଅଙ୍କ ଶବ ଜବତ ସହିତ ତଦନ୍ତ ଆରମ୍ଭ କରିଛି। ସେପଟେ ଅଗ୍ନିକାଣ୍ଡର କାରଣ ଏବଂ ମୃତ୍ୟୁର କାରଣ ବିଦ୍ୟୁତ ସର୍ଟ ସର୍କିଟ ହେତୁ ବୋଲି ଅନୁମାନ କରାଯାଉଛି। ତେବେ ଘଟଣା କେମିତି ଘଟିଲା ତାହା ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ବେଗୁନିଆ ପୋଲିସ ସୂଚନା ଦେଇଛନ୍ତି । ବେଗୁନିଆ -ବୋଲଗଡ଼ ବିଧାୟକ ପ୍ରଦୀପ କୁମାର ସାହୁ ଅଗ୍ନିକାଣ୍ଡ ଘଟି ପ୍ରାଣ ହରାଇଥିବା ବିଷୟରେ ଜାଣି ମୁଁ ଦୁଃଖିତ। ଦୁହିଁଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିବା ସହିତ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ସମବେଦନା ଜଣାଉଛି ସାନପଦର ସରପଞ୍ଚ ବୈକୁଣ୍ଠ ଚରଣ ସଓ୍ୱାଇଁ, ସମିତି ସଭ୍ୟ ଦିଲ୍ଲୀପ କୁମାର ମହାପାତ୍ର ଅଗ୍ନିକାଣ୍ଡସ୍ଥଳରେ ପହଞ୍ଚି ଦୁହିଁଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରି ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ସମବେଦନା ଜଣାଇ ଶୀଘ୍ର ତାଙ୍କ ପରିବାରକୁ ସରକାର ଙ୍କ ତରଫରୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଦାବୀ କରିଛନ୍ତି ଏହି ଘଟଣାକୁ ନେଇ ସାନପଦର ଗ୍ରାମରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି ।

# ନହରପଦାରେ ବାର୍ଷିକ ଲଉ ଉତ୍ସବ

ଫୁଲନଖରା,(ସବ୍ୟୁ):କଟକ ଜିଲ୍ଲାର ନହରପଦା ଗ୍ରାମରେ ମା ସିଦ୍ଧ ଖଣ୍ଡୁଆଳି ଲଉ ସଂଘର ଆନୁକୂଲ୍ୟରେ ବାର୍ଷିକ ଲଉ ଉତ୍ସବ ଗ୍ରାମ ମେଳଣ ପଡିଆ ଠାରେ ଶାନ୍ତି ଓ ଶୃଙ୍ଖଳାର ସହ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ନହରପଦା, ଭଦିମୂଳ, ନୂଆକୋରୁଆ ସହ ଜଗତସିଂହପୁର ଜିଲ୍ଲାର ବାସେନ୍ଦେରା ଓ ମଙ୍ଗୁଳି ଯାଦବ ସଂଘର ମୋଟ ପାଞ୍ଚଟି ଲଉ ଦଳ ଅଂଶଗ୍ରହଣ କରି ନୃତ୍ୟସଙ୍ଗୀତ ମାଧ୍ୟମରେ ଦର୍ଶକମାନଙ୍କୁ ମନୋରଞ୍ଜନ ଯୋଗାଇଥିଲେ। ଉତ୍ସବରେ କଟକ ସଦର ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଭାଗ୍ୟଲକ୍ଷ୍ମୀ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂସ୍କୃତିକ ପରମ୍ପରାର ସୁରକ୍ଷା ଓ ପ୍ରଚାରରେ ଏପରି କାର୍ଯ୍ୟକ୍ରମର ଭୂମିକାକୁ ଉଲ୍ଲେଖ କରିଥିଲେ। ସମ୍ମାନୀୟ ଅତିଥି ଭାବେ ରାଜ୍ୟ ହିନ୍ଦୁ ସେନା ସଭାପତି ସମୀର କୁମାର ପଣ୍ଡା, ସ୍ଥାନୀୟ ସରପଞ୍ଚ ଶିଶିର କୁମାର ରାଉତ, ସମିତି ସଭ୍ୟ ଜୟନ୍ତ ଦାସ, ବିନୋଦ ବେହେରା, ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ବୀରବର ଲେଙ୍କା ଓ ୱାର୍ଡ ମେମ୍ବର ଭାଗ୍ୟଧର ମହାନ୍ତି ସହ ଅନେକ ସ୍ଥାନୀୟ ଗଣ୍ୟମାନ୍ୟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ। ଏହାସହ କଟକ ଜିଲ୍ଲା ଯାଦବ ମହାସଭାର ସଭାପତି ସମର ବେହେରା, ସମ୍ପାଦକ ତୀର୍ଥବାସୀ ବେହେରା, ୪୨ମୌଜା ସମ୍ପାଦକ ପ୍ରସନ୍ନ କୁମାର ବେହେରା, କୋଷାଧ୍ୟକ୍ଷ ମନୋରଞ୍ଜନ ବେହେରା ଓ ଅନ୍ୟାନ୍ୟ ସଂଗଠନ କର୍ମୀମାନେ କାର୍ଯ୍ୟକ୍ରମକୁ ସଫଳ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଗ୍ରାମବାସୀଙ୍କ ଉତ୍ସାହପୂର୍ଣ୍ଣ ସହଯୋଗ ଓ ସଂଘର ସୁଚାରୁ ପରିଚାଳନାରେ ଏହି ବାର୍ଷିକ ଲଉ ଉତ୍ସବ ଏକ ସାଂସ୍କୃତିକ ମେଳାର ରୂପ ନେଇଥିଲା, ଯାହା ଅଞ୍ଚଳର ସାମୁଦାୟିକ ଏକତାକୁ ଆହୁରି ମଜବୁତ କରିଥିବା ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।

# ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ
# ହା କୃଷ୍ଣ ବୋଲି ଜାଉ ଜୀବ ଚାମ୍ପିଅନ

କାକଟପୁର,(ସବ୍ୟୁ): କାକଟପୁର ବ୍ଲକ ଅଧିନସ୍ଥ ଜଳେଶ୍ୱର ପଡା ଗ୍ରାମ ପଞ୍ଚାୟତ ଶୁକପୋଖରୀ ସତ୍ୟନାରାୟଣ ଯୁଥ କ୍ଲବର (୩୬) ତମ ବାର୍ଷିକ ଉତ୍ସବ ଓ (୨୬) ତମ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଉକ୍ତ ଉଦଯାପନୀ ଉତ୍ସବରେ କ୍ଲବର ସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳଙ୍କ ଅଧ୍ୟକ୍ଷତା ରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ସାଂସଦଙ୍କ ପୁରୀଜିଲ୍ଲା ପ୍ରତିନିଧି ସୁଦର୍ଶନ ସଓ୍ୱାଇଁ, ସମ୍ମାନୀତ ଅତିଥି ଭାବେ କାକଟପୁର ବ୍ଲକ ସାଂସଦଙ୍କ ପ୍ରତିନିଧି କୈଳାଶ ଚନ୍ଦ୍ର ନାୟକ, ସମାଜସେବୀ ଇଂ ମଙ୍ଗଳା ପ୍ରସାଦ ପରିଡା, ସମାଜସେବୀ ଶିବ ଚରଣ ନାୟକ, ବିଷ୍ଣୁ ଚରଣ ବେହେରା ପ୍ରମୁଖ ଯୋଗ ଦେଇ ଆମ ପ୍ରତିଭା ଓ ବିଚିତ୍ରାନନ୍ଦ ସାହୁ ସ୍ମାରକୀ ଆମ ସୁନାବୋହୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାରେ ଗୋବିନ୍ଦପୁର ପାରାଦ୍ୱୀପର ମା ମଙ୍ଗଳା ପପି ୟଙ୍ଗଷ୍ଟାର କଳାକାର ମାନଙ୍କ ଦ୍ୱାରା ନାଟକ ହା କୃଷ୍ଣ ବୋଲି ଯାଉ ଯିବ ମଞ୍ଚସ୍ଥ କରାଯାଇ ନାଟକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ୫୦ ହଜାର ପୁରସ୍କାର ରାଶି ସହିତ ଟ୍ରଫି ଏବଂ ଗୋଖିବାବା ସାଂସ୍କୃତିକ ପରିଷଦ, ଭୁବନେଶ୍ୱର ଦ୍ୱାରା ମଞ୍ଚସ୍ଥ କିଏ କାନ୍ଦିନାହିଁ ହାତଟେକ ଦିତୀୟ ସ୍ଥାନ ଅଧିକାର କରି ୩୦ ହଜାର ପୁରସ୍କାର ରାଶି ସହିତ ଟ୍ରଫି ଗ୍ରହଣ କରିଥିଲେ । ବିଚାରକ ଭାବେ ବରିଷ୍ଠ ବିଚାରକ ପ୍ରତାପ ରାଉତ ଏବଂ ରାଜଗୁରୁ ବିଜୟ କୁମାର ଦାଶ ଦାୟିତ୍ୱ ନେଇଥିବାବେଳେ ପୁରସ୍କାର ବିତରଣ ଉତ୍ସବରେ ଅନୁଷ୍ଠାନର ସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ଉପଦେଷ୍ଟା ଛବି ପରିଡା, ଆଲୋକ ପରିଡା, ଦୁର୍ଗାଚରଣ ମହାନ୍ତି, ପ୍ରତାପ ଦାଶ, ହରେକୃଷ୍ଣ ସେଣ, କାଳନ୍ଦୀ ଜେନା, ମିଲନ ନାୟକ, ଅକ୍ଷୟ ସାହୁ, ପ୍ରମୁଖ ଯୋଗଦେଇଥିଲେ । ସମ୍ପାଦକ ଚିତ୍ତରଞ୍ଜନ ମିଶ୍ର ଏବଂ ଉପଦେଷ୍ଟା ଅଭୟ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ ଝ ଏହି ମୁକ୍ତ ମଞ୍ଚ ନାଟକ ଦେଖିବା ପାଇଁ କାକଟପୁର ନିର୍ବାଚନମଣ୍ଡଳୀର ହଜାର ହଜାର ଦର୍ଶକଙ୍କ ଭିଡ଼ ଜମି ରହିଥିଲା

# ରକ୍ତମୁଖା ହନୁ ଆତଙ୍କର ଅନ୍ତ: ବନ ବିଭାଗ ପକ୍ଷରୁ ଟ୍ରାଙ୍କୁଲାଇଜ



ନିରାକାରପୁର,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳରେ ଦୀର୍ଘ ଦିନ ଧରି ଚାଲିଥିବା ମାଙ୍କଡ଼ ଆତଙ୍କରେ ଶେଷରେ ବିରାମ ଲାଗିଛି। ୩୦ରୁ ଅଧିକ ଲୋକଙ୍କୁ କାମୁଡ଼ି ରକ୍ତାକ୍ତ କରିଥିବା ଏକ ହିଂସ୍ର ରକ୍ତମୁଖା ହନୁ ମାଙ୍କଡ଼କୁ ଆଜି ବନ ବିଭାଗ ସଫଳତାର ସହ କାବୁ କରିଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଏକ ବଡ଼ ଆଶ୍ୱସ୍ତି ଦେଖାଦେଇଛି।ବିଗତ କିଛି ଦିନ ହେବ ଏହି ହିଂସ୍ର ମାଙ୍କଡ଼ଟି ନିରାକାରପୁର ଓ ଏହାର ଆଖପାଖ ସାହିରେ ଉନ୍ମତ୍ତ କାଣ୍ଡ ଭିଆଇଥିଲା। ଅତର୍କିତ ଭାବେ ଲୋକଙ୍କୁ ଆକ୍ରମଣ କରି ଗୁରୁତର କରିଥିବାରୁ, ଭୟରେ ଲୋକେ ଘରୁ ବାହାରିବାକୁ ପଛାଉଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ବନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଅପରେସନ ଆରମ୍ଭ ହୋଇଥିଲା। ନିରାକାରପୁର ନରେନ୍ଦ୍ରପୁର ସାହି ନିକଟସ୍ଥ ଏକ ଚାଷ ଜମିରେ ମାଙ୍କଡ଼ଟି ଥିବା ନେଇ ବନ ବିଭାଗ ସୂଚନା ପାଇଥିଲା। ଫରେଷ୍ଟର ଦୁଃଶାସନ ନାୟକଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଟିମ ଘଟଣାସ୍ଥଳରେ ପହଞ୍ଚି ଟ୍ରାଙ୍କୁଲାଇଜର (ନିଶା ଗୁଳି) ପ୍ରୟୋଗ କରି ମାଙ୍କଡ଼କୁ ଅଚେତ କରିଥିଲେ। ମାଙ୍କଡ଼ଟି ଅଚେତ ହେବା ପରେ ତାକୁ ଏକ ସୁରକ୍ଷିତ ବସ୍ତାରେ ଭର୍ତ୍ତି କରି ଟାଙ୍ଗୀ ବନାଞ୍ଚଳ କାର୍ଯ୍ୟାଳୟକୁ ନିଆଯାଇଛି।ଟାଙ୍ଗୀ ବନାଞ୍ଚଳ ଅଧିକାରୀ ତଥା ଏସିଏଫ ଦେବାଶିଷ ଭୋଇ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଧରାଯାଇଥିବା ମାଙ୍କଡ଼ଟିକୁ ବର୍ତ୍ତମାନ ହେପାଜତରେ ରଖାଯାଇଛି। ପ୍ରଥମେ ତାର ଆବଶ୍ୟକୀୟ ଚିକିତ୍ସା କରାଯିବ ଏବଂ ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ତାକୁ କୌଣସି ଏକ ସୁରକ୍ଷିତ ପ୍ରାକୃତିକ ଜଙ୍ଗଲରେ ଛାଡ଼ି ଦିଆଯିବ।ବନ ବିଭାଗର ଏହି ତତ୍ପରତା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ବିଭାଗୀୟ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି।

# ଏବିସି ଅକ୍ସଫର୍ଡ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ




ନିମାପଡା,(ସ.ବ୍ୟୁ) ନିମାପଡା ଠାର ଥିବା ଏବିସି ଅକ୍ସଫର୍ଡ ଇଂଟରନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ ଆଜି ସଂଧ୍ୟାରେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ନିମାପଡା କଲେଜର ଅଧାପକ ମାନସ କୁମାର ସ୍ୱାଇଁ,ସମ୍ମାନୀତ ଅତିଥିଭାବେ ଶିକ୍ଷାବିତ୍ ନିର୍ମଳ କୁମାର ମିଶ୍ର,ଅକ୍ସଫର୍ଡ ସ୍କୁଲର ଡାଇରେକ୍ଟର ଦେବୀ ପ୍ରସନ୍ନ ମହାନ୍ତି,ଅକ୍ସଫର୍ଡ ସ୍କୁଲର ଚେୟାରମ୍ୟାନ ରୀନା ବାଳା ମଲ୍ଲିକ,ସଂପାଦକ ଟିଟୁ ମଲ୍ଲିକ,ନିଆଳୀ ଅକ୍ସଫର୍ଡ ସ୍କୁଲର ଅଧ୍ୟକ୍ଷ ବିୟତ ବିହାରୀ ମିଶ୍ର,ନିମାପଡା ଅକ୍ସଫର୍ଡ ସ୍କୁଲର ଅଧ୍ୟକ୍ଷ ବନମାଳୀ ପାଣି,ପ୍ରଧାନ ଶିକ୍ଷୟତ୍ରୀ ଲିପ୍ସା ପ୍ରଧାନ ପ୍ରମୁଖ ଯୋଗ ଦେଇ ପାଠପଢି ଭଲ ମଣିଷ ହେବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଭିନ୍ନ ବିଭାଗରେ ଭାଗ ନେଇ କୃତିତ୍ୱ ହାସଲ କରିଥିବା ସ୍କୁଲର ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉକ୍ତ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ, ବୁଦ୍ଧିଜୀବୀ,ଶିକ୍ଷାବିତ୍ ପ୍ରମୁଖ ଯୋଗ ଦେଇଥିଲେ ।

## ମେଗା ରକ୍ତଦାନ ଶିବିର

ବାରଙ୍ଗ ,(ସବ୍ୟୁ) :ବାରଙ୍ଗ ଫୁଲପୋଖରି ନିକଟସ୍ଥ ଏକ ଘରୋଇ ମଣ୍ଡପରେ ସଚ୍ଛୋସେବୀ ଅନୁଷ୍ଠାନ ସମର୍ପଣ ର ଆନୁକୂଲ୍ୟରେ ଏକ ସେଓ୍ୱଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଅତିରିକ୍ତ ଡେପୁଟି କମିଶନର ଅଫ ପୋଲିସ ରଣଜ୍ଵି କୁମାର୍ ପୃଷ୍ଟି ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥଲେ।ଉତ୍କଳ ସମ୍ମିଳନୀର ରାଜ୍ୟ ସମ୍ପାଦକ ଡ ଦିଲ୍ଲୀପ କୁମାର ଦାସଶର୍ମା, ବରିଷ୍ଠ ଆଇନଜିବୀ ସୌରୀ ମହାପାତ୍ର, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଚଳଚିତ୍ର ତାରକା ସବ୍ୟସାଚୀ ମହାପାତ୍ର, ଭାରତୀୟ ରେଡ କ୍ରସ ସୋସାଇଟୀ ଯୁବ ରେଡ କ୍ରସର କାଉନସେଲର ସୁରେଶ ନାହାନ୍ତି, ବାରଙ୍ଗ ଶାନ୍ତି କମିଟିର ଉପ ସଭପତି ବିଜୟ କୁମାର ପଣ୍ଡା ,କଟକ ମହାନଗର ପୂଜା କମିଟିର ସଧାରଣ ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ, ଭାରତୀୟ ଜନତା ପାର୍ଟି କଟକ ଜିଲ୍ଲାର ସଭାପତି ସୁକାନ୍ତ ବିଶ୍ୱାଳ,ଜୋନ ୪ ଏ ସି ପି ଅମିତାଭ ମହାପାତ୍ର, ବାରଙ୍ଗ ଥାନାର ଆଇ ଆଇ ସି ଦେବେନ୍ଦ୍ର ବିଶ୍ୱାଳ, ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଆଦି ଶିବିରରେ ଯୋଗଦାନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥଲେ । ସୁରକ୍ଷିତ ଭାବରେ ରକ୍ତ ସଂଗ୍ରହ ପାଇଁ , ସେଣ୍ଟ୍ରାଲ ରେଡ କ୍ରସ କଟକ ଓ ଭୁବନେଶ୍ୱର, ଏସ ସି ବି ମେଡିକାଲ, କ୍ୟାପିଟାଲ ହସ୍ପିଟାଲର, ଏମ୍ସ , କିମ୍ସ, ଓ ବି ଏମ ସି ର ଡାକ୍ତରଙ୍କ ସହିତ ତାଙ୍କର ଟିମ ସହଯୋଗ କରିଥିଲେ।ଶିବିରରୁ ମୋଟ ୧୨୬୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ସମର୍ପଣର ଚେୟାରମ୍ୟାନ ପ୍ରଭାତ ପ୍ରଧାନ ଓ ତାଙ୍କର ସହଧର୍ମିଣୀ ସମ୍ପୂର୍ଣ୍ଣ କାର୍ଯ୍ୟକୁ ପରିଚାଳନା କରି ଥିଲେ। ସମର୍ପଣ ସଙ୍ଗଠନର ସେଓ୍ୱଚ୍ଛାସେବୀମାନେ ସହଯୋଗ କରିଥିଲେ ।

# ହୋଡିଂକୁ ଧକ୍କା ଦେଲା କାର
# ଅଳ୍ପକେ ବର୍ତ୍ତିଗଲେ ଚାଳକ ସହ ଦୁଇଯାତ୍ରୀ

ବାରଙ୍ଗ ,(ସବ୍ୟୁ) :ବାରଙ୍ଗ ତ୍ରିଶୂଳିଆ ବଜାର ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଖୁଣ୍ଟକୁ ଏକ କାର ଧକ୍କା ଦେଇଥିଲା ।ସୌଭାଗ୍ୟ ବଶତଃ କାରଚାଳକ ସମେତ ଦୁଇଜଣ ଯାତ୍ରୀ ଅଳ୍ପକେ ବଞ୍ଚି ଯାଇଥିଲେ।। ପ୍ରକାଶ ଯେ, ସୋମବାର ଅପରାହ୍ନ ସାଢେ ୩ଟା ସମୟରେ କଟକରୁ ଓଡି ୦୫ ବିଡ଼ି ୩୮୭୨ ନମ୍ୱର କାରଟି ଦୁଇ ଜଣ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ଅଭିମୁଖେ ଦ୍ରୁତଗତିରେ ଆସୁଥିଲା। ତ୍ରିଶୂଳିଆ ବଜାର ନିକଟରେ ପହଞ୍ଚିଥିବା ବେଳେ ରାସ୍ତା କଡ଼ରେ ଥିବା ହୋଡିଂ ସହିତ କାରଟି ଭାରସାମ୍ୟ ହରାଇ ଧକ୍କା ଦେଇଥିଲା। ଯାହାଫଳରେ ଦୃଘଟଣାରେ କାର ଟିର ସମ୍ମୁଖ ଭାଗ ଭାଙ୍ଗି ଯାଇଥିବା ବେଳେ କାର ଭିତରେ ଥିବା ଚାଳକ ସମେତ ଦୁଇଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ବାରଙ୍ଗ ଥାନା ପୁଲିସ ଆସି ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଇବା ସହ ଦୃଘଟଣାଗ୍ରସ୍ତ କାରଟିକୁ ଜବତ କରିଛି।

# ବନ୍ଦ ହୋଇ ପଡିଛି ସୌରଯନ୍ତ୍ର : ବିଭାଗ ନୀରବ, ଖତ ଖାଉଛି ସରକାରୀ ଅର୍ଥ



ଫୁଲନଖରା,(ସବ୍ୟୁ): ବୟାଳିଶମୌଜା ଅନ୍ତର୍ଗତ ଦହିଗାଁରେ ୨୦୧୫ ମସିହାରେ ସ୍ଥାପିତ ପାନୀୟ ଜଳ ପ୍ରକଳ୍ପ ଏକ ସମୟରେ ସଦର ଅଞ୍ଚଳରେ ଏକ ଆଦର୍ଶ ମଡେଲ ଭାବେ ପରିଚିତ ଥିଲା। ବିଦ୍ୟୁତ ସହିତ ସୌର ଶକ୍ତିରେ ମଧ୍ୟ ଚାଲିପାରୁଥିବା ଏହି ପ୍ରକଳ୍ପ ପାଇଁ ପ୍ରାୟ ୪୩ ଲକ୍ଷ ଟଙ୍କା ବ୍ୟୟରେ ୧୦ କିଲୋୱାଟ କ୍ଷମତାର ସୌର ଯନ୍ତ୍ର ସ୍ଥାପନ କରାଯାଇଥିଲା। ଏହା ଚାଲୁ ଥିବା ସମୟରେ ବିଦ୍ୟୁତ ଖର୍ଚ୍ଚ ହ୍ରାସ ପାଇବା ସହ ପଞ୍ଚାୟତ ଏକ ବଡ଼ ଆର୍ଥିକ ବୋଝରୁ ମୁକ୍ତି ମିଳୁଥିଲା। କିନ୍ତୁ ଗତ ଏକ ବର୍ଷ ଧରି ପ୍ରକଳ୍ପର ସୌର ଯନ୍ତ୍ର ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇ ପଡିଥିବା ଜଣାପଡିଛି। ଏହାର ପରିଣାମରେ ବିଦ୍ୟୁତ ମାଧ୍ୟମରେ ପାଣି ଯୋଗାଣ ଚାଲୁ ରହିଥିଲେ ମଧ୍ୟ ବିଦ୍ୟୁତ ବିଲ ବୃଦ୍ଧି ପଞ୍ଚାୟତ ପାଇଁ ଚିନ୍ତାର କାରଣ ହୋଇଯାଇଛି। ବିଭାଗୀୟ ଦାୟିତ୍ୱରେ ଥିବା ସତ୍ତ୍ୱେ ସୌର ଯନ୍ତ୍ର ଖରାପ ହେବା ବିଷୟରେ ଜାଣି ମଧ୍ୟ ପ୍ରାୟୋଜନୀୟ ପଦକ୍ଷେପ ନ ନେବା ନେଇ ଅସନ୍ତୋଷ ପ୍ରକାଶ ପାଉଛି। କଳପଡା ଗ୍ରାମପଞ୍ଚାୟତ ସରପଞ୍ଚ ସବିତା ମାଝୀ କହିଛନ୍ତି, ପଞ୍ଚାୟତ ପକ୍ଷରୁ ପୂର୍ବରୁ ନିଜ ଖର୍ଚ୍ଚରେ ଏକଥର ସଜାଡ଼ା ଯାଇଥିଲେ ମଧ୍ୟ ପୁଣି ଏହା ଅଚଳ ହୋଇଯାଇଛି। ବାରମ୍ବାର ଏପରି ଖର୍ଚ୍ଚ ବହନ କରିବା ପଞ୍ଚାୟତ ପାଇଁ ସମ୍ଭବ ନୁହେଁ ବୋଲି ସେ କହିଛନ୍ତି। ଏହା ସହ ପ୍ରକଳ୍ପ ସହିତ ସଂଯୁକ୍ତ ବିଦ୍ୟୁତ ଟ୍ରାନ୍ସଫର୍ମର ମଧ୍ୟ ଅଚଳ ହୋଇପଡିଥିବାରୁ ପାଖପାଖି ଅନ୍ୟ ଏକ ଟ୍ରାନ୍ସଫର୍ମରରୁ ବିଦ୍ୟୁତ ସଂଯୋଗ ଦେଇ ପାଣି ଯୋଗାଣ କରାଯାଉଛି। ଏହି ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଏଲିଜା ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି, ସମସ୍ୟାର ସମାଧାନ ପାଇଁ ଶୀଘ୍ର ପଦକ୍ଷେପ ନିଆଯିବ। ତେବେ ବିଦ୍ୟୁତ ମାଧ୍ୟମରେ ପାଣି ଯୋଗାଣ ଚାଲିଥିବାରୁ ସୌର ପ୍ରକଳ୍ପ ଅଚଳ ହେବାକୁ ନେଇ ପ୍ରଶାସନୀୟ ଅସାବଧାନତା ଦେଖାଯାଉଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସରକାରୀ ତହବିଲରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ସୌର ପ୍ରକଳ୍ପ ଅଚଳ ହୋଇ ପଡିଥିବାରୁ ସାଧାରଣ ମଧ୍ୟରେ ପ୍ରଶ୍ନ ଉଠୁଛି ଯଦି ଏହାର ଦୀର୍ଘମିଆଦି ଉପଯୋଗ ନଥିଲା, ତେବେ କାହିଁକି ଏପରି ପ୍ରକଳ୍ପ ରୂପାୟଣ କରାଯାଇଥିଲା? ବିଭାଗ ଓ ଠିକାଦାରଙ୍କ ଅସାବଧାନତାରେ ସାଧାରଣ ଲୋକଙ୍କ ଧନ ନଷ୍ଟ ହେଉଛି ବୋଲି ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

## ଆପେକ୍ସରେ କ୍ୟାମ୍ପସ ଚୟନ

କଣ୍ଟାପଡା, (ସବ୍ରୁ):ଆପେକ୍ସ ଆଇଟିଆଇରେ କାମ୍ପସ ମନୋନୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁଜରାଟସ୍ଥିତ ଇଣ୍ଡଚ ଟେକ୍ନୋଲୋଜି କମ୍ପାନୀର ଏନ.ସୀତାରମଣ, ଜି.ରବି ଓ ଶିଶିର ମହାପାତ୍ର ଯୋଗଦେଇଥିଲେ । ଅଂଶଗ୍ରହଣକାରୀ ୪୮ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୬ଜଣଙ୍କୁ ମନୋନୀତ କରାଯାଇଥିଲା। ଶ୍ରୀହରିକୋଠାସ୍ଥିତ କମ୍ପାନୀର ପ୍ରମୁଖ କେନ୍ଦ୍ରରେ ମନୋନୀତ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତ କରାଯିବ। ଏହି ଅବସରରେ ଅଧ୍ୟକ୍ଷ ଇଂ.ସନ୍ନାସୀ ପଣ୍ଡା, ପରିଚାଳନା ସଭାପତି ଚକ୍ରଧର ପ୍ରଧାନ, ଉପାଧ୍ୟକ୍ଷ ଇଂ.ବିପ୍ଲବ ଦାସ, ମିହିରକା' ମହାପାତ୍ର ଓ ଇଂ.ମଦନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

**(ଶ୍ରୀମଦ୍‌ଭଗବଦ୍ ଗୀତା ୨/୫୯)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ବିଷୟା ବିନିବର୍ତ୍ତନ୍ତେ ନିରାହାରସ୍ୟ ଦେହିନଃ ।**
**ରସବର୍ଜଂ ରସୋପ୍ୟସ୍ୟ ପରଂ ଦୃଷ୍ଟ୍ୱା ନିବର୍ତ୍ତତେ ॥ ୫୯ ॥**

( ଯଦି କହ, ଇନ୍ଦ୍ରିୟମାନଙ୍କର ବିଷୟରେ ଅପବୃତ୍ତିର ସ୍ଥିତପ୍ରଜ୍ଞର ଲକ୍ଷଣ ହୋଇ ନପାରେ, କାରଣ ତାହାହେଲେ ଜଡ଼, ଆତୁର ଓ ଉପବାସ ପରାୟଣ ବ୍ୟକ୍ତିମାନଙ୍କ ସହିତ ଏମାନଙ୍କର ପ୍ରଭେଦ କଅଣ ? ଏଥିପାଇଁ କହୁଛନ୍ତି )– ନିରାହାର ( ଇନ୍ଦ୍ରିୟଦ୍ୱାରା ବିଷୟ ଗ୍ରହଣ ନ କରିବା) ପୁରୁଷର ଶବ୍ଦସ୍ପର୍ଶାଦି ଗ୍ରହଣ କରିବା ଶକ୍ତି ନିବୃତ୍ତ ହୋଇଯାଏ ସତ, ମାତ୍ର ତାହାର କାମନା ନିବୃତ୍ତ ହୁଏ ନାହିଁ, କିନ୍ତୁ ସ୍ଥିର ବୁଦ୍ଧି ବ୍ୟକ୍ତିମାନଙ୍କର ବିଷୟାଭିଳାଷ (କାମନା) ମଧ୍ୟ ପରମାତ୍ମା ସାକ୍ଷାତ୍‌କାର ହେବାରୁ ନିଜେ ନିଜେ ନିବୃତ୍ତ ହୋଇଯାଏ ॥୫୯॥



# ଉତ୍ତରାଖଣ୍ଡରେ ଭାରତର ଦୀର୍ଘତମ ରେଳ ସୁଡଙ୍ଗ ପ୍ରକଳ୍ପ

ଉତ୍ତରାଖଣ୍ଡ ହେଉଛି ଭାରତର ଏକାଦଶତମ ରାଜ୍ୟ ଯିଏ କି ସ୍ୱତନ୍ତ୍ର ରାଜ୍ୟ ପାହ୍ୟାର ମାନ୍ୟତା (Special Category Status) ଲାଭ କରିଛି । ଏହା ପାର୍ବତ୍ୟାଞ୍ଚଳ ଓ ଅର୍ନ୍ତଜାତୀୟ ସୀମାରେଖାକୁ ସ୍ପର୍ଶ କରିଥିବା କାରଣରୁ ମୁଖ୍ୟତଃ ଏହାକୁ ସେପରି ମାନ୍ୟତା ଦିଆଯାଇଛି । ଯେତେବେଳେ ୨୦୦୦ ନଭେମ୍ବର ୯ ତାରିଖରେ ଏହି ରାଜ୍ୟ ଗଠିତ ହୋଇଥିଲା, ଏହାର ନାମ ଥିଲା ଉତ୍ତରାଞ୍ଚଳ । ମାତ୍ର ୨୦୦୭ରେ ଏହାର ନାମକୁ ଉତ୍ତରାଖଣ୍ଡରେ ପରିବର୍ତ୍ତନ କରାଯାଇଥିଲା । ଏହି ରାଜ୍ୟର ବିକାଶ ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ନରେନ୍ଦ୍ର ମୋଦିଙ୍କ ସରକାର ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେଉଛନ୍ତି । ଭାରତ ସରକାରଙ୍କ ପତ୍ର ସୂଚନା କାର୍ଯ୍ୟାଳୟ (PIB) ଓଡ଼ିଶା ଶାଖା ଆନୁକୂଲ୍ୟରେ ଏକ ନଅଜଣିଆ ଗଣମାଧ୍ୟମ ପ୍ରତିନିଧି ଦଳ ନିକଟରେ ଉତ୍ତରାଞ୍ଚଳ ରାଜ୍ୟ ଗସ୍ତରେ ଯାଇ ଏହା ଅନୁଭବ କରିଛନ୍ତି । ଅନେକ ବିକାଶମୂଳକ ପ୍ରକଳ୍ପ ମଧ୍ୟରୁ ଯେଉଁ ପ୍ରକଳ୍ପଟି ସାମ୍ବାଦିକ ପ୍ରତିନିଧି ଦଳର ଦୃଷ୍ଟି ଆକର୍ଷଣ କରିଥିଲା, ସେହି ପ୍ରକଳ୍ପଟି ହେଉଛି 'ଋଷିକେଶ–କର୍ଣ୍ଣପ୍ରୟାଗ ନିଉ ବ୍ରିଜି ଲାଇନ ପ୍ରୋଜେକ୍ଟ' (ଋଷିକେଶ –କର୍ଣ୍ଣପ୍ରୟାଗ ନୂତନ ବ୍ରଡଗଜ ଲାଇନ ପ୍ରକଳ୍ପ) ସେହି ପ୍ରକଳ୍ପଟିର ନିର୍ମାଣ ସରିଲେ, ତାହା ହେବ ଭାରତରେ ଦୀର୍ଘତମ ରେଳ ସୁଡଙ୍ଗ (Tunnel) ପ୍ରକଳ୍ପ । ସମୁଦାୟ ୧୭ଟି ରେଳସୁଡଙ୍ଗ ଏଥିରେ ରହିଛି ଏବଂ ୮ ନମ୍ବର ସୁଡଙ୍ଗଟି ସବୁଠାରୁ ବଡ଼ । ଏପରିକି ଏହା ଏସିଆ ମହାଦେଶର ମଧ୍ୟ ଦୀର୍ଘତମ ରେଳ ସୁଡଙ୍ଗ ପ୍ରକଳ୍ପ ବୋଲି ମଧ୍ୟ କୁହାଯାଉଛି । ୨୦୨୦ ମାର୍ଚ୍ଚ ମାସରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ଯୋଗ ନଗରୀ ଋଷିକେଶ ସହରରେ ଏକ ଅତ୍ୟାଧୁନିକ ରେଳ ପ୍ରକଳ୍ପ । ୧୪ ଦଶମିକ ୫୫ କିଲୋମିଟର ବିଶିଷ୍ଟ ଏହି ରେଳ ସୁଡଙ୍ଗ ଏକ ଆୟସସାଧ୍ୟ ନିର୍ମାଣ କାର୍ଯ୍ୟ ଯାହା କି ପ୍ରାୟ ଦୁଇ ବର୍ଷ ପରେ ଅର୍ଥାତ୍ ଆସନ୍ତା ୨୦୨୮ ଡିସେମ୍ବର ମାସ ସୁଦ୍ଧା ଶେଷ ହେବ ବୋଲି ଲକ୍ଷ୍ୟ ରଖାଯାଇଛି ।

ଉତ୍ତରାଖଣ୍ଡ ପରି ରାଜ୍ୟରେ ଋଷିକେଶର କର୍ଣ୍ଣପ୍ରୟାଗ ମଧ୍ୟରେ ରେଳପଥ ନିର୍ମାଣ ବିଭିନ୍ନ ଦୃଷ୍ଟିରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କେନ୍ଦ୍ର ସରକାର ମନେ କରି ଏହି ନୂତନ ପ୍ରକଳ୍ପଟି ବିକାଶର ପ୍ରତୀକ ହେବ ବୋଲି କହିଛନ୍ତି ।

ଏହି ପ୍ରକଳ୍ପର ଡେପୁଟୀ ଜେନେରାଲ ମେନେଜର ଓମ୍ ପ୍ରକାଶ ମାଲଗୁଡ଼ି ସାମ୍ବାଦିକମାନଙ୍କୁ ସୂଚନା ଦେଇ ଉଲ୍ଲେଖ କରିଥିଲେ ଯେ ୧୦ ଦଶମିକ ୮୫ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଯେଉଁ ଭୂତଳ ରେଳ ସୁଡଙ୍ଗର ନିର୍ମାଣ ଏବେ କରାଯାଉଛି ତାହା ଆୟସସାଧ୍ୟ ହେଲେ ମଧ୍ୟ ସମ୍ପନ୍ନ କରାଯିବ ।

ଏଥିପାଇଁ ୩୭ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ବୋଲି ସେ କହିଥିଲେ । ଅଳକାନନ୍ଦା ନଦୀ ଉପରେ ୪୫୯ କିଲୋମିଟରର ଦୀର୍ଘତମ ରେଳ ପୋଲ ସମେତ ପ୍ରାୟ ୯ କିଲୋମିଟରରୁ ଅଧିକ ଏହି ରେଳ ସୁଡଙ୍ଗ ମଧ୍ୟରେ ଅତ୍ୟାଧୁନିକ ବୈଷୟିକ କୌଶଳର ଆଶ୍ରୟ ନିଆଯାଇ ଏହି ପ୍ରକଳ୍ପଟି ଆରମ୍ଭ ହେଉଛି ବୋଲି ଡିଜିଏମ୍ ଶ୍ରୀ ମାଲଗୁଡି ମଧ୍ୟ ପ୍ରକାଶ କରିଥିଲେ ।

ନିୟମ ଦୃଷ୍ଟିରୁ ତିନି କିଲୋମିଟରର ରେଳ ସୁଡଙ୍ଗ (Tunnel) ନିର୍ମାଣ କରାଗଲେ ପ୍ରସ୍ଥାନ (Exit) ଟନେଲ ଓ ମିଳିତ ପ୍ରସ୍ଥାନ (Cross Tunnel) ସେଠାରେ ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିଲା । କୌଣସି ବିପଦ ଆପଦ ବେଳେ ଏହି ଆନୁସଙ୍ଗିକ ସୁଡଙ୍ଗ ବା ଟନେଲ ଜରିଆରେ ସହଜରେ ନିରାପତ୍ତା ରକ୍ଷା କରାଯାଇ ପାରିବ । ଉତ୍ତରାଖଣ୍ଡର ପ୍ରାୟ ପାଞ୍ଚଟି ଗୁରତ୍ୱପୂର୍ଣ୍ଣ ଜିଲ୍ଲା ଡେରାଡୁନ୍, ତେହେରି, ରୁଦ୍ର ପ୍ରୟାଗ, ଚାମେଲି ଓ ପୌରୀ ଗରୱାଲ ମଧ୍ୟ ଦେଇ ଏହି ରେଳପ୍ରକଳ୍ପ ପ୍ରଲମ୍ବିତ । ଗତ ୨୦୨୨ ଅଗଷ୍ଟ ମାସରେ ଉତ୍ତରାଖଣ୍ଡର ବିଜେପି ମୁଖ୍ୟମନ୍ତ୍ରୀ ଥିଲେ ପୁଷ୍କର ସିଂ । ତାଙ୍କରି ଉପସ୍ଥିତିରେ ଏହି ପ୍ରକଳ୍ପର ଶୁଭାରମ୍ଭ କରା ଯାଇଥିଲା । ରେଳ ବିକାଶ ନିଗମର ତତ୍ତ୍ୱାବଧାନରେ ଆଇ.ଆଇ.ଟି ବମ୍ବେ ଓ ରୁର୍‌କୀଙ୍କ ବୈଷୟିକ ସହାୟତାରେ ଏହି ପ୍ରକଳ୍ପଟି ଏବେ ଦ୍ରୁତ ଗତିରେ ଆଗେଇ ଚାଲିଛି । ଏଥିପାଇଁ ଉଚ୍ଚମାନର ସିମେଣ୍ଟ, ସିଲିକନ୍ ପ୍ରଭୃତି ଜରିଆରେ ଏହାର ନିମାଣ କାର୍ଯ୍ୟ ଚାଲିଛି । ଏହି ପ୍ରକଳ୍ପରେ ଏବେ ପ୍ରାୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ୧୦,୦୦୦ ଲୋକ କାର୍ଯ୍ୟରତ ।

ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରକୁ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ଏହି ବିରାଟ ଓ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଶେଷ ଦୃଷ୍ଟି ଦେଇଥିବା ପରି ମନେ ହେଉଛି । ଉତ୍ତରାଖଣ୍ଡର ଯେଉଁ ଗୁରୁତ୍ୱପୂର୍ଣ୍ଣ ସହରମାନଙ୍କୁ ଏହି ରେଳପଥ ସ୍ପର୍ଶ କରୁଛି, ସେଗୁଡ଼ିକ ହେଉଛି ଦେବ ପ୍ରୟାଗ, ଶ୍ରୀନଗର, ରୁଦ୍ରପ୍ରୟାଗ, ଗଉତର ଓ କର୍ଣ୍ଣପ୍ରୟାଗ । ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ ପରେ ଏହି ପ୍ରକଳ୍ପକୁ ଏବର ଏନ୍‌ଡିଏ ସରକାରୀ ଗତ ନଭେମ୍ବର ୨୦୧୬ରେ (ପ୍ରାୟ ଦଶବର୍ଷ ତଳେ) ରେଳବାଇ ବୋର୍ଡ ଜରିଆରେ ୧୬୨୧୬ ଦଶମିକ ୩୧ କୋଟି ଟଙ୍କା ମଞ୍ଜୁର କରିଥିଲେ । ଅବଶ୍ୟ ୨୦୧୦–୧୧ରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପର ବ୍ୟୟ ବରାଦ ସେତେବେଳେ ୪୨୯୫୩ ଦଶମିକ ୩ କୋଟି ଟଙ୍କା ମଧ୍ୟରେ ସୀମିତ ରହିଥିଲା । ହିମାଳୟ ଓ ଗଙ୍ଗା ପାଦ ଦେଶରେ ଅନେକ ରାସ୍ତା ଆବଡାଖାବଡା । ପାର୍ବତ୍ୟାଞ୍ଚଳରେ ଦୁଇ ବିପରୀତ ଦିଗରେ ଦୁଇଟି ପର୍ବତ ଥିବା (ଗୋଟିଏ ସରଳରେଖାରେ ଯୋଡି ହେଉଥିବା ପରି) ଏହି ରେଳ ପ୍ରକଳ୍ପର ଟନେଲ ନିର୍ମାଣ ଆଶ୍ଚର୍ଯ୍ୟଜନକ ମନେ ହେଲେ ମଧ୍ୟ ତାହା ହିଁ ଦିନେ ସତ୍ୟରେ ପରିଣତ ହେବ । ଋଷିକେଶରୁ ସଡକ ଉପରେ ନୂଆଦିଲ୍ଲୀକୁ ୧୬୦ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ପଡେ । ମାତ୍ର ଏହି ରେଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ମାତ୍ର ୧୨୫ କିଲୋମିଟର ଅତିକ୍ରମ କରିବାକୁ ପାଞ୍ଚଘଣ୍ଟା ବଦଳରେ ତିନି ଘଣ୍ଟାରେ ଋଷିକେଶରୁ ନୂଆଦିଲ୍ଲୀକୁ ରେଳ ଯୋଗେ ଯାଇ ହେବ । ପୁଣି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସଡକ ପଥରେ ମାଟି ଅତଡା ଖସିବାର ଆଶଙ୍କା ରହିଥାଏ । ମାତ୍ର ରେଳପଥରେ ସେପରି ଆଶଙ୍କା ରହେ ନାହିଁ । ଆଇଆଇଟି ରୁରକୀଙ୍କ ନେତୃତ୍ୱରେ ଏହି ପ୍ରକଳ୍ପର ଚୂଡାନ୍ତ କାର୍ଯ୍ୟ କନସଲଟାନ୍ସି ମେସର୍ସ ଜିଓଡାଟା ଇଣ୍ଡିଆ ପ୍ରାଇଭେଟ ଲିମିଟେଡକୁ ଦିଆ ଯାଇଥିବା ଜଣାଯାଇଛି । ଭାରତ ସରକାରଙ୍କର ଏପରି ଏକ ଅଭିନବ ପ୍ରକଳ୍ପକୁ ଆମେମାନେ ସ୍ୱାଗତ କରୁଛୁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ଏଥିପାଇଁ ଧନ୍ୟବାଦାର୍ହ ।

(ଗୁରୁକଲ୍ୟାଣ ମହାପାତ୍ର
ମୁଖ୍ୟ ସମ୍ପାଦକ, ସମୟ)

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ସମୃଦ୍ଧ ଓଡ଼ିଶାରେ ଗରିବ ଓଡ଼ିଆ !



**ପ୍ରହଲାଦ କୁମାର ସିଂହ**

ଓଡ଼ିଶାର ବିକାଶ ଗୁଜରାଟ ଢାଞ୍ଚାରେ ହେବ। ଓଡ଼ିଶାରେ ବିପୁଳ ପ୍ରାକୃତିକ ସଂପଦ ଓ ମାନବ ସମ୍ବଳ ଥିବାରୁ ରାଜ୍ୟକୁ ଦାରିଦ୍ର୍ୟମୁକ୍ତ କରି ସମୃଦ୍ଧି ପଥରେ ଆଗେଇ ନିଆଯିବ ବୋଲି ରାଜ୍ୟ ଓ କେନ୍ଦ୍ରର ସରକାର କହି ଆସୁଛନ୍ତି । ରାଜ୍ୟ ବିଧାନସଭାରେ ଓଡ଼ିଶାର ରାଜ୍ୟପାଳ ଯେଉଁ ଅଭିଭାଷଣ ରଖିଛନ୍ତି ଏବଂ ତାହା ଉପରେ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ପ୍ରସଂଗରେ ଯେଉଁ ଉତ୍ତର ଦେଇଛନ୍ତି ସେଥିରେ ବି ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ସଂପର୍କରେ କହିଛନ୍ତି । ୨୦୩୬ ସୁଦ୍ଧା ୫୦୦ ବିଲିୟନ ଡଲାର ଓ ୨୦୪୭ ସୁଦ୍ଧା ୧୫୦୦ ବିଲିୟନ୍ ଡଲାର ଅର୍ଥନୀତି ହାସଲ କରିବାକୁ ଓଡ଼ିଶା ଲକ୍ଷ୍ୟ ରଖିଛି ଏବଂ ୨୦୪୭ ବେଳକୁ ଓଡ଼ିଶାରେ ଲୋକଙ୍କ ମୁଣ୍ଡପିଛା ବାର୍ଷିକ ହାରାହାରି ଆୟ ୩୨ଲକ୍ଷ ଟଙ୍କା କରାଯିବା ଓ ଦାରିଦ୍ର୍ୟ ହାର ୫ ପ୍ରତିଶତକୁ ଖସାଇବା ପାଇଁ ଯୋଜନା ରହିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏହି ବକ୍ତବ୍ୟ ସତ୍ୟରେ ରୂପାନ୍ତରିତ ହେଲେ ବାସ୍ତବରେ ସୁନାର ଓଡ଼ିଶା ଗଢ଼ାଯାଇପାରିବ । ଏଭଳି ଘୋଷଣା କିଛି ନୂଆ ନୁହେଁ । ଅତୀତରେ ଅନେକ ରାଜନୈତିକ ନେତୃତ୍ୱ ଓଡ଼ିଶାକୁ ବମ୍ବେ କରିଦେବା, ଏଠାରୁ ଗରିବୀ ହଟାଇବା, ସମସ୍ତଙ୍କ ପାଇଁ ପକ୍କା ଘର ବ୍ୟବସ୍ଥା କରିବା, ସବୁ ହାତକୁ କାମ ଓ ସବୁ କ୍ଷେତକୁ ପାଣି ଯୋଗାଇବା, ସମସ୍ତଙ୍କ ପାଇଁ ଅନ୍ନ, ବସ୍ତ୍ର ଓ ବାସଗୃହର ବ୍ୟବସ୍ଥା କରିବା, ବେକାରୀ ଦୂର କରିବା, ଦୁର୍ନୀତି ହଟାଇବା, ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶାକୁ ଜାତୀୟ ସ୍ତରରେ ପହଞ୍ଚାଇବା, ନିଶାମୁକ୍ତ ଓଡ଼ିଶା ଗଢ଼ିବା, ଦାଦନ ସମସ୍ୟାର ସଂପୂର୍ଣ୍ଣ ନିରାକରଣ କରିବା ଏମିତି କେତେ କଣ ଘୋଷଣା କରିଛନ୍ତି ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୯୦ ବର୍ଷ ଭିତରେ ରାଜ୍ୟର ଅନେକ ବିକାଶ ହୋଇଥିଲେ ମଧ୍ୟ ଏବେ ବି ଆମ ରାଜ୍ୟର ପ୍ରାୟ ୩ କୋଟି ୩୫ଲକ୍ଷ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଓ ମାଗଣା ଚାଉଳ ଏବଂ ୫୬ଲକ୍ଷ ଲୋକଙ୍କୁ ବିଭିନ୍ନ ସରକାରୀ ଭତ୍ତା ଉପରେ ନିର୍ଭର କରିବାକୁ ପଡୁଛି ।

ଏହାଛଡ଼ା କୋଟିଏରୁ ଅଧିକ ମହିଳାଙ୍କୁ ବି ସୁଭଦ୍ରା ଯୋଜନାରେ ଟଙ୍କା ବଣ୍ଟା ହେଉଛି । ଗରିବ ଲୋକେ ଝିଅ ବାହାଘର କରିପାରୁନଥିବାରୁ ଏଥିପାଇଁ ସରକାର ପ୍ରଚୁର ଅର୍ଥ ଖର୍ଚ୍ଚ କରୁଛନ୍ତି । ଏହାଛଡ଼ା ସ୍କୁଲରେ ମଧ୍ୟାହ୍ନ ଭୋଜନ, ମାଗଣା ପାଠ୍ୟ ଉପକରଣ ଓ ପୋଷାକ ବଣ୍ଟନ, ଶସ୍ତାରେ ଆହାର କେନ୍ଦ୍ରରେ ଭୋଜନ ବ୍ୟବସ୍ଥା, ଗରିବ ଲୋକଙ୍କ ଚିକିତ୍ସା ପାଇଁ ଆୟୁଷ୍ମାନ ଯୋଜନା ଆଦି ଅନେକ କାର୍ଯ୍ୟକ୍ରମ ଚାଲୁଛି ।

ଲୋକେ ସ୍ୱାବଲମ୍ବୀ ହେବା ପରିବର୍ତ୍ତେ ପରମୁଖାପେକ୍ଷୀ ହେବା ଏବଂ ଶିକ୍ଷା ବ୍ୟବସ୍ଥାରେ ଚରିତ୍ର ଗଠନ ଓ ଶୃଙ୍ଖଳିତ ଜୀବନଯାପନ ପାଇଁ ବ୍ୟବସ୍ଥା ସହିତ ସ୍ୱାବଲମ୍ବୀ କରାଇବାକୁ ସେମିତି କିଛି ବ୍ୟବସ୍ଥା ନଥିବାରୁ ଆମେମାନେ ଆଶାନୁରୂପ ସଫଳତା ହାସଲ କରିପାରି ନାହୁଁ । ନିଶା ଓ ହିଂସା ବ୍ୟବସ୍ଥାକୁ ଉଜାଡ଼ି ଦେଉଛି । ଏଭଳି ସ୍ଥିତିରେ ୧୦ବର୍ଷ ଭିତରେ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଯେଉଁ ଲକ୍ଷ୍ୟ ରହିଛି ତାହା ଯେ ନିଶ୍ଚିତ ଏକ ବଡ଼ ଆହ୍ୱାନ ଏଥିରେ ସନ୍ଦେହ ନାହିଁ ।

ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ମୁତାବକ ଓଡ଼ିଶାର ମୁଣ୍ଡପିଛା ହାରାହାରି ବାର୍ଷିକ ଆୟ ୩୨ଲକ୍ଷ ଟଙ୍କାରେ ପହଞ୍ଚାଇବା ପାଇଁ ଯେଉଁ ଯୋଜନା ରହିଛି, ତାହା ଯଦି ହାରାହାରି ନହୋଇ ବାସ୍ତବ ହୁଏ ତେବେ ଗୋଟିଏ ୫ଜଣିଆ ପରିବାରର ବର୍ଷକୁ ରୋଜଗାର କୋଟିଏ ୬୦ଲକ୍ଷ ଟଙ୍କା ହେବ । ଏଭଳି ସ୍ଥିତିରେ ଓଡ଼ିଶାରେ ଦୁଃଖ, ଦାରିଦ୍ର୍ୟ, ଦାଦନ ଯନ୍ତ୍ରଣା, ବେକାରୀ, ବେରୋଜଗାରୀ ଆଦି ରହିବ କେଉଁଠି ? ଏହାକୁ କେନ୍ଦ୍ର କରି ଏବେ ସାଧାରଣ ଲୋକେ କହୁଛନ୍ତି, ଏତେ ସପନକୁ ରାତି କାହିଁ ?

ଏ ପରିପ୍ରେକ୍ଷୀରେ ନକରାତ୍ମକ ଚିନ୍ତାଧାରାରୁ ମୁକ୍ତ ହୋଇ ସକରାତ୍ମକ ଦିଗରେ କାମ କରାଗଲେ ମାନସିକତାର ପରିବର୍ତ୍ତନ ଆସିପାରିବ । ରାଜନୈତିକ ଲୋକେ ଆଗ ମାଟି ପରେ ପାର୍ଟି କଥା ଚିନ୍ତା କରିବା ଦରକାର । ସେମିତି ପଞ୍ଚାୟତରୁ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ନିର୍ବାଚିତ ଲୋକ ପ୍ରତିନିଧି, ପଦାଧିକାରୀ ଓ ସରକାରୀ ବାବୁମାନେ ନିଜକୁ ମାଲିକ ନଭାବି ମାର୍ଫତଦାର ଓ ସେବକରେ ପରିଣତ କରି କାମ କରିବାର ଆବଶ୍ୟକତା ରହିଛି । ସମ୍ବିଧାନକୁ ମାନି ଓ ନୈତିକ ମାନ ବଢ଼ାଇ ନିର୍ଭୀକତା ଓ ନିରପେକ୍ଷତାର ସହ କାମ କଲେ ପୁଣି ଆମେ ଏକ କର୍ମକୁଶଳୀ ଜାତି ଭାବେ ଉଭା ହୋଇପାରିବା ।

ଏଥିପାଇଁ ନିଶା, ଆଳସ୍ୟ ଓ ଜଡ଼ତାରୁ ମୁକ୍ତ ହୋଇ ଦୁର୍ନୀତି, ଭ୍ରଷ୍ଟାଚାର, ଅପରାଧ, ଅସ୍ପୃଶ୍ୟତା, ଯୌତୁକ ପରି ସାମାଜିକ କଳଙ୍କରୁ ମୁକ୍ତ କରିବା ଆବଶ୍ୟକ ।

ମାଗଣା ବଣ୍ଟନ ବ୍ୟବସ୍ଥାର ପରିସମାପ୍ତି ଘଟାଇ ସରକାର ଶ୍ରମକୁ ସମ୍ମାନ ସଂସ୍କୃତିକୁ ଉତ୍ସାହିତ କରିବା ଉଚିତ । ଏବେ ଆମ ରାଜ୍ୟର ଋଣବୋଝ ଦେଢ଼ ଲକ୍ଷ କୋଟି ଟଙ୍କ ଆଡକୁ ମୁହାଁଇଥିବାବେଳେ ଦେଶର ଋଣବୋଝ ହେଲାଣି ପ୍ରାୟ ୨୦୦ଲକ୍ଷ କୋଟି ଟଙ୍କା । ଏଭଳି ସ୍ଥିତିରେ ରାଜ୍ୟ ଓ ଦେଶକୁ ଋଣମୁକ୍ତ କରି କେବଳ ସରକାରୀ ଅର୍ଥ ଅଗ୍ରାଧିକାର କ୍ଷେତ୍ରରେ ବ୍ୟୟ କରାଯାଉ ।

କଳି ତକରାଳର ଅନ୍ତଃ ଘଟାଇବା ସହିତ ଭାଇଚାରା ସଂସ୍କୃତିର ପୁନରୁଦ୍ଧାର ଏବଂ ଲୋକଙ୍କ ଅଭିଯୋଗ ଫଏସଲା ବ୍ୟବସ୍ଥାକୁ ସୁଦୃଢ଼ କରାଯାଇପାରିଲେ ମା' ମଲାଠାରୁ ଅଧିକ ଯନ୍ତ୍ରଣାଦାୟକ ମାମଲା କଷ୍ଟରୁ ବ୍ୟକ୍ତି, ସମାଜ ଓ ରାଜ୍ୟ ବହୁ ପରିମାଣରେ ମୁକ୍ତି ପାଆନ୍ତା ।

ଓଡ଼ିଶା ପ୍ରାକୃତିକ ସଂପଦରେ ପରିପୂର୍ଣ୍ଣ ଏକ କୃଷିଭିତ୍ତିକ ରାଜ୍ୟ । ପ୍ରକୃତିମାତା ଆମକୁ ଦେଇଥିବା ପର୍ଯ୍ୟାପ୍ତ ସଂପଦ ସବୁ ଲୋକଙ୍କ ଚାହିଦା ପାଇଁ ଯଥେଷ୍ଟ ହୋଇଥିବାବେଳେ ଏହା ମୁଷ୍ଟିମେୟ ଲୋକଙ୍କ ଲୋଭକୁ ମେଣ୍ଟାଇବାକୁ କିନ୍ତୁ ଢେର କମ୍ ବୋଲି ଏକଦା ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧି କହିଥିଲେ । ପ୍ରାକୃତିକ ସଂପଦ ହେଉଛି ମାଟି ମା'ର ଆଭୂଷଣ । ଆମେ କିନ୍ତୁ ମାଟି ମା'ର ଏହି ଆଭୂଷଣ ଖଣିଜ ସଂପଦକୁ ବିକ୍ରି ଓ ଲୁଟ୍ କରି ଚାଲିଛୁ । ଯେଉଁମାନେ ମା'ର ଗହଣା ବିକି ଚଳନ୍ତି ଓ ମଉଜ କରନ୍ତି ସେମାନଙ୍କୁ କୁଳାଙ୍ଗାର ବୋଲି କୁହାଯାଇଥାଏ । ଏଭଳି ସ୍ଥିତିରେ ଆମର ପରିଚୟ କଣ ? କେନ୍ଦୁଝର, ସୁନ୍ଦରଗଡ଼, ମୟୂରଭଞ୍ଜ ଏବଂ ଯାଜପୁରର ସୁକିନ୍ଦା ଉପତ୍ୟକା ଭଳି ଅଞ୍ଚଳରେ ବର୍ଷ ବର୍ଷ ଧରି ବ୍ୟାପକ ଖଣି ଖନନ କରାଯାଇଥିବାବେଳେ ସେ ଅଞ୍ଚଳର ମୂଳ ଅଧିବାସୀମାନଙ୍କ ସ୍ଥିତି ଆଜି କିପରି ? ଏଠାରେ ନଗଡ଼ା ଭଳି ଅନେକ ଅଞ୍ଚଳ ରହିଛି । ଯେଉଁସବୁ ଜିଲ୍ଲାରେ ଶିଳ୍ପାନୁଷ୍ଠାନମାନ ଗଢ଼ି ଉଠିଛି ସେ ଜିଲ୍ଲାଗୁଡ଼ିକ କେତେଦୂର ସମୃଦ୍ଧ ହୋଇଛି ? ବସ୍ତୁତଃ କାରଖାନା ଓ ଖଣି ଖାଦାନ ଅଞ୍ଚଳର ଗୁଣ୍ଡ ଯୋଗୁ ଜଳ, ବାୟୁ ଓ ମୃତ୍ତିକା ପ୍ରଦୂଷଣ ବଢ଼ିଚାଲି ଲୋକେ ରୋଗ ବ୍ୟାଧିରେ ମରୁଛନ୍ତି । ସରକାରୀ ଉଦ୍ୟୋଗ ପରିବର୍ତ୍ତେ ଲାଭଖୋର ପୁଞ୍ଜିପତିମାନଙ୍କୁ ନିମନ୍ତ୍ରଣ କରି ଆମେ ଆମର ପ୍ରାକୃତିକ ସଂପଦ ଏମାନଙ୍କ ହାତରେ ଟେକି ଦେଉଛୁ ।

ଏଥିଲାଗି ଲକ୍ଷ ଲକ୍ଷ ସଂଖ୍ୟାର ଗଛ ବଳି ପଡୁଛନ୍ତି ଓ ଜଙ୍ଗଲ ଉଜୁଡୁଛି । ବିକାଶ ନାମରେ ଆମେ ଏହି ମାଧ୍ୟମରେ ବିନାଶକୁ ଡାକିଆଣି ଲୋକଙ୍କୁ ଶୋଷଣ ଘଣାରେ ପେଡୁଛୁ ।

**ଆଳୁ, ପିଆଜ, ତେଲ, ଲୁଣ, ଡାଲି, ଚିନି, କପଡ଼ା, ଫୁଲ, ଫଳ, ପନିପରିବା, ମାଛ, ଅଣ୍ଡା ଆଦି ବହୁ ସାମଗ୍ରୀ ପାଇଁ ଆମକୁ ଅନ୍ୟ ରାଜ୍ୟ ଓ ଦେଶ ଉପରେ ନିର୍ଭର କରିବାକୁ ପଡୁଛି । ଏ କ୍ଷେତ୍ରରେ ଓଡ଼ିଶାକୁ ବଳକା ରାଜ୍ୟରେ ପରିଣତ କରିବାର ଏକମାତ୍ର ଉପାୟ ହେଉଛି ଗାନ୍ଧି–ଗୋପବନ୍ଧୁଙ୍କ ପ୍ରଦର୍ଶିତ ଗ୍ରାମ ସ୍ୱରାଜ ଆଧାରିତ ସ୍ୱାବଲମ୍ବୀ ଗାଁ । ଏଥିଲାଗି ସ୍ୱଦେଶୀ ସଂସ୍କୃତିର ବିକାଶ ଆବଶ୍ୟକ ।**

କୃଷି, କୁଟୀରଶିଳ୍ପ, ଗ୍ରାମ୍ୟ ଶିଳ୍ପ, କୃଷିଭିତ୍ତିକ ଶିଳ୍ପ ଆଦିର ବିକାଶ ସହିତ କୃଷିଜାତ ସାମଗ୍ରୀର ଠିକଣା ବିପଣନ, ରପ୍ତାନୀ ଏବଂ ଏହାର ଉପଯୁକ୍ତ ସଂରକ୍ଷଣ ଲାଗି ପର୍ଯ୍ୟାପ୍ତ ସଂଖ୍ୟକ ଶୀତଳ ଭଣ୍ଡାର ଆଦି ସରକାରୀ ଓ ସମବାୟ ଉଦ୍ୟମରେ ପ୍ରତିଷ୍ଠା କରାଯିବା ଆବଶ୍ୟକ । ଆଳୁ, ପିଆଜ, ତେଲ, ଲୁଣ, ଡାଲି, ଚିନି, କପଡ଼ା, ଫୁଲ, ଫଳ, ପନିପରିବା, ମାଛ, ଅଣ୍ଡା ଆଦି ବହୁ ସାମଗ୍ରୀ ପାଇଁ ଆମକୁ ଅନ୍ୟ ରାଜ୍ୟ ଓ ଦେଶ ଉପରେ ନିର୍ଭର କରିବାକୁ ପଡୁଛି ।

ଏ କ୍ଷେତ୍ରରେ ଓଡ଼ିଶାକୁ ବଳକା ରାଜ୍ୟରେ ପରିଣତ କରିବାର ଏକମାତ୍ର ଉପାୟ ହେଉଛି ଗାନ୍ଧି–ଗୋପବନ୍ଧୁଙ୍କ ପ୍ରଦର୍ଶିତ ଗ୍ରାମ ସ୍ୱରାଜ ଆଧାରିତ ସ୍ୱାବଲମ୍ବୀ ଗାଁ । ଏଥିଲାଗି ସ୍ୱଦେଶୀ ସଂସ୍କୃତିର ବିକାଶ ଆବଶ୍ୟକ । କୃଷିଜାତ ପଦାର୍ଥକୁ କୀଟନାଶକ, ରସାୟନିକ ସାର, ହରମୋନ୍ ଆଦିରୁ ମୁକ୍ତ ରଖାଗଲେ ଅନେକ ରୋଗ ବ୍ୟାଧି କମିଯିବ । ପାଣି, ପବନ, ମାଟି ଆଦି ଭୟଙ୍କର ଭାବେ ପ୍ରଦୂଷିତ ହୋଇ ଚାଲୁଥିବାବେଳେ ନଦୀ, ଝରଣା ସମେତ ଅନ୍ୟାନ୍ୟ ଜଳ ଉତ୍ସଗୁଡ଼ିକୁ ପ୍ରଦୂଷଣ ମୁକ୍ତ କରିବା, ଉପକୂଳ ସୁରକ୍ଷା, ଜଙ୍ଗଲ ଓ ଖଣିଜ ସଂପଦର ଚାହିଦା ମୁତାବକ ବ୍ୟବହାର, ଭୂତଳ ଜଳ ସଂରକ୍ଷଣ ଆଦି ଦିଗରେ ଦୃଷ୍ଟି ଦିଆଯିବା ଆବଶ୍ୟକ । ପରିବେଶ ସୁରକ୍ଷା ସହିତ ଆମ ଜୀବନ ଜୀବିକା ଜଡ଼ିତ ଥିବାରୁ ଏ ଦିଗକୁ ମଧ୍ୟ ଉପେକ୍ଷା କରାଯିବା ମାରାତ୍ମକ ।

ଦେଶୀ, ବିଦେଶୀ, ପୁଞ୍ଜିପତି ଓ ଶିଳ୍ପପତିମାନଙ୍କ ପୁଞ୍ଜି ଲଗାଣକୁ ଅଗ୍ରାହ୍ୟ କରି ଆମେ ଆମ ଉପାର୍ଜନରେ ରାଜ୍ୟରେ ପରିବେଶ ଅନୁକୂଳ ରାଷ୍ଟ୍ରାୟତ୍ତ ଓ ସମବାୟ ଉଦ୍ୟୋଗମାନ ଗଢ଼ିଲେ ରାଜ୍ୟବାସୀଙ୍କ ରକ୍ତ ଶୋଷି ପୁଞ୍ଜିପତିମାନେ ମାଲେମାଲ ହୁଅନ୍ତେ ନାହିଁ । ଯେ ପର୍ଯ୍ୟନ୍ତ ସାଧାରଣ ଲୋକଟିଏ ଅନୁଭବ ନକରିଛି ଯେ ଏ ଦେଶ ତାର ଏବଂ ଦିଲ୍ଲୀ ଓ ଭୁବନେଶ୍ୱରରେ ଗଢ଼ାଯାଇଥିବା ସରକାର ଗଢ଼ିବାରେ ବି ତାହାର ଅବଦାନ ଅଛି ବୋଲି ସେ ପର୍ଯ୍ୟନ୍ତ ରୁଗ୍ଣ ମାନସିକତା ହଟିବ ନାହିଁ । ଏ ପରିପ୍ରେକ୍ଷୀରେ ମାନବତା, ଚରିତ୍ର ଗଠନ, ଶୃଙ୍ଖଳା ଓ ସ୍ୱାବଲମ୍ବୀ ମଣିଷ ତିଆରି କରିବା ପାଇଁ ଶିକ୍ଷା ବ୍ୟବସ୍ଥାର ଆମୂଳଚୁଳ ପରିବର୍ତ୍ତନ ଲୋଡ଼ା ।

ସମସ୍ତଙ୍କ ପାଇଁ ଗୋଟିଏ ପ୍ରକାରର ନିଃଶୁଳ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଇବା ହେଉଛି ସମୃଦ୍ଧ ଓଡ଼ିଶା ଓ ସଶକ୍ତ ଭାରତ ଗଠନର ବୀଜମନ୍ତ୍ର । ଭାଷା, ସାହିତ୍ୟ, ସଂସ୍କୃତି, ଶିକ୍ଷା ଓ ନୈତିକତା କ୍ଷେତ୍ରରେ କ୍ରାନ୍ତି ହିଁ ପ୍ରଗତିର ଚାବିକାଠି । ଏହା ସହିତ ବିଭିନ୍ନ କ୍ଷେତ୍ରରେ ବିଜ୍ଞାନ ଓ ବୈଷୟିକ ବିଦ୍ୟାର ମଧ୍ୟ ବିକାଶ ଆବଶ୍ୟକ । ନାରୀ ଶକ୍ତି ଜାଗରଣଠାରୁ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ରକ୍ଷା ଏବଂ ନିଶା ନିବାରଣ କେବଳ ସ୍ଲୋଗାନ୍‌ରେ ସୀମିତ ନରହି କାମରେ ଦେଖାଯିବା ଆବଶ୍ୟକ । **ଓଡ଼ିଶାରେ ଗୁଜରାଟ ମଡେଲ୍ ବିକାଶ କଥା କୁହାଯାଉଥିବାବେଳେ ଓଡ଼ିଶାରେ ଗୁଜରାଟ ଭଳି ସଂପୂର୍ଣ୍ଣ ନିଶା ନିବାରଣ ଲାଗୁ କରାଯିବାର ଆବଶ୍ୟକତା ରହିଛି ।**

ଭାରତ ସ୍ୱାଧୀନ ହେବାର ମାତ୍ର ୨ବର୍ଷ ପୂର୍ବରୁ ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୯ବର୍ଷ ପରେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା । ଜର୍ମାନୀ ବି ଏକପ୍ରକାର ଭୁଲୁଣ୍ଠିତ ହୋଇଥିଲା । ଏହି ଦୁଇ ଦେଶ ଆଜି ବିଶ୍ୱ ଅର୍ଥନୀତିରେ ଗୋଟିଏ ପରେ ଗୋଟିଏ ସଫଳତାର ପାହାଚ ଚଢ଼ି ଚାଲିବା ପଛରେ ସେଠା ଲୋକଙ୍କ ଜାତୀୟ ଚରିତ୍ର, ରାଷ୍ଟ୍ରୀୟ ଚେତନା, ଶୃଙ୍ଖଳିତ ମନୋଭାବ ଏବଂ ସର୍ବୋପରି କର୍ମକୁଶଳ ସଂସ୍କୃତି ସହିତ ବିଜ୍ଞାନ ଓ ବୈଷୟିକ ବିଦ୍ୟା କ୍ଷେତ୍ରରେ ଉନ୍ନତି ଯୋଗୁଁ ସମ୍ଭବପର ହୋଇପାରୁଛି ।

ଯେଉଁଠି ସାମାଜିକ, ରାଜନୈତିକ ଓ ପ୍ରଶାସନିକ ବ୍ୟବସ୍ଥା ନିଶା ରାକ୍ଷସ ଦ୍ୱାରା କବଳିତ ଏବଂ ଦୁର୍ନୀତି, ବ୍ୟଭିଚାର, ଅପରାଧ ଆଦି ଭୂଷଣ ପାଲଟିଛି ସେଠି ଆମେ ସଫଳତାର ଶିଖରକୁ ଯିବା ପରିବର୍ତ୍ତେ ବିଫଳତାର ଅନ୍ଧକୂପ ମଧ୍ୟରେ ଖସି ପଡିବା ନିଶ୍ଚିତ । ଏଥିଲାଗି ଆମକୁ ଭୋଗ ଓ ନେବାର ଅପସଂସ୍କୃତି ଛାଡ଼ି ତ୍ୟାଗ, ସେବା, କରୁଣା ଏବଂ ସର୍ବୋପରି ପରାର୍ଥେ ଜୀବନ ଆଦିର ମାର୍ଗରେ ସତ୍ୟ ଓ ଅହିଂସାକୁ ଆଧାର କରି ଆଗେଇବାକୁ ପଡ଼ିବ ।

(ଲେଖକ ଜଣେ ଗାନ୍ଧିବାଦୀ ଓ ବିଶିଷ୍ଟ ଲେଖକ)
ମୋ– ୯୪୩୭୦୧୭୩୯୫
Email:prahalladsinha@gmail.com

# ଗୁଣପୁର ଅଞ୍ଚଳର ବିସ୍ମୃତ ସଂଗ୍ରାମୀ ଶାଣ୍ଡି



**ଡକ୍ଟର ବାସନ୍ତୀ ମହାନ୍ତି**

ଅବିଭକ୍ତ କୋରାପୁଟ ଜିଲ୍ଲା ଓ ଗୁଣୁପୁର ସବ୍‌ଡିଭିଜନ୍‌ରେ ଏକ ଅନାମଧେୟ ଗାଁ କୁଜେନ୍ଦ୍ରୀ। ବଣପାହାଡ଼ ଘେରା ଅଭାବ ଅନଟନ ଶୋଷଣ କଷଣ ଓ ପୀଡନ ଭିତରେ ବଞ୍ଚୁଥିବା ଲୋକମାନେ ସେମିତି ଇତିହାସ ଗର୍ଭରେ ଅଖୋଜା ଅଲୋଡ଼ା ଅଜ୍ଞାତ ଅପରିଚିତ ହୋଇ ରହିଯାଇଥାନ୍ତେ । କିନ୍ତୁ ସେହି ଅଞ୍ଚଳବାସୀଙ୍କୁ ନୂଆ ଜୀବନ ଦେଇଥିଲେ ବିଶ୍ୱନାଥ ପଟ୍ଟନାୟକ । ଯିଏ 'ବିଶ୍ୱନାଥ ଆଜ୍ଞା' ନାମରେ ପରିଚିତ ଥିଲେ । ଏ ଅଞ୍ଚଳରେ ପ୍ରବଳ କପାଚାଷ ହେଉଥିଲ ।। ସେହି କପାର ବ୍ୟବହାର ଜାଣି ନଥିବାରୁ ଏ ଅଞ୍ଚଳର ଲୋକେ ଲଜ୍ଜା ନିବାରଣ ପାଇଁ ପିନ୍ଧୁଥିଲେ କୌପୁନୀ ।

କପାସବୁ ସାହୁକାର ମହାଜନମାନଙ୍କର ପ୍ରତିବେଶୀ ରାଜ୍ୟକୁ ଚାଲାଣ କରୁଥିଲେ । ଯେତେବେଳେ ବିଶ୍ୱନାଥ ପଟ୍ଟନାୟକ ଏ ଅଞ୍ଚଳରେ ପାଦ ଦେଲେ, ଏ ଅଞ୍ଚଳର ସାମାଜିକ ସ୍ଥିତି ବଦଳିଗଲା। ସ୍ଥାନୀୟ ଲେକାଙ୍କୁ ଆଧୁନିକ ଉପାୟରେ ସେ ସୂତା କଟା ଶିଖାଇଲେ । ସେହି ସୂତା ସେମାନଙ୍କର ବସ୍ତ୍ରାଭାବ ଦୂରକଲା । ସେମାନେ କୌପୁନୀ ଛାଡ଼ି ବସ୍ତ୍ର ପିନ୍ଧିଲେ । ସେମାନଙ୍କୁ ଅକ୍ଷର ଶିଖାଇଲେ । କେବଳ ପୁରୁଷମାନଙ୍କୁ ଶିକ୍ଷା ଦେଲେ ନାହିଁ । ନାରୀଶିକ୍ଷା ପାଇଁ ମଧ୍ୟ ପ୍ରମୁଖ ଭୂମିକା ନେଲେ । ଆଶ୍ରମ କରି ଛୋଟ ଛୋଟ ଝିଅମାନଙ୍କୁ ପାଠ ପଢ଼େଇଲେ ।

ସ୍ତ୍ରୀ ଲୋକମାନଙ୍କୁ ପରିଷ୍କାର ପରିଚ୍ଛନ୍ନ ରହିବା, ଅରଟରେ ସୂତା କାଟିବା, ପିଲାଛୁଆମାନଙ୍କୁ ସ୍କୁଲ୍‌କୁ ପଠାଇବା ପରି କାର୍ଯ୍ୟ କରିବା ପାଇଁ ଉତ୍ସାହିତ କଲେ । ସାହୁକାର ମହାଜନମାନଙ୍କ ଶୋଷଣ କଷଣ ସଂପର୍କରେ ସଚେତନ କରାଇଲେ । ଗାନ୍ଧି ମହାତ୍ମାଙ୍କ ବାର୍ତ୍ତା ପ୍ରଚାର ପ୍ରସାର ସଙ୍ଗେ ସଙ୍ଗେ ସ୍ୱାଧୀନତା ଆନ୍ଦୋଳନରେ ଅଂଶ ଗ୍ରହଣ କରିବାପାଇଁ ଉତ୍ସାହିତ କଲେ । ଫଳରେ ଏ ଅଞ୍ଚଳର ସାମାଜିକ ଚିତ୍ର ପରିବର୍ତ୍ତିତ ହୋଇଗଲା । ବାଇରୁ ଗମାଙ୍ଗ ଓ ନୀଳକଣ୍ଠ ଗମାଙ୍ଗ ସହ ସୃଷ୍ଟି ହୋଇଥିଲେ ମହିଳା ସ୍ୱାଧୀନତା ସଂଗ୍ରାମୀ ଶାଣ୍ଡି ଶବର ।

କୁଜେନ୍ଦ୍ରୀ ଅଞ୍ଚଳରେ ବିଶ୍ୱନାଥଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇଥିବା ବାଇରୁ ଗମାଙ୍ଗଙ୍କ କନ୍ୟା ଶାଣ୍ଡୀ ୧୯୨୨ ମସିହାରେ କୁଜେନ୍ଦ୍ରୀ ଠାରେ ଜନ୍ମଗ୍ରହଣ କରିଥିଲେ । ସେ ମଧ୍ୟ ପିଲାଦିନୁ ପିତା ବାଇରୁ ଗମାଙ୍ଗଙ୍କ ପରି ସ୍ୱାଧୀନଚେତା ଥିଲେ । ବିଶ୍ୱନାଥ ପଟ୍ଟନାୟକଙ୍କ ଦ୍ୱାରା ସ୍ଥାପିତ କନ୍ୟାଶ୍ରମରେ ସେ ପାଠ ପଢୁଥିଲେ । ବାଇରୁ ଗମାଙ୍ଗଙ୍କର ଶାଣ୍ଡି ବ୍ୟତୀତ ନୀଳକଣ୍ଠ ନାମରେ ଏକ ପୁତ୍ର ଥିଲେ ।

ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରି ସେ କାରାବରଣ କରିଥିଲେ । ସଂଗ୍ରାମୀ ବାଇରୁ ଗମାଙ୍ଗ ବିଶ୍ୱନାଥ ପଟ୍ଟନାୟକଙ୍କର ଦକ୍ଷିଣ ହସ୍ତ ସ୍ୱରୂପ ଥିଲେ । ସେ ମଧ୍ୟ କାରାବରଣ କରିଥିଲେ । କୁଜେନ୍ଦ୍ରୀ ଅଞ୍ଚଳରେ ସ୍ୱାଧୀନତା ସଂଗ୍ରାମକୁ ଉଜ୍ଜୀବିତ କରି ରଖିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା ।

ଅବିଭକ୍ତ କୋରାପୁଟ ଜିଲ୍ଲାକୁ ମହାତ୍ମା ଗାନ୍ଧିଙ୍କ ଆଗମନ ହୋଇ ନଥିଲା କିନ୍ତୁ ଯେଉଁ ସ୍ୱାଧୀନତା ସଂଗ୍ରାମୀମାନେ କୋରାପୁଟ ଜିଲ୍ଲାରେ ମହାତ୍ମା ଗାନ୍ଧିଙ୍କ ବାର୍ତ୍ତା ପ୍ରଚାର କରୁଥିଲେ, ସେମାନେ ପ୍ରଥମେ ସ୍ଥାନୀୟ ଜନତାଙ୍କର ହୃଦୟ ଜୟ କରିଥିଲେ । ସେମାନଙ୍କ ଉପରେ ପୋଲିସ୍ ଜୁଲମ୍, ଜଙ୍ଗଲ ବିଭାଗ କର୍ମଚାରୀମାନଙ୍କର ଅତ୍ୟାଚାର, ରାଜକର୍ମଚାରୀମାନଙ୍କର ଶୋଷଣ, ସାହୁକାର ମହାଜନମାନେ ଅତ୍ୟାଚାର, ବେଠି ବେଗାରି ବହୁ ପରିମାଣରେ ହ୍ରାସ କରାଇଥିବାରୁ ଲୋକେ ସେମାନଙ୍କୁ ତ୍ରାଣକର୍ତ୍ତା ରୂପେ ଭାବୁଥିଲେ ।

ମହାତ୍ମା ଗାନ୍ଧିଙ୍କ ବାର୍ତ୍ତା ମାଧ୍ୟମରେ ଏସବୁ କାର୍ଯ୍ୟ କରୁଥିବାରୁ ମହାତ୍ମା ଗାନ୍ଧି ସେମାନଙ୍କ ଦୃଷ୍ଟିରେ ଈଶ୍ୱର ସ୍ୱରୂପ ଥିଲେ । ସେମାନେ କହୁଥିଲେ 'ଗାନ୍ଧି ମହାପୁରୁ' । ମହାତ୍ମା ଗାନ୍ଧିଙ୍କ ବାର୍ତ୍ତା ଯେଉଁମାନେ ପ୍ରଚାର କରୁଥିଲେ ସେମାନଙ୍କୁ କହୁଥିଲେ ଗାନ୍ଧି ଗୁମାସ୍ତା । ଗାନ୍ଧି ଗୁମାସ୍ତାମାନଙ୍କର ସଭାସମିତିକୁ ମହିଳା ସଦସ୍ୟମାନଙ୍କୁ ଆଣିବା ଦିଗରେ ଶାଣ୍ଡି ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ । ପାଠ ପଢ଼ିବା ସଙ୍ଗେ ସଙ୍ଗେ ମାତ୍ର ଦଶବର୍ଷ ବୟସରୁ ସେ ସ୍ୱାଧୀନତା ଆନ୍ଦୋଳନ ସହ ଜଡ଼ିତ ହୋଇଥିଲେ । ଶାଣ୍ଡୀଙ୍କର ଦେଶ ପ୍ରେମ ସ୍ୱାଧୀନଚେତା ମାନସିକତା, କର୍ତ୍ତବ୍ୟ ପରାୟଣତା, ମା' ରମା ଦେବୀ ଓ ମା' ମାଳତୀ ଚୌଧୁରୀଙ୍କୁ ଆକର୍ଷିତ କରିଥିଲା ।

ମା' ରମାଦେବୀଙ୍କ ସେବାଘର ବରୀରେ କିଛିଦିନ ଶାଣ୍ଡୀଙ୍କୁ କଂଗ୍ରେସ ପକ୍ଷରୁ ତାଲିମ୍ ଦିଆଯାଇଥିଲା । ଅନୁଗୁଳରେ ମଧ୍ୟ ରଚନାତ୍ମକ କାର୍ଯ୍ୟ ସଂପର୍କରେ ତାଲିମ୍ ପାଇବା ପରେ ତାଙ୍କ ବ୍ୟକ୍ତିତ୍ୱ ଆହୁରି ଶକ୍ତିଶାଳୀ ହୋଇଗଲା । କଂଗ୍ରେସ ତାଲିମ କେନ୍ଦ୍ରର ପ୍ରାଥମିକ ଶିକ୍ଷା ଥିଲା ନିର୍ଭୀକ ହେବା । 'ନିର୍ଭୟ କର ପ୍ରଭୁ ରାଜାରାମ' ଥିଲା କଂଗ୍ରେସର ସର୍ବଧର୍ମ ପ୍ରାର୍ଥନାର ଏକ ଅଂଶବିଶେଷ ।

ଲୋକେ ଜଙ୍ଗଲର ବାଘ ଭାଲୁ ଆଦି ହିଂସ୍ର ଜନ୍ତୁମାନଙ୍କୁ ଭୟକରୁ ନଥିଲେ କିନ୍ତୁ ତଥାକଥିତ ସଭ୍ୟ ସମାଜ ବିଭିନ୍ନ ଉପାୟରେ ସେମାନଙ୍କୁ ଭୟଭୀତ କରି ରଖିଥିଲେ । ସେମାନଙ୍କର ଅଧିକାର ସଂପର୍କରେ ମଧ୍ୟ ସେମାନେ ସଚେତନ ନ ଥିଲେ । ଭାଗ୍ୟ ଭବିତବ୍ୟ ଉପରେ ଭରସା କରି ଭୟଭୀତ ଜୀବନ ସେମାନେ ବଞ୍ଚୁଥିଲେ । କଂଗ୍ରେସ ତାଲିମ୍ ନେଇ ଆସିବା ପରେ ସେ ପ୍ରଥମେ ନିଜ ଲୋକଙ୍କ ମନରୁ ଭୟ ଦୂର କରିବାପାଇଁ ଲାଗି ପଡ଼ିଲେ । ସେଥିରେ ସଫଳତା ମଧ୍ୟ ହାସଲ କରିଥିଲେ ।

କ୍ରମଶଃ...

୨୧୩ ସି–ବ୍ଲକ୍, ଏମେରାଲ୍ଡ ଆପାର୍ଟମେଣ୍ଟ, ଲକ୍ଷ୍ମୀସାଗର, ଭୁବନେଶ୍ୱର–୭୫୧୦୦୬
ମୋ–୯୪୩୭୦୩୩୦୭୪

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୦ ରୋଗୀ...

ଅଞ୍ଚଳର ରବୀନ୍ଦ୍ର ଦାସ(୩୦), ଅନୁଗୋଳର ତେରୁ ପରିଡା(୧୦୦), କେନ୍ଦ୍ରାପଡ଼ା ମହାକାଳପଡ଼ାର ମେନକା ରାଉତ(୭୦), କଟକର ଏସ୍ କେ ଅବଦୁଲ ସତାର(୮୦) ଏବଂ ଯାଜପୁର ଧର୍ମଶାଳାର କୃଷ୍ଣଚନ୍ଦ୍ର ବିଶାଳ(୭୫) । ଯେଉଁ ୫ଜଣ ରୋଗୀ ସଂକଟାପନ୍ନ ରହିଛନ୍ତି ସେମାନେ ହେଲେ, ପଶ୍ଚିମବଙ୍ଗର ମହେଶ୍ୱର ମହାତ(୫୫), ଅନୁଗୋଳ ବଅଁରପାଳର ସୁମନ କୁମାର ସାହୁ(୩୦), ବାଲେଶ୍ୱରର ଦୟାନିଧି ମାଝୀ(୪୫), ଭଦ୍ରକର କଲ୍ୟାଣୀ ମଲ୍ଲିକ(୧୧) ଏବଂ କୋରାପୁଟର ପବିତ୍ର ତିଶାରୀ(୨୦) । ମୃତକଙ୍କ ଶବ ବ୍ୟବଚ୍ଛେଦ କରାଯିବା ପରେ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି । ବିଦ୍ୟୁତ୍ ସର୍ଟ ସର୍କିଟ୍ ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଘଟଣାସ୍ଥଳରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା, ପୂର୍ବତନ ବିଧାୟକ ସୁରେଶ ରାଉତରାୟ, ମେୟର ସୁବାସ ସିଂହ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ ।

ସୂଚନା ଅନୁସାରେ, ରବିବାର ବିଳମ୍ବିତ ରାତିରେ ଟ୍ରମା ଆଇସିୟୁରେ ରୋଗୀମାନେ ଶୋଇ ଥିବା ବେଳେ ଭିତରେ କୌଣସି ସେବିକା କିମ୍ବା ମେଡିକାଲ କର୍ମଚାରୀ ନଥିଲେ । ଜଣେ ଆଇସିୟୁ କର୍ମଚାରୀ ଡ୍ୟୁଟି କରୁଥିଲେ । ହଠାତ୍ ଏକ ଇଲେକ୍ଟ୍ରିକ୍ ବୋର୍ଡ଼ ଜଳି ଉଠିଥିଲା । କିଛି ସମୟ ଭିତରେ ଏସି ୱେୟାରିଂ ଓ ସମସ୍ତ ବିଦ୍ୟୁତ୍ ତାର ଜଳିବାକୁ ଲାଗିଥିଲା । ଏହାର ମାତ୍ର ୫ମିନିଟ୍ ଭିତରେ ଟ୍ରମା ଆଇସିୟୁଟି ଧୂ ଧୂ ହୋଇ ଜଳି ଉଠିଥିଲା । ସମଗ୍ର ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା । ଏହାଜାଣି ଆଇସିୟୁରେ ଡ୍ୟୁଟି କରୁଥିବା କର୍ମଚାରୀ ତଳ ମହଲାକୁ ଦୌଡ଼ି ଅନ୍ୟ କର୍ମଚାରୀ ଏବଂ ଡ୍ୟୁଟିରେ ଥିବା ଡାକ୍ତରଙ୍କୁ ଅଗ୍ନିକାଣ୍ଡ ବିଷୟରେ ଜଣାଇଥିଲେ । ଏସସିବି ପରିସରରେ ଥିବା ଅଗ୍ନିଶମ କାର୍ଯ୍ୟାଳୟକୁ ଖବର ଦିଆଯିବା ପରେ ସେଠାରୁ ଏକ ଦମକଳ ଗାଡ଼ି ଆଇସିୟୁ କୋଠା ବାହାରେ ପହଞ୍ଚିଥିଲା । କିଛି ସମୟ ପରେ ମର୍କତନଗର ଅଗ୍ନିଶମ ବାହିନୀ ଏବଂ ବକ୍ସିବଜାର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ । ସେତେବେଳେକୁ ଟ୍ରମା ଆଇସିୟୁ ଅଧାରୁ ଅଧିକ ଜଳି ସାରିଥିଲା । ପ୍ରଥମେ ଫୋମ୍ ମାଡ଼ କରାଯାଇଥିଲେ ମଧ୍ୟ ନିଆଁ ଆୟତ୍ତକୁ ଆସିନଥିଲା । ଦମକଳ କେନ୍ଦ୍ର କର୍ମଚାରୀମାନେ ବାଧ୍ୟ ହୋଇ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ପାଣି ମାଡ଼ କରିଥିଲେ । ୪ଟି ଦମକଳ ଗାଡ଼ି ପ୍ରାୟ ଅଧଘଣ୍ଟା ପାଣି ମାଡ଼ କଲାପରେ ନିଆଁ ଲିଭିଥିଲା । ଏତିକି ବେଳେ ରେସ୍କ୍ୟୁ ଅପରେସନ୍ ଜୋରଦାର କରାଯାଇଥିଲା । ଆଇସିୟୁ ଭିତରେ ଥିବା ୨୩ଜଣ ରୋଗୀଙ୍କ ମଧ୍ୟରୁ ସେତେବେଳକୁ ୧୦ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ । ୧୩ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା ।

ଅନ୍ୟପଟେ ଏସ୍‌ସିବି ମେଡିକାଲରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ରକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମେଡିକାଲରେ ଆଦୌ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଠିକ୍ ନଥିଲା । ଯେତେବେଳେ ଅଗ୍ନିକାଣ୍ଡ ଘଟିଲା, ପୂର୍ବରୁ ଲାଗିଥିବା ସ୍ପ୍ରିଙ୍କଲରରୁ ପାଣିସ୍ପ୍ରେ ହୋଇନଥିଲା । ଭିତରେ ଥିବା ଫାୟାର୍ ଏକ୍ସଟିଙ୍ଗୁଇସର୍ ଅକାମୀ ହୋଇ ପଡ଼ି ରହିଥିଲା । ପରିସରରେ ଥିବା ଗୋଟିଏ ମାତ୍ର ଦମକଳ ଗାଡ଼ି ଠିକ୍ ସମୟରେ ପହଞ୍ଚି ଥିବା ବେଳେ ତାହା ନିଆଁକୁ ଆୟତ୍ତ କରି ପାରିନଥିଲା । ଏସବୁ ଅବହେଳାକୁ ମେଡିକାଲ କର୍ତ୍ତୃପକ୍ଷ ସ୍ୱିକାର କରୁନାହାନ୍ତି । ଘଟଣା ସମ୍ପର୍କରେ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀଙ୍କୁ ପଚାରିବାରୁ, ସେ କହିଥିଲେ ଯେ, ସ୍ଥିତିର ଗମ୍ଭିରତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଘଟଣାର ନ୍ୟାୟିକ ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଶାସନିକ ସ୍ତରରେ କୌଣସି ଉତ୍ତର ରଖିବା ଆଦୌ ସମୀଚିନ ମନେ କରୁନାହିଁ ବୋଲି କହି ଏସସିବିରେ ଅଗ୍ନି ନିରାପତ୍ତା ସଂକ୍ରାନ୍ତୀୟ ବ୍ୟବସ୍ଥା ସମ୍ପର୍କରେ କୌଣସି ସନ୍ତୋଷଜନକ ଉତ୍ତର ନଦେଇ ଏହାକୁ ଏଡାଇ ଦେଇଥିଲେ । ପୂର୍ବରୁ ରାଜ୍ୟର ସର୍ବପୁରାତନ ଡାକ୍ତରୀ ପ୍ରତିଷ୍ଠାନ ଗୁଡ଼ିକର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯାଇଥିଲା । ରାଜ୍ୟ ସରକାର ଏ ବାବଦରେ ୩୫୦କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଇଲେକ୍ଟ୍ରିକ୍ ଚିପ୍ ଇଞ୍ଜିନିୟର ଏବଂ ପିଡବ୍ଲ୍ୟୁଡି ଚିପ୍ ଇଞ୍ଜିନିୟର ଘଟଣାସ୍ଥଳ ଯାଞ୍ଚ କରିଛନ୍ତି ।

### ବିଚାର...

ଯୋଗୁଁ ମୃତ୍ୟୁ ଘଟିଥିବା ପ୍ରତ୍ୟେକଙ୍କ ନିକଟତମ ଆତ୍ମୀୟ ଙ୍କ ପାଇଁ ୨୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

ସେମାନଙ୍କ ସମ୍ପର୍କୀୟ ମାନଙ୍କୁ ଭେଟି ଆଶ୍ୱାସନା ଦେଇଛନ୍ତି । ଆଇସିୟୁରୁ ସ୍ଥାନାନ୍ତରିତ ହୋଇଥିବା ଅନ୍ୟ ରୋଗୀମାନଙ୍କୁ ସର୍ବୋତ୍ତମ ଚିକିତ୍ସା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ବିଭାଗ ତଥା ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଗଣମାଧ୍ୟମ ଆଗରେ ପ୍ରତୀକ୍ରିୟା ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରଜ୍ୟର ସମସ୍ତ ହସ୍ପିଟାଲ ଗୁଡିକରେ ଅଗ୍ନୀ ନିର୍ବାପକ ବ୍ୟବସ୍ଥା କରିବାପାଇଁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଛି । ଚଳିତ ବଜେଟ୍ ରେ ମଧ୍ୟ ଏଥି ପାଇଁ ୩୨୦ କୋଟି ଟଙ୍କାର ଆର୍ଥିକ ବ୍ୟବସ୍ଥା କରାଯାଇଥିଲା । ହସ୍ପିଟାଲ ଗୁଡିକରେ ଅଗ୍ନି ନୀର୍ବାପକ କାମ ଜାରି ରହିଚି । ଏଥିପାଇଁ ଆଗାମୀ ବଜେଟ୍ ରେ ମଧ୍ଯ ୪୦୦ କୋଟି ଟଙ୍କା ର ପ୍ରାବଧାନ କରାଯାଇଛି । ଏସସିବି ମେଡିକାଲ ଅଗ୍ନି ନିର୍ବାପକ ବ୍ୟବସ୍ଥାକୁ ପ୍ରତ୍ୟକ୍ଷ ଭାବେ ତଦାରଖ କରି ତୁରନ୍ତ ଫାୟାର କମ୍ପ୍ଲିଆଣ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅଗ୍ନିଶମ ମହା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

### ଉନ୍ନୟନ...

ଇନସ୍ପେକ୍ଟର ତଥା ଇ.ଆଇ.ସି ବରଦା ପ୍ରସନ୍ନ ଦାଶ, ସହରାଞ୍ଚଳ ଜନସ୍ୱାସ୍ଥ୍ୟ ବିଭାଗର ଇ.ଆଇ.ସି ବିରଞ୍ଚି ନାରାୟଣ ପ୍ରଧାନ, ଚିଫ ଇଞ୍ଜିନିୟର ବିଲ୍ଡିଂ ପ୍ରିୟବ୍ରତ ସାମନ୍ତରାୟ ଏବଂ ମେଡିକାଲ ଏଜୁକେଶନ ଓ ଟ୍ରେନିଂ ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ସନ୍ତୋଷ କୁମାର ମିଶ୍ର । ଏହି କମିଟି ଏସ୍.ସି.ବି ମେଡିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନ କରି ଆଜି ସନ୍ଧ୍ୟା ସୁଦ୍ଧା ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ପ୍ରଦାନ କରିବେ ।

### ମୁଖ୍ୟମନ୍ତ୍ରୀଙ୍କ...

ବିଭାଗୀୟ ତଦନ୍ତ ସମ୍ପର୍କରେ ମଧ୍ୟ ସୂଚନା ପ୍ରଦାନ କରିଛି । ଆଜି ସକାଳୁ ମୁଁ ନିଜେ ଏସସିବି ଗସ୍ତ କରି ସ୍ଥିତିର ସମୀକ୍ଷା କରିବା ସହ ପ୍ରଭାବିତଙ୍କୁ ସମସ୍ତ ପ୍ରକାରର ସରକାରୀ ସହାୟତା ପ୍ରଦାନ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛି । ସମସ୍ତ ସମ୍ପୃକ୍ତ ବିଭାଗ ଓ ଟିମ୍ ପୂର୍ଣ୍ଣ ସମନ୍ୱୟର ସହ ନିରନ୍ତର କାର୍ଯ୍ୟ କରୁଛନ୍ତି । ଏହି ସମ୍ବେଦନଶୀଳ ସମୟରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସହାନୁଭୂତିପୂର୍ଣ୍ଣ ଉଦ୍‌ବେଗ ଏବଂ ଆବଶ୍ୟକୀୟ ସହାୟତାର ପ୍ରତିଶ୍ରୁତି ପାଇଁ ମୁଁ ତାଙ୍କ ନିକଟରେ କୃତଜ୍ଞ ।

### ରାଜ୍ୟସଭାକୁ...

ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଘୋଡା ବେପାର ଅଭିଯୋଗ ଆଣିବା ସହ ଅପରାଧ ପୃଷ୍ଠଭୂମ ଥିବା ବ୍ୟକ୍ତିମାନେ କ୍ରସ ଭୋଟିଂ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି । ମନମୋହନ ସାମଲ, ସୁଜିତ କୁମାର ଓ ଦିଲ୍ଲୀପ ରାୟ ଦ୍ୱିତୀୟଥର ଲାଗି ରାଜ୍ୟସଭାକୁ ନିର୍ବାଚିତ ହୋଇଥିବା ବେଳେ ସନ୍ତୃପ୍ତ ମିଶ୍ର ପ୍ରଥମଥର ଲାଗି ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି ।

ସକାଳୁ ଭୋଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ବିଜେଡି ପକ୍ଷରୁ ପ୍ରଥମେ ନବୀନ ପଟ୍ଟନାୟକ ଭୋଟ୍ ଦେଇଥିଲେ । ଏହାପରେ ଦଳର ୫ ଜଣ ଲେଖାଏଁ ବିଧାୟକ ଏକାକୀ ହୋଇ ଭୋଟ୍ ଦେବାକୁ ଆସୁଥିଲେ । ବିଜେଡିରୁ ନିଲମ୍ବିତ ହୋଇଥିବା ସନାତନ ମହାକୁଡ ପ୍ରଥମେ ଭୋଟ୍ ଦେଇଥିଲେ । ଏହାପରେ ଜଣକ ପରେ ଜଣେ ବିଧାୟକ ଭୋଟ୍ ଦେବାକୁ ଆସିଥିଲେ । ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ଭୋଟିଂକୁ ନେଇ ବିବାଦ ଦେଖାଦେଇଥିଲା । ବାଲାଟରେ ସେ ଓଭର ରାଇଟିଂ କରିଥିବା ବେଳେ ରିଟର୍ଣ୍ଣିଂ ଅଫିସରଙ୍କୁ କହିଥିଲେ ଏବଂ ଆଉ ଏକ ବାଲାଟ ଦେବା ପାଇଁ ଅନୁରୋଧ କରିଥିଲେ । ମାତ୍ର ବିଜେଡିର ଏଜେଣ୍ଟମାନେ ଏହାକୁ ବିରୋଧ କରିଥିଲେ । ଦ୍ୱିତୀୟ ବାଲାଟ ଦିଆଯାଇପାରିବ ନାହିଁ ବୋଲି ଅଡି ବସିଥିଲେ । ହେଲେ ରାଜ୍ୟସଭା ନିର୍ବାଚନ ଲାଗି ନିଯୁକ୍ତ ଅଧିକାରୀମାନେ ନିୟମ ଅନୁଯାୟୀ ଦ୍ୱିତୀୟ ବାଲାଟ ତାଙ୍କୁ ପ୍ରଦାନ କରିଥିଲେ । ଯାହାକୁ ନେଇ କିଛି ସମୟ ପାଇଁ ଭୋଟ୍ ପ୍ରକ୍ରିୟା ବନ୍ଦ ରହିଥିଲା । ଏହି ପ୍ରସଙ୍ଗରେ ମଧ ବିଜେଡି ମୁଖ୍ୟ ନିର୍ବାଚନ କମିଶନରଙ୍କ ନିକଟରେ ଆପତ୍ତି କରିଥିଲା । ହେଲେ ପରେ ଉପାସନାଙ୍କ ଭୋଟକୁ ବୈଧ ଘୋଷଣା କରାଯାଇଥିଲା । ସେହିଭଳି ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଭୋଟ୍ ଦେବାକୁ ଆସିବା ବେଳେ ବିଜେଡି ଓ ବିଜେପି ସମର୍ଥକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । କିଛି ସମୟ ଲାଗି ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । କଟକ ଚୌଧୁର ବିଧାୟକ ସୌଭିକ ବିଶ୍ୱାଳ ତାଙ୍କ ପତ୍ନୀଙ୍କ ସହ ଭୋଟ୍ ଦେବାକୁ ଆସିଥିଲେ । ତେବେ ଭୋଟ୍ ଦେବାକୁ ଯିବା ବେଳେ ଓ ଭୋଟ୍ ଦେଇ ସାରିଲା ପରେ ସେ ମଉନବ୍ରତରେ ଥିବା ତାଙ୍କ ପତ୍ନୀ କହିଥିଲେ । ଗଣମାଧ୍ୟମକୁ କୌଣସି ପ୍ରତିକ୍ରିୟା ନଦେଇ ସେ ଚାଲିଯାଇଥିଲେ । ତେବେ ଭୋଟ୍ ପ୍ରକ୍ରିୟାରୁ ଜଣାପଡିଥିଲା ଯେ, ବ୍ୟାପକ କ୍ରସ ଭୋଟିଂ ହୋଇଛି ।

### ନୀତିଶ...

ଭୋଟ ପାଇ ବିଜୟୀ ହୋଇଛନ୍ତି । ଆରଜେଡି ପ୍ରାର୍ଥୀ କରିଥିବା ଏଡି ସିଂହଙ୍କ ସପକ୍ଷରେ କେବଳ ୩୭ଟି ଭୋଟ ଯାଇଛି । ଯଦି ମହାଗଠବନ୍ଧନର ୪ ବିଧାୟକ ଭୋଟ ଦେଇଥାଆନ୍ତେ, ତା'ହେଲେ ଶ୍ରୀ ସିଂହ ବିଜୟ ହେବାର ସମ୍ଭାବନା ରହିଥିଲା । ବିଜେପି ନେତୃତ୍ୱାଧୀନ ଏନଡିଏର ସମସ୍ତ ୨୦୨ ଜଣ ବିଧାୟକ ଆଜି ଭୋଟିଂ କରିଛନ୍ତି । ଅର୍ଥାତ ଏନଡିଏର ଶତପ୍ରତିଶତ ଭୋଟିଂ ହୋଇଛି ।

## ଇନ୍ଦିରାବଜାର କନ୍ତିମଳା ରାସ୍ତା କାର୍ଯ୍ୟ ନିମ୍ନମାନର, ଭିଜିଲାନ୍ସ ତଦନ୍ତ ଦାବି

କାକଟପୁର ,(ସବ୍ୟୁ) :କାକଟପୁର ଗ୍ରାମ୍ୟଉନ୍ନୟନ ବିଭାଗ ସବଡିଭିଜନ ଅଧିନସ୍ଥ କାକଟପୁର ଗ୍ରାମ୍ୟଉନ୍ନୟନ ବିଭାଗ ସେକ୍ସନ ନଂ ୨ ପକ୍ଷରୁ ମୁଖ୍ୟମନ୍ତ୍ରୀ ସ ଯୋଜନାରେ ୩ କୋଟି ୯ ଲକ୍ଷ ୭୫ ହଜାର ଟଙ୍କା ବ୍ୟୟ ବରାଦରେ ଇନ୍ଦିରାବଜାର ଠାରୁ କନ୍ତିମଳା ଦୀର୍ଘ ୩ କିମି ୩ ଶହ ମିଟର ରାସ୍ତା କାର୍ଯ୍ୟ ଗତ କିଛି ମାସ ଧରି ବନ୍ଦ ରହିବା ପରେ ଏବେ ୮ ଦିନ ହେବ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ରାସ୍ତା କାର୍ଯ୍ୟରେ ବ୍ୟାପକ ଅନିୟମିତତା କରାଯାଉଥିବା ବେଳେ ଏଷ୍ଟିମେଣ୍ଟ ଅନୁଯାଇ କାର୍ଯ୍ୟର ମାନ, ପରିମାଣ , ଉଚ୍ଚତା ଠିକ ନଥିବା ଏବଂ ନିର୍ମାଣ କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହୃତ କରାଯାଉଥିବା ଅବଦାନ ଗ୍ରାମପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଏହି ରାସ୍ତାରେ ଥିବା ଏକାଧିକ ଦଦରା କଲଭଟ ଉପରେ ରାସ୍ତା ନିର୍ମାଣହେଉଛି। ସ୍ଥାନୀୟ ଜନପ୍ରତିନିଧି ଓ ଜନସାଧାରଣଙ୍କ ଅଭିଯୋଗକୁ ଠିକାଦାର କି ଯନ୍ତ୍ରୀ କେହି କର୍ଣ୍ଣପାତ କରୁନାହାନ୍ତି।

ଏମିତିକି ନିମାପଡା ଗ୍ରାମ୍ୟଉନ୍ନୟନ ବିଭାଗ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ଅଭିଯୋଗ ସଂପର୍କରେ ପାଟି ନଖୋଲିବା ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ସୂଚନା ଅନୁଯାଇ ଗତ ତା ୨୬ / ୫ / ୨୦୨୫ରେ ଗ୍ରାମ୍ୟଉନ୍ନୟନ ତଥା ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ଓ ଜଗତସିଂହପୁର ସାଂସଦ ଡ଼ଃ ବିଭୂପ୍ରସାଦ ତରାଇ ଇନ୍ଦିରାବଜାର ଠାରୁ କନ୍ତିମଳା ରାସ୍ତା କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ରାସ୍ତା କାର୍ଯ୍ୟ ତା୨୪ / ୬ / ୨୦୨୫ ରୁ ଆରମ୍ଭ ହୋଇ ତା ୨୩ / ୧୨ / ୨୦୨୫ ସୁଦ୍ଧା ଶେଷ ହେବା କଥା। ରାସ୍ତା କାର୍ଯ୍ୟର ଅବଧି ୩ ମାସ ତଳୁ ଶେଷ ହୋଇଯାଇଥିଲେ ସୁଦ୍ଧା ଠିକାଦାର ଏଯାବତ ଯେତିକି କାର୍ଯ୍ୟ ନକରିଛି ତା ଠାରୁ ଅଧିକ ଟଙ୍କାର ବିଲ ବିଭାଗ ଠିକାଦାରକୁ ପୈଠ କରିଥିବା ଜନୈକ ଅଧିକାରୀ ନିଜ ନାମକୁ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ମୋଟ ୩ କିମି ୩ ଶହ ମିଟର ରାସ୍ତା କାର୍ଯ୍ୟ ମଧ୍ୟରେ ରହିଛି ୧ କିମି ୬ ଶହ ୯୦ ମିଟର ପିଚୁ କାର୍ଯ୍ୟ , ୧ କିମି ୩୦ ମିଟର କଂକ୍ରିଟ ଲେଇ କାର୍ଯ୍ୟ ଓ ଫେବେର ବ୍ଲକ ୫ ଶହ ୮୦ ମିଟର। ଏଷ୍ଟିମେଣ୍ଟ ମୁତାପକ ଏହି ରାସ୍ତାରେ ୫ ଟି ନୂଆ କଲଭଟ ନିର୍ମାଣ ହେବାକୁ ଥିବା ବେଳେ ଠିକାଦାର ପୂର୍ବରୁ ରାସ୍ତା ଉପରେ ଥିବା କେତେକ ଦଦରା କଲଭଟ ଉପରେ ରାସ୍ତା ନିର୍ମାଣକରୁଥିବା ଅବଦାନ ଗ୍ରାମପଞ୍ଚାୟତର କନ୍ତିମଳା , କୋଟାଙ୍ଗ, ବାଘଗୋରଡ଼ି , ସନ୍ତରସ , କଜଳପାଟିଆ ଗ୍ରାମର ଗ୍ରାମବାସୀଙ୍କ ସମେତ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଚିତ୍ରା ନନ୍ଦ ଦାଶ , ଲକ୍ଷ୍ମୀନାରାୟଣ ଜେନା , ବର୍ତ୍ତମାନର ନିର୍ବାଚିତ ନାଏବ ସରପଞ୍ଚ ଟୁଲୁ କୁମାର ମହାନ୍ତି , କାଳନ୍ଦୀ ସେଣ , ସୁବାସ ଚନ୍ଦ୍ର ସାହୁ , ବିଜୟ କୁମାର ସାହୁ ପ୍ରମୁଖ ଲିଖିତ ଅଭିଯୋଗ କରିବା ସହିତ ରାସ୍ତା କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ଦାବୀ କରିଛନ୍ତି। ଅଭିଯୋଗ ସମ୍ପର୍କରେ ବିଭାଗୀୟ ଅଧିକାରୀ ଙ୍କ ସହିତ ଯୋଗାଯୋଗ କରିବାରେ ସେ କହିଥିଲେ ଯେ ଯଦି ରାସ୍ତା ନିର୍ମାଣ କାର୍ଯ୍ୟରେ ଅନିୟମିତତା କରାଯାଉ ଥାଏ ତଦନ୍ତ ପରେ ସମ୍ପୃକ୍ତ ଠିକାଦାର ଓ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ତ୍ରିନାଥ ବଜାର ନିକଟରେ କେନାଲ ଦୂଷିତ, ପଚା ପାଣିରେ ଦୁର୍ଗନ୍ଧ

ଫୁଲନଖରା ,(ସବ୍ୟୁ) :ଫୁଲନଖରା ଡିଷ୍ଟ୍ରିବ୍ୟୁଟାରୀ କେନାଲ ତଥା ଓଲଟପୁର ମାଇନର କେନାଲ ତ୍ରିନାଥ ବଜାର ନିକଟରେ ପରିବେଶ ଓ ସ୍ୱାସ୍ଥ୍ୟକୁ ଗଭୀର ହୁମକ ଦେଇଥିବା ଏକ ଗୁରୁତର ସମସ୍ୟା ଦେଖାଦେଇଛି । ସ୍ଥାନୀୟ କିଛି ବଜାର ଦୋକାନୀ ଓ ଅସାଧୁ ବ୍ୟକ୍ତିମାନେ ଦିନକୁ ଦିନ କେନାଲ ମଧ୍ୟରେ ଅନିୟନ୍ତ୍ରିତ ଭାବରେ ଅଳିଆ-ଆବର୍ଜନା ପକାଇ ଚାଲିଛନ୍ତି । ବଜାରରୁ ବାହାରୁଥିବା ବ୍ୟବହୃତ ପାଣି, ମଳିନ ନିଷ୍କାସନ ଜଳ, ପଚା ଖାଦ୍ୟାବଶେଷ ଓ ବିଭିନ୍ନ ପ୍ରକାର ବ୍ୟବହୃତସାମଗ୍ରୀ ସିଧାସଳଖ କେନାଲ ମଧ୍ୟକୁ ଛାଡ଼ାଯାଉଛି । ଏଥିରେ ସୀମିତ ନ ରହି, ଘର ନିର୍ମାଣ କାମ କିମ୍ବା ବିଲ୍ଡିଂ କାମରେ ବ୍ୟବହୃତ ଇଟା, ବାଲି, ସିମେଣ୍ଟ ବସ୍ତା, ମାଟି ଓ ଅନ୍ୟାନ୍ୟ ନିର୍ମାଣ ଅବଶିଷ୍ଟ ମଧ୍ୟ ଅବିବେକପୂର୍ଣ୍ଣ ଭାବରେ କେନାଲ ଭିତରକୁ ପକାଯାଉଛି । ଏହା ଫଳରେ କେନାଲର ପାଣି ପଚି ସଢ଼ି ଦୁର୍ଗନ୍ଧ ବାହାରୁଛି ଏବଂ ସମଗ୍ର ପରିବେଶ ଦୂଷିତ ହେଉଛି । କେନାଲର ପାଣି ପ୍ରବାହ ମଧ୍ୟ ବାଧାପ୍ରାପ୍ତ ହେଉଥିବାରୁ ଆଗାମୀ ଦିନରେ ଜଳଜମା ଓ ବିଭିନ୍ନ ରୋଗ ବ୍ୟାପିବାର ଆଶଙ୍କା ଦେଖାଦେଇଛି । ସବୁଠାରୁ ଦୁଃଖଦ ଓ ଚିନ୍ତାଜନକ ବିଷୟ ହେଉଛି ଏହି ଗୁରୁତର ସମସ୍ୟା ପ୍ରତି ପ୍ରଶାସନର ଚମତ୍କାର ନୀରବତା । ଏପର୍ଯ୍ୟନ୍ତ ନ କେନାଲ ସଫା କରିବା ପାଇଁ କୌଣସି ପ୍ରୟାସ ଦେଖାଯାଇଛି, ନାହିଁ କେନାଲକୁ ଅଳିଆ ପକାଉଥିବା ଦୋକାନୀ କିମ୍ବା ଅସାଧୁ ବ୍ୟକ୍ତିଙ୍କ ବିରୋଧରେ କୌଣସି କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି । ଏହା ପ୍ରଶାସନର ଦାୟିତ୍ୱହୀନତାକୁ ସ୍ପଷ୍ଟ କରୁଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଯଦି ଏହି ଅବସ୍ଥା ଏଭଳି ଚାଲିଥାଏ, ତେବେ ପରିବେଶ ଦୂଷିତହେବା ସହ ସ୍ଥାନୀୟ ଲୋକମାନଙ୍କ ଜୀବନ ଓ ସ୍ୱାସ୍ଥ୍ୟ ଉପରେ ଭୟଙ୍କର ପ୍ରଭାବ ପଡ଼ିବ । ତେଣୁ ଏହି ସମସ୍ୟା ପ୍ରତି ସରକାର ଓ ସମ୍ପର୍କିତ ବିଭାଗ ତୁରନ୍ତ ସତ୍ୱତନ୍ତ୍ର ଦୃଷ୍ଟି ଦେଇ କେନାଲକୁ ସଫା କରିବା ସହ ଦୋଷୀମାନଙ୍କ ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଜୋରଦାର ଦାବି କରିଛନ୍ତି । ଏହା ସହିତ କେନାଲ ମଧ୍ୟରେ ଅଳିଆ-ଆବର୍ଜନା ପକାଇବାକୁ ସଂପୂର୍ଣ୍ଣ ନିଷେଧ କରି ନିୟମିତ ନିରୀକ୍ଷଣ ଓ ସଫାଇ ବ୍ୟବସ୍ଥା କରାଯିବା ଆବଶ୍ୟକ ବୋଲି ସାଧାରଣ ଲୋକମାନେ ମତ ପ୍ରକାଶ କରିଛନ୍ତି । ନଚେ ଆଗାମୀ ଦିନରେ ଏହି ସମସ୍ୟା ଆହୁରି ଭୟାବହ ରୂପ ଧାରଣ କରିବା ସ୍ପଷ୍ଟ ।

## ହାଡ଼ପଦାରେ ଜଳକଷ୍ଟ

## ପୋଖରୀ ପୁନରୁଦ୍ଧାର ଓ ସାମୁହିକ ଶୌଚାଳୟ ପାଇଁ ଜିଲ୍ଲାପାଳଙ୍କୁ ଗ୍ରାମବାସୀଙ୍କ ଗୁହାରି

ନିରାକାରପୁର ,(ସବ୍ୟୁ) :ଖରାଦିନ ଆରମ୍ଭ ନ ହେଉଣୁ ଖୋର୍ଦ୍ଧା ଜିଲ୍ଲା ନରଣଗଡ଼ ପଞ୍ଚାୟତ ଅନ୍ତର୍ଗତ ହାଡ଼ପଦା ଗ୍ରାମରେ ଜଳକଷ୍ଟ ଉତ୍କଟ ରୂପ ଧାରଣ କରିଛି । ଗ୍ରାମର ମୁଖ୍ୟ ଜଳାଶୟ 'ବେତେରାଗୋଡ଼ି' ପୋଖରୀଟି ପ୍ରଶାସନିକ ଅବହେଳାରୁ ପୋତି ହୋଇଯାଇଥିବାରୁ ଏବେ ୧୦୦ରୁ ଅଧିକ ପରିବାର ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ମାର୍ଚ୍ଚ ମାସ ଆରମ୍ଭରୁ ପୋଖରୀଟି ସମ୍ପୂର୍ଣ୍ଣ ଶୁଖିଯାଇଛି । ଗାଧୋଇବା, ଶୌଚ ହେବା ଏବଂ ଶୁଦ୍ଧିକ୍ରିୟା ପରି ଧାର୍ମିକ କାର୍ଯ୍ୟ ପାଇଁ ଲୋକେ ପାଣି ପାଉନାହାନ୍ତି । ଗ୍ରାମଟି ଅନୁସୂଚିତ ଜାତି ବହୁଳ ହୋଇଥିବା ବେଳେ ଏଠାରେ ପର୍ଯ୍ୟାପ୍ତ ଶୌଚାଳୟ ନାହିଁ। ପୋଖରୀ ଶୁଖିଯିବାରୁ ମହିଳାମାନେ ବାହାରେ ମଳତ୍ୟାଗ କରିବାକୁ ବାଧ୍ୟ ହେଉଛନ୍ତି, ଯାହା ସେମାନଙ୍କ ସମ୍ମାନ ଓ ସ୍ୱାସ୍ଥ୍ୟ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ପାଣି ଅଭାବରୁ ଗୃହପାଳିତ ପଶୁ ଓ ପକ୍ଷୀମାନେ ମଧ୍ୟ ଶୋଷରେ ହନ୍ତସନ୍ତ ହେଉଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ହାଡ଼ପଦା ଗ୍ରାମବାସୀ ପୂର୍ବରୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ତେଣୁ ପୁନର୍ବାର ଗ୍ରାମବାସୀମାନେ ଏକଜୁଟ ହୋଇ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଏକ ପତ୍ର ମାଧ୍ୟମରେ 'ବେତେରାଗୋଡ଼ି' ପୋଖରୀର ତୁରନ୍ତ ପୁନରୁଦ୍ଧାର ଏବଂ ଗ୍ରାମରେ ଏକ ସାମୁହିକ ଶୌଚାଳୟ ନିର୍ମାଣ ପାଇଁ ଦାବି କରିଛନ୍ତି । ଗ୍ରାମବାସୀ ମାନେ ସମ୍ପୂର୍ଣ୍ଣ ଭାବେ ନଳକୂପ ପାଣି ଉପରେ ନିର୍ଭର କରୁଛନ୍ତି ।

ପୋଖରୀ ଶୁଖିଯିବା ପରେ ଗୃହପାଳିତ ପଶୁଙ୍କୁ ନେଇ ସେମାନେ ବହୁତ ଚିନ୍ତାରେ ଅଛନ୍ତି । ସରକାର ତୁରନ୍ତ ପୋଖରୀର ଖନନ କାର୍ଯ୍ୟ ଆରମ୍ଭ କରନ୍ତୁ ବୋଲି ଜଣେ ଗ୍ରାମବାସୀ ପ୍ରକାଶ କରିଛନ୍ତି । ଖରା ବଢ଼ିବା ପୂର୍ବରୁ ଯଦି ପ୍ରଶାସନ ଉଚିତ ପଦକ୍ଷେପ ନନିଏ, ତେବେ ଆଗାମୀ ଦିନରେ ଏହି ଜଳକଷ୍ଟ ଆହୁରି ଭୟଙ୍କର ହେବାର ଆଶଙ୍କା ରହିଛି ।

**AFFIDAVIT**

By virtue of an affidavit sworn before Executive Magistrate, Nimapara. I Sayed Abdul Arip, S/o Sayed Abdul Rahim, Vill-Rench Khelar, Po-Rench, PS-Nimapara, Dist.-Puri, Pin-752114 state that in Aadhaar Card My name has been wrongly mentioned as Sayed Abdul Arif in place of Sayed Abdul Arip. Now I want to rectify the defective name in my Aadhaar Card as Sayed Abdul Arip for all purpose.

**ସତ୍ୟପାଠ**

ମୁଁ କାସ୍ମିନ ବାସିଷ୍ଠନ, ପୂର୍ବରୁ ଏନ୍.କାସ୍ମିନ ନାମରେ ପରିଚିତ, ସ୍ୱାମୀ- ଆଲୋକ କୁମାର ବାସିଷ୍ଠନ, ପିତା- ଯଶୋବନ୍ତ ନାଗ, ମାତା- ତପସ୍ୱିନୀ ନାଗ, ସ୍ଥାୟୀ ଠିକଣା : ଫ୍ଲାଟ ନଂ. Q-206, ଟ୍ରାଇଡେଣ୍ଟ ଗ୍ୟାଲାକ୍ସି, କଳିଙ୍ଗ ନଗର, ଘାଟିକିଆ, ଭୁବନେଶ୍ୱର-୭୫୧୦୦୩, ଏହା ଦ୍ୱାରା ଘୋଷଣା କରୁଛି ଯେ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ମ୍ୟାଜିଷ୍ଟ୍ରେଟଙ୍କ ସମ୍ମୁଖରେ ତା. ୧୯.୦୨.୨୦୨୬ରେ କରାଯାଇଥିବା ଆଫିଡାଭିଟ ନଂ. CFN-49 ଅନୁସାରେ ମୋର ପୁରୁଣା ନାମ ଏନ୍.କାସ୍ମିନ କୁ ପରିବର୍ତ୍ତନ କରି କାସ୍ମିନ ବାସିଷ୍ଠନ କରାଯାଇଛି । ଏହି ତାରିଖରୁ ପରେ ମୁଁ ସମସ୍ତ କାର୍ଯ୍ୟରେ କାସ୍ମିନ ବାସିଷ୍ଠନ ନାମରେ ପରିଚିତ ହେବ ।

## ଉଦ୍‌ଘାଟନ ହେବାର ୭ ବର୍ଷ ବିତିଲା

## ଲୋକଙ୍କ ସ୍ୱାର୍ଥରେ ଆସିଲାନି, ଏବେ ନିର୍ମାଣ ହେବ ଅଟଳ ବସ୍‌ଷ୍ଟାଣ୍ଡ

ନିମାପଡା (ସବ୍ୟୁ) :ଅଢେଇ କୋଟି ଟଙ୍କା ଖର୍ଚ୍ଚ କରାଯାଇ ନିମାପଡାରେ ଏକ ନୂତନ ବସଷ୍ଟାଣ୍ଡ ନିର୍ମାଣ କରାଯାଇଥିଲା। ଉକ୍ତ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଶେଷ ହୋଇ ଉଦ୍‌ଘାଟନ ହେବାର ୭ ବର୍ଷ ପୁରିବାକୁ ଯାଉଛି। ତେବେ ବଡ କଥା ହେଉଛି ଉକ୍ତ ବସଷ୍ଟାଣ୍ଡଟି ଆଜି ପର୍ଯ୍ୟନ୍ତ ଜନସାଧାରଣଙ୍କ କୌଣସି ହିତରେ ଆସିପାରିଲା ନାହିଁ। ନିମାପଡାରେ ୪୦ କୋଟିରୁ ଉର୍ଦ୍ଧ୍ୱର୍ ଟଙ୍କା ବ୍ୟୟରେ ନିର୍ମାଣ ହେବ ରାଜ୍ୟସ୍ତରୀୟ ଅତ୍ୟାଧୁନିକ ଅଟଳ ବସଷ୍ଟାଣ୍ଡ। ଏହି ନୂତନ ଅଟଳ ବସଷ୍ଟାଣ୍ଡ ନିର୍ମାଣ ପାଇଁ ସରକାରୀ ସ୍ତରରେ ଅନୁମୋଦିତ ହୋଇଛି। ନିମାପଡା ବସଷ୍ଟାଣ୍ଡକୁ ଓଡିଶା ରାଜ୍ୟ ସଡକ ପରିବହନ ନିଗମ (ଓଏସ୍ଆର୍ଟିସି) କୁ ହସ୍ତାନ୍ତର କରାଯିବା ପାଇଁ ନିମାପଡା ଏନ୍ଏସିକୁ ଚିଠି ଆସିଥିବା ଏବଂ ଖୁବ ଶୀଘ୍ର ଟେଣ୍ଡର ଆହ୍ୱାନ ପକ୍ରିୟା କାର୍ଯ୍ୟ ଆରମ୍ଭ ହେବ ବୋଲି ନିମାପଡା ଏନଏସି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଅଟଳ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ହେଲେ ଉକ୍ତ ବସଷ୍ଟାଣ୍ଡର ଘର ଗୁଡିକୁ ଭାଙ୍ଗି ଦିଆଯିବ। ଉକ୍ତ ସ୍ଥାନରେ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ କରାଯିବ। ନିମାପଡାରେ ବସଷ୍ଟାଣ୍ଡ ଭଳି ସୁବିଧା ନଥିଲା। ଲକ୍ଷ୍ମୀ ବଜାରର ପୂର୍ବ ମୁଖ୍ୟ ରାସ୍ତାର ଉଭୟ ପାଶ୍ୱର୍ରେ ଯାତ୍ରୀବାହୀ ବସ ଗୁଡିକ ଅଟକି ବିଭିନ୍ନ ଗନ୍ତବ୍ୟ ସ୍ଥଳକୁ ଯାତାୟତ କରୁଥିଲା। କେବଳ ରାସ୍ତା କଡରେ ଗୋଟିଏ ଛୋଟ ବିଶ୍ରାମ କକ୍ଷ ରହିଥିଲା। ରାସ୍ତା କଡରେ ବସ ରହୁଥିବା ସ୍ଥାନକୁ ବସଷ୍ଟାଣ୍ଡ ବୋଲି କୁହାଯାଉଥିଲା। ନା ସେଠାରେ ବସ ରହିବା ଲାଗି ଛାତ,ପାନୀୟ ଜଳ, ଶୌଚାଳୟ ଭଳି ସୁବିଧା ଯାତ୍ରୀଙ୍କ ପାଇଁ ନଥିଲା । ଏକ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଅଂଚଳ ବାସୀଙ୍କ ପକ୍ଷରୁ ବାରମ୍ବାର ଦାବୀ ହୋଇ ଆସୁଥିଲା। ଗତ ୨୦୧୬ ମସିହା ଡିସେମ୍ବର ୧୩ ତାରିଖରେ ଅଣ୍ଡିଆ ମୌଜାରେ ଅଢେଇ କୋଟି ଟଙ୍କା ବ୍ୟୟରେ ଏକ ନୂତନ ସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ବସଷ୍ଟାଣ୍ଡ ନିମନ୍ତେ ନୂତନ ଘର,ମହିଳା ଓ ପୁରୁଷଙ୍କ ଲାଗି ଶୌଚାଳୟ,ଥଣ୍ଡା ପାନୀୟ ଜଳ ମେସିନ,ବିଶ୍ରାମ ଲାଗି ଗୃହ,ପୁଲିସ ପୋଷ୍ଟ ଆଦି ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ବସ ଅଟକିବା ସ୍ଥାନର ଉପରେ ଟର୍ମିନାଲ କରାଯାଇନଥିଲା। ଏହି ନୂତନ ବସଷ୍ଟାଣ୍ଡକୁ ଗତ ୨୦୧୮ ମସିହା ସେପଟେମ୍ବର ୨୮ ତାରିଖରେ ଉଦଘାଟନ ହୋଇଥିଲା। ତେବେ ବିଡମ୍ବନାର ବିଷୟ ଉଦଘାଟନ ହେବା ଦିନ ଠାରୁ ଉକ୍ତ ନୂତନ ବସଷ୍ଟାଣ୍ଡରେ ଏହି ରୁଟ ଦେଇ ବିଭିନ୍ନ ସ୍ଥାନକୁ ଯାତାୟତ କରୁଥିବା ଯାତ୍ରୀବାହୀ ବସ ଗୁଡିକ ରହିବା ଓ ଯାତ୍ରୀ ଅପେକ୍ଷା କରି ବସିବା କେବେ ଦେଖିବାକୁ ମିଳିନାହିଁ ସେହି ପୁରୁଣା ବସ୍‌ଷ୍ଟାଣ୍ଡର ରାସ୍ତା ଉପରେ ଯାତ୍ରୀବାହୀ ବସ ଗୁଡିକ ରହୁଛି ଏବଂ ଯାତ୍ରୀ ମଧ୍ୟ ଗହଳି ଲଗାଇ ରାସ୍ତା କଡରେ ବସକୁ ଅପେକ୍ଷା କରିଆସୁଛନ୍ତି। ଅଢେଇ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ନୂତନ ବସଷ୍ଟାଣ୍ଡ ଏବେ ଅସୁରକ୍ଷିତ ଅବସ୍ଥାରେ ରହିଛି। ସେଠାରେ ସବୁ ବେଳେ ଖାଁ ଖାଁ ଦେଖିବାକୁ ମିଳୁଛି। ରୁଟ ସମୟ ନଥିବା ବସ ଗୁଡିକୁ ମାଲିକ ମାନେ ନୂଆ ବସଷ୍ଟାଣ୍ଡରେ ବସ ରଖି ପାର୍କିଂ ପାଇଁ ବ୍ୟବହାର କରୁଥିବା ବେଳେ ଅନେକ ଟ୍ରକ ମଧ୍ୟ ରହୁଥିବା ଦେଖିବାକୁ ମିଳୁଛି। ମଦ୍ୟପ,ଗଂଜଡ ଓ ରୋମିଓଙ୍କ ଆଡାସ୍ଥଳୀ ପାଲଟିଛି ନୂତନ ବସଷ୍ଟାଣ୍ଡ। ଥଣ୍ଡା ପାନୀୟ ଜଳ ମେସିନ ଖରାପ ହୋଇ ପଡିଥିବା ବେଳେ ନିର୍ମିତ ଘର ଗୁଡିକ ସବୁ ଅସୁରକ୍ଷିତ ଅବସ୍ଥାରେ ରହିଛି। ରାଜନେତା ଓ ପ୍ରଶାସନର ଆନ୍ତରିକତା ଅଭାବ ଯୋଗୁଁ ଅଢେଇ କୋଟି ଟଙ୍କା ପାଣିରେ ପଡିଲା ବୋଲି କୁହାଯାଉଛି। ଉଦ୍‌ଘାଟନ ହେବାର ୭ ବର୍ଷ ବିତିଲା,ଯଦି ବସଷ୍ଟାଣ୍ଡରେ ବସ ନ ରହିବ ଏହା ଜନସାଧାରଣଙ୍କ ହିତରେ ନଆସିବ ତେବେ ଉକ୍ତ ବସଷ୍ଟାଣ୍ଡ ନିର୍ମାଣ କାହା ସ୍ୱାର୍ଥରେ ବୋଲି ଲୋକେ କହୁଛନ୍ତି।

GOVERNMENT OF ODISHA : DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER, HEAD WORKS DIVISION, SAMAL
INVITATION FOR BIDS (IFB)
Email ID- ee.hwd.samal@gmail.com
32001/205/2526
'e'-Procurement Notice No. SE-HWD- 13/2025-26

The Superintending Engineer, Head. Works Division, Samal on behalf of Governor of Odisha invites Percentage Rate bid in single cover system to be received in ONLINE MODE from eligible contractors registered with the State Government, contractors of equivalent Grade/ Class Registered with Central Government/ MES/ Railways/CPWD for execution of civil works mentioned as detailed below :

| | | | |
|---|---|---|---|
| 1 | No of works | : | 1 (One) No of work |
| 2 | Name of the Work | : | Procurement of 60HP Pump with accessories for Water Supply of SBTS |
| 3 | Estimated Cost | : | Approximated Rs. 5.84 lakhs |
| 4 | Cost of tender paper | : | Rs. 4000.00 (Non-refundable) |
| 5 | EMD/ Bid Security | : | Rs. 5900.00 (Refundable) |
| 6 | Class of contractor | : | Manufacture/Authorized Dealer/ Registered firms/ SSI Unit/ Government Order Suppliers/MSEs |
| 7 | Period of Completion of work | : | 15 days |
| 8 | Date and time of availability of bid Document in the website | : | From 10.00 A.M of Dt. 17.03.2026 to 5.00 P.M. of Dt.26.03.2026 in the website (www.tendersodisha.gov.in)' |
| 9 | Date, time and place of opening of online tender | : | Dt.30.03.2026 at 11.30 A.M in O/o the Superintending Engineer. Head Works Division. Samal |
| 10 | Date, time and place.for finalization of tender through Transparent Lottery System (if required) | : | Intimated later |
| 11 | Digital Signature Certificate (DSC) | : | The bidders must possess compatible Digital Signature Certificate (DSC) of Class II or Class III |
| 12 | Name and Address of Officer inviting Tender | | Superintending Engineer, Head Works Division, Samal. AT/P.O. Samal Barrage Township Dist: Angul, Odisha, PIN-759037 Email ID- ee.hwd.samal@gmail.com |

The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

OIPR : 32001/32020/1/25-26/0002

Superintending Engineer, Head Works Division Samal

ବିଜ୍ଞାପନ ନମ୍ବର ୦୨/୨୦୨୬
କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ
ସଂସଦର ଏକ ଆଇନ ଦ୍ୱାରା ପ୍ରତିଷ୍ଠିତ
୫୬-୫୭, ପ୍ରତିଷ୍ଠାନ କ୍ଷେତ୍ର, ଜନକପୁରୀ, ନୂଆଦିଲ୍ଲୀ-୧୧୦୦୫୮
ୱେବସାଇଟ୍ : www.sanskrit.nic.in
ନିଯୁକ୍ତିପରୀକ୍ଷା ବିଜ୍ଞପ୍ତି

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଦିଲ୍ଲୀ ବିଭିନ୍ନ ଅଣ-ଶିକ୍ଷକ ପଦବୀ ରେଜିଷ୍ଟ୍ରାର-୦୧, ସହକାରୀ ରେଜିଷ୍ଟ୍ରାର-୦୨, ସିଷ୍ଟମ ଆନାଲିଷ୍ଟ-୦୩, ସେକ୍ସନ ଅଫିସର-୧୧, ନର୍ସିଂ ଅଫିସର-୦୩, ସହାୟକ-୧୦, ଅତିଥି ଗୃହ ପରିଚାଳକ-୦୩, ଜୁନିଅର ଇଞ୍ଜିନିୟର-୦୩, ବ୍ୟକ୍ତିଗତ ସହାୟକ-୦୩, ବୃତ୍ତିଗତ ସହାୟକ-୦୪, ବୈଷୟିକ ସହାୟକ (ଶିକ୍ଷାଶାସ୍ତ୍ର/ଶିକ୍ଷା ପ୍ରୟୋଗଶାଳା)-୦୩, ବୈଷୟିକ ସହାୟକ (କମ୍ପ୍ୟୁଟର ପ୍ରୟୋଗଶାଳା)-୦୪, ଷ୍ଟେନୋଗ୍ରାଫର-୦୮, ଉପର ବିଭାଗ କ୍ଲର୍କ-୧୬, ପାଠାଗାର ସହାୟକ-୦୧, ନିମ୍ନ ବିଭାଗ କ୍ଲର୍କ-୩୫, ଡ୍ରାଇଭର-୦୧, ମଲ୍ଟି-ଟାସ୍କିଂ ଷ୍ଟାଫ୍-୨୨, ପାଠାଗାର ଆଟେଣ୍ଡାଣ୍ଟ-୦୮ ଏବଂ ମେଡିକାଲ ଆଟେଣ୍ଡାଣ୍ଟ/ଡ୍ରେସର୍-୦୩)ରେ ନିଯୁକ୍ତି ପାଇଁ ଭାରତୀୟ ନାଗରିକଙ୍କଠାରୁ ଆବେଦନ ପତ୍ର ଆହ୍ୱାନ କରୁଛି । ଯୋଗ୍ୟତା ମାନଦଣ୍ଡ, ଯୋଗ୍ୟତା, ବୟସ ସୀମା, ନିଯୁକ୍ତି ପ୍ରକ୍ରିୟା, ଖାଲି ପଦବୀ ବଣ୍ଟନ, ଆବେଦନ ପ୍ରକ୍ରିୟା, ପରୀକ୍ଷା ଯୋଜନା, ଚୟନ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ ଜରୁରୀ ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ସୂଚନା ୧୬.୦୩.୨୦୨୬ ରେ ସିଏସୟୁର ୱେବସାଇଟ୍ www.sanskrit.nic.in ରେ ନିଯୁକ୍ତି/ବିଜ୍ଞପ୍ତି ଶୀର୍ଷକରେ ବିସ୍ତୃତ ବିଜ୍ଞାପନ ସଂଖ୍ୟା ୦୨/୨୦୨୬ ରେ ଉପଲବ୍ଧ ହେବ । ସମସ୍ତ ଆଗ୍ରହୀ ପ୍ରାର୍ଥୀଙ୍କୁ ଆବେଦନ ଦାଖଲ କରିବା ପୂର୍ବରୁ ବିସ୍ତୃତ ବିଜ୍ଞାପନ ଦେଖିବାକୁ କଡ଼ା ପରାମର୍ଶ ଦିଆଯାଇଛି ।

ତାରିଖ: ୧୬.୦୩.୨୦୨୬

cbc 21212/12/0007/2526

ସ୍ୱା/-
ରେଜିଷ୍ଟ୍ରାର ଆଇ/ସି

## ରିଅଲ୍‌ମି ସି୮୩ ୫ଜିର ବଜାର ପ୍ରବେଶ

ଭୁବନେଶ୍ୱର : ଭାରତୀୟ ଯୁବପିଢ଼ିଙ୍କ ମଧ୍ୟରେ ସବୁଠାରୁ ଲୋକପ୍ରିୟ ସ୍ମାର୍ଟଫୋନ ବ୍ରାଣ୍ଡ ରିଅଲ୍ମି ପକ୍ଷରୁ ଏହାର ସି-ସିରିଜ ଶୃଙ୍ଖଳାରେ ଏକ ଶକ୍ତିଶାଳୀ ନୂତନ ସ୍ମାର୍ଟଫୋନ ରିଅଲ୍ମି ସି୮୩ ୫ଜିର ଶୁଭାରମ୍ଭ କରାଯାଇଛି । ଏହାକୁ ଦୀର୍ଘସ୍ଥାୟୀ ବ୍ୟାଟେରୀ ଲାଇଫ, ଅଲ୍ଟ୍ରା-ସ୍ମୁଥ ଭିଜୁଆଲ ଓ ନିର୍ଭରଯୋଗ୍ୟ ୫ଜି କାର୍ଯ୍ୟଦକ୍ଷତା ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି । ରିଅଲ୍ମି ସି୮୩ ୫ଜି ସେଗ୍ମେଣ୍ଟର ସବୁଠାରୁ ବଡ ୭୦୦୦ ଏମଏଏଚ ଟାଇଟନ ବ୍ୟାଟେରୀକୁ ଏକ ୧୪୪ଏଚଜେଡ ଡିସ୍‌ପ୍ଲେ ଓ ୪ ବର୍ଷର ସୁଗମ କାର୍ଯ୍ୟଦକ୍ଷତା ସହ ଏକତ୍ରିତ ଏହା ୧୫ଡବ୍ଲ୍ୟୁ ପିଡି ଓ ୧୫ଡବ୍ଲ୍ୟୁ ଡିସିପି ଚାର୍ଜିଙ୍ଗକୁ ସପୋର୍ଟ କରୁଥିବା ବେଳେ ଏହା ଫୁଲ୍ ଚାର୍ଜ ପାଇଁ ପ୍ରାୟ ୧୮୦ ମିନିଟ ସମୟ ନେଇଥାଏ । ଏଥିରେ ୫ଡବ୍ଲ୍ୟୁ ୱାୟାର୍ଡ ରିଭର୍ସ ଚାର୍ଜିଂ ରହିଛି । କରିଛି । ରିଅଲ୍ମି ସି୮୩ ୫ଜିରେ ଇଂଟେଲିଜେଂଟ ଅପ୍ଟିମାଇଜେଶନ ଓ ଲାଇଭ ଫଟୋ ସପୋର୍ଟ ସହିତ ଏକ ୧୩ଏମପି ଏଆଇ ରିୟର କ୍ୟାମେରା ରହିଛି ଏବଂ ଫ୍ରଂଟ୍ରେ ଏକ ୫ଏମ୍ପି କ୍ୟାମେରା ରହିଛି । ଏହା ମିଡିଆଟେକ ଡାଇମେନସିଟି ୬୩୦୦ ଚିପସେଟ ଦ୍ୱାରା ପରିଚାଳିତ ଯାହା ଏକ ଆଡ୍ଭାନ୍ସଡ ୬ଏନଏମ ପ୍ରୋସେସ ଉପରେ ନିର୍ମିତ । ରିଅଲ୍ମି ସି୮୩ ୫ଜି ୧୩୪୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ବ୍ଲୁମିଂ ପର୍ପଲ ଓ ସ୍ୱାଉଟିଂ ଗ୍ରୀନ କଲରରେ ଏବଂ ୩ଟି ଷ୍ଟୋରେଜ ଭାରିଅଂଟରେ ଉପଲବ୍ଧ ହେଉଛି ।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାଲିକ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

ଷ୍ଟେଟ୍ ବ୍ୟାଙ୍କ ଭୁବନେଶ୍ୱର ସର୍କଲ ପକ୍ଷରୁ

# ଏସ୍‌ବିଆଇ ଗ୍ରୀନ୍ ମାରାଥନ୍ ସିଜନ୍-୬ ଆୟୋଜିତ




ଭୁବନେଶ୍ୱର (ସବ୍ୟୁ): ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ), ଭୁବନେଶ୍ୱର ସର୍କଲ ଦ୍ୱାରା ସୋଆ ୟୁନିଭର୍ସିଟି କ୍ରିକେଟ୍ ଗ୍ରାଉଣ୍ଡରେ ରେଡିଓ ମିର୍ଚ୍ଚି ସହଯୋଗରେ ଏସ୍‌ବିଆଇ ଗ୍ରୀନ୍ ମାରାଥନ୍ ସିଜନ୍-୬ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ପରିବେଶ ସୁରକ୍ଷା ପ୍ରତି ସଚେତନତା ବୃଦ୍ଧି କରିବା ସହିତ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସବୁଜ ଭବିଷ୍ୟତ ଗଢ଼ିବା ଥିଲା। ଏହି ମାରାଥନ୍ କାର୍ଯ୍ୟକ୍ରମକୁ ଏ.ଡି ରତ୍ନ ତେଜା, ସିଜିଏମ୍, ଭୁବନେଶ୍ୱର ସର୍କଲ ଡା. ବନ୍ଦନା ଅଗରୱାଲ, ଜିଏମ୍-୧, କୌଶଳ କିଶୋର ସିଂହ, ଜିଏମ୍-୨ ଏବଂ ସାମଡେନ୍ ଡୋର୍ଜି ଲାମା, ଡିଜିଏମ୍ ସିଡିଓ ମାନେ ଫ୍ଲାଗ୍-ଅଫ୍ କରିଥିଲେ। ଏହି ମାରାଥନ୍‌ରେ ପ୍ରାୟ ୪୦୦୦ରୁ ଅଧିକ ଉତ୍ସାହୀ ଧାବକ ଅଂଶଗ୍ରହଣ କରିଥିଲେ।

ରବିବାର ସକାଳରେ ସୋଆ ୟୁନିଭର୍ସିଟି କ୍ରିକେଟ୍ ଗ୍ରାଉଣ୍ଡରେ ସହରର ବିଭିନ୍ନ ସ୍ଥାନରୁ ଆସିଥିବା ଅଂଶଗ୍ରାହୀମାନେ ୫ କିଲୋମିଟର, ୧୦କିଲୋମିଟର ଓ ୨୧ କିଲୋମିଟର ଦୌଡରେ ଅଂଶଗ୍ରହଣ କରି ଏକ ସବୁଜ ପରିବେଶ ଗଢ଼ିବା ପାଇଁ ସଙ୍କଳ୍ପ ନେଇଥିଲେ। ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ମଧ୍ୟ ଅନ୍ୟାନ୍ୟ ଅଂଶଗ୍ରାହୀଙ୍କ ସହିତ ଏହି ଦୌଡରେ ଯୋଗଦେଇଥିଲେ। ସମସ୍ତ ଧାବକଙ୍କୁ ସୁସ୍ଥ ଓ ସବୁଜ ସହର ପ୍ରଚାର ପାଇଁ ଅର୍ଗାନିକ୍ ଟି-ସାର୍ଟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏ.ଡି ରତ୍ନ ତେଜ୍, ଡା. ବନ୍ଦନା ଅଗରୱାଲ ଏବଂ କୌଶଲ କିଶୋର ସିଂହ ବିଭିନ୍ନ ବର୍ଗର ବିଜେତାମାନଙ୍କୁ ସମ୍ମାନିତ କରିଥିଲେ ଓ ସମସ୍ତ ଅଂଶଗ୍ରାହୀଙ୍କୁ ତାଙ୍କ ଅବଦାନ ପାଇଁ ଅଭିନନ୍ଦନ ଜଣାଇଥିଲେ। ଏ.ଡି ରତ୍ନ ତେଜା ସମସ୍ତଙ୍କୁ ଜୀବନରେ ଶାରୀରିକ ଓ ମାନସିକ ସୁସ୍ଥତା ପ୍ରାପ୍ତି ପାଇ ସଦା ପ୍ରୟାସ କରିବାକୁ ଅନୁରୋଧ କରିଥିଲେ।

# ସୁଚିନ୍ତିତ ଯୋଜନା ପ୍ରସ୍ତୁତ ନହେଲେ, ଅସମ୍ଭାଳ ହେବ ଟ୍ରାଫିକ୍ ସମସ୍ୟା

ଭୁବନେଶ୍ୱର, (ପ୍ରଦୀପ୍ତ କୁମାର ଦାସ) : ଏବେଠୁ ସୁଚିନ୍ତିତ ଓ ଦୁରଦୃଷ୍ଟି ସମ୍ପନ୍ନ ଯୋଜନା କାର୍ଯ୍ୟକାରୀ ନକଲେ ଆଗକୁ ଭୁବନେଶ୍ୱରରେ ଟ୍ରାଫିକ ସମସ୍ୟା ଅସମ୍ଭାଳ ହେବ। ଏପରିକି ଗତ ୧୦ ବର୍ଷ ଭିତରେ ଏଠାରେ ଯାନ ସଂଖ୍ୟାରେ ପ୍ରାୟ ୮୫% ବୃଦ୍ଧି ଘଟିଥିବା ଘୋର ଚିନ୍ତାର କାରଣ ହୋଇଛି। ଉଦବେଗର ବିଷୟଯେ ଭୁବନେଶ୍ୱରର ବର୍ତ୍ତମାନର ଜନସଂଖ୍ୟା ପ୍ରାୟ ୧୪ ଲକ୍ଷରୁ ଉର୍ଦ୍ଧ୍ୱ ହେବ । ଏଠାରେ ଯାନ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇ ଏବେ ପ୍ରାୟ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ଏହା ଏବେ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଭବିଷ୍ୟତରେ ଟ୍ରାଫିକ ପରିଚାଳନା କ୍ଷେତ୍ରରେ ନାହିଁନଥିବା ସମସ୍ୟା ସୃଷ୍ଟି ହେବ ବୋଲି ଆଶଙ୍କା ଦେଖାଦେଲାଣି। ଅନେକ ସମୟରେ ସହରର ଅଧିକାଂଶ ମୁଖ୍ୟ ଛକ ଓ ରାସ୍ତାରେ ପ୍ରବଳ ଭିଡ଼ ସହ ଗାଡ଼ି ଜାମ ମଧ୍ୟ ହେଉଛି।ବିଜି ଆୱାର ବେଳେ ସହରର ଅଧିକାଂଶ ମୁଖ୍ୟ ଛକ ଓ ସଂଲଗ୍ନ ରାସ୍ତା ଗୁଡ଼ିକରେ ଏକାବେଳକେ ଶହ ଶହ ସଂଖ୍ୟାରେ ବିଭିନ୍ନ ଯାନ ବାହାନର ଲମ୍ବା ଲାଇନ ଲାଗି ରହୁଛି। ଦୈବାତ ଜଦି କିଛି ଅଘଟଣ,ଜନ ସମାବେଶ କିମ୍ବା ଦୁର୍ଘଟଣା ଘଟିଲା ଲୋକେ ଘଣ୍ଟା ଘଣ୍ଟା ଧରି ଜାମରେ ଫସି ଟ୍ରାଫିକ ଯନ୍ତ୍ରଣା ଭୋଗିବାକୁ ବାଧ ହେଉଛନ୍ତି।

ଏଭଳି ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରି ସ୍ୱାଭାବିକ ଅବସ୍ଥାକୁ ଆଣିବାକୁ ପୋଲିସକୁ ନାକେଦମ ହେଉଛି। ତଥ୍ୟ ଅନୁଯାୟୀ ୨୦୨୫ରେ ଭୁବନେଶ୍ୱରରେ ୧,୪୭,୯୮୮ ନୂଆ ଯାନ ରେଜିଷ୍ଟର୍ ହୋଇଛି। ତେବେ ମାସିକ ପ୍ରାୟ ୧୨,୦୦୦ ନୂଆ ଯାନ ଏଥିରେ ଯୋଡ଼ି ହେଉଥିବା କୁହାଯାଉଛି। ଅଧିକାଂଶ ଲୋକ ଏଠାରେ ଦୁଇଚକିଆ ଯାନ ବ୍ୟବହାର କରନ୍ତି। ତେଣୁ ଏଠାରେ ସର୍ବାଧିକ ସଂଖ୍ୟାରେ ରହିଛି ଦୁଇ ଚକିଆ ଯାନ। ଏହା ମୋଟ ଯାନ ସଂଖ୍ୟାର ୭୫%-୮୦% ଅର୍ଥାତ ପ୍ରାୟ ୧୨ ଲକ୍ଷରୁ ଅଧିକ ରହିଛି ଦୁଇ ଚକିଆ ଯାନ। ଚାରି ଚକିଆ ବ୍ୟକ୍ତିଗତ କାର/ଏସୟୁଭି ୧୨%-୧୫% ଅର୍ଥାତ ପ୍ରାୟ ୨.୨ ଲକ୍ଷରୁ ଅଧିକ ରହିଛ। ସେହିପରି ତିନି ଚକିଆ ତଥା ଅଟୋ ରିକ୍ସା ସଂଖ୍ୟା ପ୍ରାୟ ୩୫ ହଜାରରୁ ୪୦ ହଜାର ହେବ ବୋଲି କୁହାଯାଉଛି। ସେହିପରି ମାଲବାହୀ ଯାନ ପ୍ରାୟ ୪୦,୦୦୦-୪୫,୦୦୦ ହେବ।



ସେହିପରି ବିଭିନ୍ନ ବସ୍ ଏବଂ ଅନ୍ୟାନ୍ୟ ସାର୍ବଜନୀନ ପରିବହନ ଯାନ ପ୍ରାୟ ୮,୦୦୦- ୧୦,୦୦୦ ହେବ ବୋଲି କୁହାଯାଉଛି। ଏଥି ସହ ସହରର କେତେକ ବ୍ୟସ୍ତବହୁଳ ରାସ୍ତାରେ ବିଭିନ୍ନ ଭାରୀଯାନ ଯାତାୟାତ ଯୋଗୁଁ ମଧ୍ୟ ରାସ୍ତା ଜାମ ହେଉଛି। ସହରର ଅନେକ ରାସ୍ତା ପୁରୁଣା ଜନସଂଖ୍ୟା ଅନୁଯାୟୀ ଡିଜାଇନ୍ ହୋଇଥିଲେହେଁ ଏବର ଜନ ଓ ଯାନ ସଂଖ୍ୟାକୁ ଦେଖିଲେ ତାହା ପର୍ଯ୍ୟାପ୍ତ ଅଟେ । ବିଶେଷକରି ମୁଖ୍ୟ ଜଙ୍କସନ ଯେମିତିକି ଏଜି ଛକ,ଜୟଦେବ ବିହାର ଛକ,ଖଣ୍ଡଗିରି ଛକ,ବାଣୀବିହାର ଛକ, ରସୁଲଗଡ ଛକ,ପଳାଶୁଣୀଛକ, କଟକରୋଡ଼ ଲକ୍ଷ୍ମୀସାଗର ଛକ,ହସ୍ପିଟାଲ ଛକ,କଳ୍ପନା ମିଉଜିଅମ ଓ କୋର୍ଟ ଛକ,ରବି ଟକିଜ ଛକ,ଟଙ୍କପାଣି ସାଇମନ୍ଦିର ବାଇପାସ ଛକ,ମାଷ୍ଟରକାଣ୍ଟିନ ଛକ,ରାମ ମନ୍ଦିର ଛକ,ରାଜମହଲ ଛକ,ଶିଶୁଭବନ ଛକ ପାୱାର ହାଉସ ଛକ,ଝାରପଡ଼ା ଗୋଲେଇ ଛକ,ସହିଦ ନଗର ରୁପାଲୀ ଛକ,ଆଚାର୍ଯ୍ୟ ବିହାର ଛକ,ପଟିଆ ଛକ ଓ ଅନ୍ୟ କେତେକ ଛକରେ ନିୟମିତ ଟ୍ରାଫିକ ଜାମ ସମସ୍ୟା ଦିନକୁ ଦିନ ବଢୁଥିବା ଲକ୍ଷ୍ୟ କରାଯାଉଛି। ଏହାର କୁପ୍ରଭାବ ଯୋଗୁଁ ରାସ୍ତାରେ ଫସି ଅଟକିବା ଓ ଗନ୍ତବ୍ୟସ୍ଥଳରେ ପହଂଚିବା କ୍ଷେତ୍ରରେ ଅଯଥାରେ ବିଳମ୍ବ ଘଟୁଥିବା ଦେଖାଯାଉଛି। ଏବେଠାରୁ ଭୁବନେଶ୍ୱରରେ ଗମନା ଗମନ କ୍ଷେତ୍ରରେ ନିୟମିତ ଉପୁଜୁଥିବା ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରିବା ଲାଗି ସ୍ଥାୟୀ ସମାଧାନର ପନ୍ଥା ବାହାର କରିବାକୁ ସରକାର ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ଗ୍ରହଣ କରିବା ନିହାତି ଉଚିତ ବୋଲି ସହରର ସଚେତନ ନାଗରିକ ମହଲରେ ମତ ପ୍ରକାଶ ପାଇଛି।

# ସମୁଦ୍ରରେ ସ୍ନାନ ବେଳେ ଛାତ୍ର ନିଖୋଜ

ପୁରୀ, (ସବ୍ୟୁ):ପୁଣି ପୁରୀ ବେଳାଭୂମିରେ ସ୍ନାନ କରିବା ସମୟରେ ଛାତ୍ର ନିଖୋଜ ହୋଇ ଥିବା ଅଭିଯୋଗ ହୋଇଛି। ନିଖୋଜ ଛାତ୍ର ହେଉଛନ୍ତି ଭୁବନେଶ୍ୱର ସୋଆ ବିଶ୍ୱବିଦ୍ୟାଳୟର ବିଟେକ୍ କମ୍ପ୍ୟୁଟର ସାଇନ୍ସର ଦ୍ୱିତୀୟ ବର୍ଷର ଅନିମେଶ୍ ସା। ଗତକାଲି ଭୁବନେଶ୍ୱରରୁ ଅନିମେଶ୍ ତାର କିଛି ସାଙ୍ଗଙ୍କ ସହ ପୁରୀ ବୁଲିବାକୁ ଆସି ଅପରାହ୍ନରେ ୧୦ ନମ୍ବର ସେକ୍ଟର ତଥା ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ସ୍ନାନ କରୁଥିଲେ। ସ୍ନାନ କରିବା ସମୟରେ ଅନିମେଶ୍ ଗଭୀର ସମୁଦ୍ର ଭିତରକୁ ଭାସି ଯାଇଥିଲେ। ତେବେ ଉଚ୍ଚ ଜୁଆର ମାଡ ଓ ରିପ୍ କରେଣ୍ଟ ବେଳାଭୂମିରେ ହୋଇଥିବାରୁ ଅନିମେଶ୍ ଗଭୀର ସମୁଦ୍ର ଭିତରକୁ ଚାଲିଯାଇ ନିଖୋଜ ହୋଇଥିବା ଅନୁମାନ କରାଯାଉଛି। ତେବେ ଗତକାଲି ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପୁରୀ ବେଳାଭୂମି ସମେତ ପେଣ୍ଟକଟା ବେଳାଭୂମି, ନୂଆନଇ ବେଳାଭୂମି, ବେଲେଶ୍ୱର ବେଳାଭୂମି, ରାମଚଣ୍ଡୀ ବେଳାଭୂମି ଏବଂ ଚନ୍ଦ୍ରଭାଗା ବେଳାଭୂମିରେ ଲାଇଫଗାର୍ଡଙ୍କ ତରଫରୁ ଅହରହ ନିଖୋଜ୍ ଅନିମେକୁ ଖୋଜାଖୋଜି ଜାରି ରହିଥିବା ବେଳେ ତାଙ୍କୁ ଏପର୍ଯ୍ୟନ୍ତ ଠାବ କରି ହୋଇନାହିଁ କି ନିଖୋଜ ଛାତ୍ରଙ୍କ କୌଣସି ପତ୍ତା ମିଳିନାହିଁ। ତେବେ ପୁରୀ ବେଳାଭୂମିରେ ସୁରକ୍ଷିତ ସ୍ନାନକୁ ନେଇ ନିୟମିତ ଅଘଟଣ ଘଟୁଥିବାରୁ ଏଣିକି ପର୍ଯ୍ୟାପ୍ତ ପରିମାଣର ଲାଇଫଗାର୍ଡଙ୍କୁ ମୁତୟନ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।


# ଖୋର୍ଦ୍ଧାରେ ପଦ୍ମଜ ସାହିତ୍ୟ ଉତ୍ସବ

ଖୋର୍ଦ୍ଧା, (ସବ୍ୟୁ): ଚର୍ଯ୍ୟାୟୁଧ ଫାଉଣ୍ଡେସନ ପକ୍ଷରୁ ଖୋର୍ଦ୍ଧା ଜୟୀରାଜଗୁରୁ ଟାଉନହଲରେ ଓଡିଶାର ପ୍ରଖ୍ୟାତ ଔପନ୍ୟାସିକ ଡକ୍ଟର ପଦ୍ମଜ ପାଳଙ୍କ ୮୦ତମ ଜନ୍ମଦିବସ ଅବସରରେ ଆୟୋଜିତ ପଦ୍ମଜ ଉତ୍ସବରେ ବିଶିଷ୍ଟ ଅତିଥିମାନେ ଯୋଗଦେଇ ପଦ୍ମଜ ପାଳଙ୍କ ସାହିତ୍ୟକୃତି ସମ୍ପର୍କରେ ଆଲୋଚନା କରି ସାମ୍ପ୍ରତିକ ସମୟରେ ଲେଖକମାନଙ୍କର ଦାୟିତ୍ୱବଦ୍ଧତା ସମ୍ପର୍କରେ ସୂଚନା ଦେବା ସହ ପଦ୍ମଜ ପାଳ ଓଡ଼ିଆ ସାହିତ୍ୟର ଦିଗବାରେଣୀ ଖୁଁଟ ବୋଲି ବକ୍ତବ୍ୟ ପ୍ରଦାନ କରିଛନ୍ତି। ଚର୍ଯ୍ୟାୟୁଧର ସଭାପତି ଅଭିଷେକ ସିଂ ସାମନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସାରସ୍ୱତ ଉତ୍ସବରେ ଆମନ୍ତ୍ରିତ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଅତିଥିମାନଙ୍କୁ ସଭାପତି ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ରିପ୍ସା ସୁହାନିଙ୍କ ପ୍ରାରମ୍ଭିକ ନୃତ୍ୟ ପରେ ଆକାଶବାଣୀର ଉଦଘୋଷିକା ତଥା ମଂଚ ସଂଚାଳିକା ମିତା ପଟ୍ଟନାୟକ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ବିଶିଷ୍ଟ କଥାକାର ତପନ କୁମାର ମହାପାତ୍ର ପଦ୍ମଜ ଉତ୍ସବ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଉତ୍ସବରେ ଉଦଘାଟକ ଭାବେ ବିଶିଷ୍ଟ ନାଟ୍ୟକାର ପ୍ରଫେସର ରମେଶ ପ୍ରସାଦ ପାଣିଗ୍ରାହୀ, ବିଶିଷ୍ଟ ଅତିଥିଭାବେ ପ୍ରଖ୍ୟାତ ଭାଷାବିତ ଓ ସମାଲୋଚକ ପ୍ରଫେସର ନଟବର ଶତପଥୀ ଯୋଗଦେଇ ପଦ୍ମଜ ପାଳଙ୍କ କଥା ସାମ୍ରାଜ୍ୟ ସମ୍ପର୍କରେ ବକ୍ତବ୍ୟ ଦେବା ସହ ଲେଖକମାନଙ୍କର ପ୍ରତିବଦ୍ଧତା ଓ ଦୃଷ୍ଟିକୋଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଫେସର ରମେଶ ପ୍ରସାଦ ପାଣିଗ୍ରାହୀ ନିଜ ବକ୍ତବ୍ୟରେ କହିଲେ ଯେ ପ୍ରତି ଲେଖକ ଜଣେ ସ୍ୱାଧୀନଚେତା ମଣିଷ। ଭୂମିରୁ ଭୂମା ପର୍ଯ୍ୟନ୍ତ ତା'ର ବ୍ୟାପ୍ତି। ବିଶ୍ୱ ଚେତନାରୁ ଯାହା ଆସେ ସେ ତାକୁ ନିଜ ଲେଖାରେ ପ୍ରତିଫଳିତ କରେ ଓ ପରବର୍ତୀ ପିଢ଼ିକୁ ପ୍ରେରଣା ଯୋଗାଏ। ପଦ୍ମଜ ପାଳଙ୍କ ଗଳ୍ପ ଓ ଉପନ୍ୟାସରେ ଦୁଃଖ ଭୋଗୁଥିବା ମଣିଷର କଥା ସହ ସାମ୍ପ୍ରତିକ ସମୟର ଜାଗତିକ ସମସ୍ୟା ଓ ମଣିଷର ବିବିଧ ଦୃଷ୍ଟିକୋଣ କିପରି ପ୍ରତିଫଳିତ ହୋଇଛି ତାହା ଆଲୋଚନା କରିଥିଲେ।

କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଘୋଷଣା

# ଓଡ଼ିଆ ଭାଷାରେ ପୁରସ୍କାର ପାଇବାକୁ ମନୋନିତ ହେଲେ ଗିରିଜା ବଳିୟାର ସିଂହ

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଆଜି ୨୪ଟି ମାନ୍ୟତାପ୍ରାପ୍ତ ଭାରତୀୟ ଭାଷାରେ ବାର୍ଷିକ ସାହିତ୍ୟ ଏକାଡେମୀ ପୁରସ୍କାର ଘୋଷଣା କରାଯାଇଛି। ୨୦୨୫ ମସିହା ପାଇଁ ୮ଟି କବିତା ସଂକଳନ, ୪ଟି ଉପନ୍ୟାସ, ୬ଟି କ୍ଷୁଦ୍ରଗଳ୍ପ ସଂକଳନ, ୨ଟି ପ୍ରବନ୍ଧ, ୧ଟି ସାହିତ୍ୟ ସମାଲୋଚନା, ଗୋଟିଏ ଆତ୍ମକଥା ଏବଂ ୨ଟି ସ୍ମୃତିକଥାକୁ ପୁରସ୍କାର ପାଇଁ




ମନୋନିତ କରାଯାଇଛି। ଓଡ଼ିଆ ଭାଷାରେ କବିତା ସଂକଳନ 'ପାଦ ପୂରଣ' ପାଇଁ ବିଶିଷ୍ଟ କବି, ଲେଖକ ତଥା ପ୍ରକାଶକ ଗିରିଜା କୁମାର ବଳିୟାରସିଂହ ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ମନୋନିତ ହୋଇଛନ୍ତି। ଆସନ୍ତା ୩୧ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ସମାରୋହରେ ମନୋନିତ ସାହିତ୍ୟିକମାନଙ୍କୁ ପୁରସ୍କାର ଦିଆଯିବ। ପୁରସ୍କାର ବାବଦରେ ପ୍ରତ୍ୟେକ ବିଜେତାଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ଅର୍ଥରାଶି, ତାମ୍ର ଫଳକ ଏବଂ ଚଦର ପ୍ରଦାନ କରାଯିବ।

ଧର୍ମଶାଳାରେ କଳାପଥର ମାଫିଆଙ୍କ ଆତଙ୍କରାଜ

# କୁଶୁନପୁର ନିଷିଦ୍ଧ ଖଣି ଅଞ୍ଚଳରେ ପର୍ବତ ସୁରକ୍ଷା ମଞ୍ଚ ସଭାପତିଙ୍କୁ ଆକ୍ରମଣ ,ମହିଳାଙ୍କୁ ବି ଛାଡିଲେନି

ଚଣ୍ଡିଖୋଲ/ଚଢେଇଧରା, (ସବ୍ୟୁ) ଯାଜପୁର ଜିଲ୍ଲାର ଧର୍ମଶାଳାର କଳାପଥର ଖଣି ଅଞ୍ଚଳରେ କଳଖପଥରମାଫିଆଙ୍କ ଆତଙ୍କରାଜ ଦିନକୁ ଦିନ ବଢିବାରେ ଲାଗିଛି । ଏହାର ଜ୍ୱଳନ୍ତ ଚିତ୍ର ସୋମବାର ଦିନ ଦେଖିବାକୁ ମିଳିଛି ଧର୍ମଶାଳା ତହସିଲ ଜେନାପୁର ଥାନା ଅନ୍ତର୍ଗତ ଚକ୍ରଧରପୁର ମୌଜାର କୁଶୁନପୁର ଜଙ୍ଗଲ କିଶମ ପାହାଡର ପଥର ଖଣି ଅଞ୍ଚଳରେ। କୁଶୁନପୁର ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଓ ପାହାଡରୁ ବେଆଇନ କଳାପଥର ଚୋରିକୁ ପ୍ରତିବାଦ କରି ଧର୍ମଶାଳା ପାହାଡ ପର୍ବତ ସୁରକ୍ଷା ମଂଚ ସଭାପତି ତଥା ସ୍ଥାନୀୟ ଯୁବନେତା ସତୀଶ ବିଶ୍ୱାଳ ବେଆଇନ ଖଣି ଖନନ ସ୍ଥାନକୁ ଯାଇଥିଲା ବେଳେ ପଥର ମାଫିଆମାନେ ତାଙ୍କ ଉପରେ



ରକ୍ତାକ୍ତ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏଥିସହ ଶତୀସଙ୍କ ସହିତ ସେଠାକୁ ଯାଇଥିବା କେତେକ ମହିଳାଙ୍କୁ ଉଲଗ୍ନକରି ମାଡ ଦେବା ସହିତ ପଥର ମାଫିଆମାନେ ଆକ୍ରମଣ କରିଥିବା ଜେନାପୁର ଥାନାରେ ଅଭିଯୋଗ ହୋଇଛି। ମାଫିଆମାନେ ଅନେକଙ୍କ ମୋବାଇଲ ଛଡାଇ ନେବା ସହ ସତୀଶଙ୍କ କାରରୁ ଲୁଟପାଟ କରିବା ପରେ କାରଟିକୁ ପିଟି ପିଟି ଚୁନା କରି ଦିଆଯାଇଥିବା ଅଭିଯୋଗ ହୋଇଛି। ଆକ୍ରମଣ ପୂର୍ବରୁ ସତୀଶ ଜେନାପୁର ଥାନା ଅଧିକାରୀଙ୍କୁ ଫୋନଯୋଗେ ତାଙ୍କ ଜୀବନ ବିପଦପୂର୍ଣ୍ଣ ଥିବା ଜଣାଇ ଥିଲେ ମଧ୍ୟ ବହୁ ସମୟ ପରେ ପୋଲିସ ଘଟଣା ସ୍ଥଳରେ ପହଂଚିଲା ବୋଲି ମଧ୍ୟ ସେ ଅଭିଯୋଗ କରିଛନ୍ତି। ଚକ୍ରଧରପୁର ମୌଜା ଖାତା ନଂ-୪୭୫, ପ୍ଲଟ ନଂ-୧୫୯୮ରେ ବେଆଇନ ଭାବେ କଳାପଥର ଲୁଟପିଟ ହେବା ନେଇ ଲୋକେ ଅଭିଯୋଗ କରି ଆସୁଥିଲେ ମଧ୍ୟ ପ୍ରଶାସନ ଏହା ଉପରେ କାର୍ଯ୍ୟାନୁଷ୍ଠାନ କରୁନଥିଲେ। ଯାହାକୁ ନେଇ ସତୀଶ ସୋମବାର ଦିନ ଘଟଣା ସ୍ଥଳକୁ ଯାଇ ଲୋକଙ୍କ ଅଭିଯୋଗର ଅନୁଧ୍ୟାନ କରିଥିଲେ । ଏହି ସମୟରେ ପଥର ମାଫିଆମାନେ ତାଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ ଓ ତାଙ୍କ ଓଡି୦୪ ପି ୭୩୧୭ କୁ ଭାଙ୍ଗି ଦେଇଥିଲେ । ଆକ୍ରମଣ ଯୋଗୁ ୪/୫ଜଣ ଯୁବକ ଓ ମହିଳା ଆହତ ହୋଇଥିବା ସହ ସମସ୍ତ ବିଷୟ ଉଲେଖ କରି ଶତୀସ ଜେନାପୁର ଥାନାରେ ପହଞ୍ଚି ଲିଖିତ ଏତଲା କରିଛନ୍ତି ଓ ତାଙ୍କୁ ଚିକିତ୍ସା ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସମ୍ପର୍କରେ ଜେନାପୁର ଥାନାରେ ଦୁଇଟି ଅଭିଯୋଗ ହୋଇଥିବା ପୋଲିସ ପକ୍ଷରୁ କୁହାଯାଇଛି।

# ହାଇଟେକ୍ ଡେଣ୍ଟାଲ କଲେଜରେ ଅତ୍ୟାଧୁନିକ ସିବିସିଟି ମେସିନ୍




ଭୁବନେଶ୍ୱର, (ସବ୍ୟୁ): ହାଇଟେକ୍ ଡେଣ୍ଟାଲ କଲେଜ ଓ ହସପିଟାଲ ପରିସରରେ ଅତ୍ୟାଧୁନିକ ସିବିସିଟି ମେସିନ୍ ଉଦ୍‌ଘାଟିତ ହୋଇଛି। ଏହି ମେସିନ୍ ସ୍ଥାପନ ହେବା ଦ୍ୱାରା ଜଟିଳ ଦନ୍ତରୋଗ ନିରୁପଣ ଓ ସଠିକ୍ ଚିକିତ୍ସା କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆସିପାରିବ। ଏହି ଅତ୍ୟାଧୁନିକ ମେସିନ୍ ମାଧ୍ୟମରେ ଖୁବ୍ କମ୍ ରଶ୍ମୀକରଣ ପ୍ରୟୋଗ କରି ଜଟିଳ ରୋଗ ନିରୁପଣ କ୍ଷମତା ରହିଛି। ଗରିବ ଓ ମଧ୍ୟବିତ୍ତ ବର୍ଗର ରୋଗୀ ମାନେ ଖୁବ୍ କମ ଖର୍ଚ୍ଚରେ ଏହି ସୁବିଧା ପାଇପାରିବେ ବୋଲି ହାଇଟେକ୍ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ କହିଛନ୍ତି। ଦନ୍ତ ମହାବିଦ୍ୟାଳୟ ଓ ଚିକିତ୍ସାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ମଧୁସ୍ମିତା ତ୍ରିପାଠୀ ଏଭଳି ଉନ୍ନତମାନର ଦନ୍ତରୋଗ ନିରୁପଣ ମେସିନ୍ ଦ୍ୱାରା ରୋଗୀ ଓ ଛାତ୍ରଛାତ୍ରୀମାନେ ଅଧିକ ଉପକୃତ ହେବେ ବୋଲି କହିଛନ୍ତି। ଦନ୍ତ ମହାବିଦ୍ୟାଳୟର ସମସ୍ତ ଡାକ୍ତରଙ୍କୁ ଡକ୍ଟର ତିରୁପତି ପାଣିଗ୍ରାହୀ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଧିତ କରିଥିଲେ। ହାଇଟେକ୍ ଦନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡାକ୍ତର ସଂଗ୍ରାମ ପାତ୍ରଙ୍କ ଉଦ୍ୟମରେ ଏହି ମେସିନ୍ ସ୍ଥାପନ ହୋଇଥିବାରୁ ଦନ୍ତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

# ୪୩ ତମ ବାର୍ଷିକ ଖଣି ସୁରକ୍ଷା ପକ୍ଷରେ ଜିନ୍ଦଲ ଷ୍ଟିଲକୁ ୧୬ଟି ପୁରସ୍କାର

ଭୁବନେଶ୍ୱର, (ସବ୍ୟୁ): ଖଣି ନିରାପତ୍ତା ମହାନିର୍ଦ୍ଦେଶାଳୟ (ଡିଜିଏମଏସ)ଙ୍କ ନେତୃତ୍ୱରେ ଇଷ୍ଟର୍ଣ୍ଣ ଜୋନ୍ ଅଫ୍ ମାଇନିଂ ଆସୋସିଏସନ ପକ୍ଷରୁ ଆୟୋଜିତ ୪୩ତମ ବାର୍ଷିକ ଖଣି ସୁରକ୍ଷା ପକ୍ଷ ସମାରୋହରେ ଜିନ୍ଦଲ ଷ୍ଟିଲକୁ ବିଭିନ୍ନ ବର୍ଗରେ ମୋଟ୧୬ଟି ପୁରସ୍କାର ମିଳିଛି। କାଶିଆ ଆଇରନ ଏଣ୍ଡ ଡୋଲୋମାଇଟ ମାଇନ୍ସ, ଟେନସା ମାଇନ୍ସ ଓ ରୋଇଡା-ଓ ମାଇନ୍ସକୁ ବିଭିନ୍ନ ବର୍ଗରେ ଏହି ପୁରସ୍କାର ମିଳିଛି। ଜିନ୍ଦଲ ଷ୍ଟିଲ-ବିକେଟିଆର କ୍ଲଷ୍ଟର ମୁଖ୍ୟ ଶ୍ରୀ ପ୍ରମୋଦ କୁମାର ପାତ୍ରଙ୍କ ନେତୃତ୍ୱରେ ଜିନ୍ଦଲ ଷ୍ଟିଲର ଟିମ୍ ଡିଜିଏମଏସର ମହାନିର୍ଦ୍ଦେଶକ ଶ୍ରୀ ଉଜ୍ଜ୍ୱଳ ତାହଙ୍କ ଉପସ୍ଥିତିରେ ପୁରସ୍କାର ଗ୍ରହଣ କରିଥିଲେ।

କାଶିଆ ମାଇନ୍ସକୁ ସାମଗ୍ରିକ କାର୍ଯ୍ୟଦକ୍ଷତା ବର୍ଗ( ଓପନକାଷ୍ଟ ମାଇନ୍ସ) ବର୍ଗରେ ପ୍ରଥମ, ମେକାନିକାଲ ମେଣ୍ଟେନାନ୍ସରେ ପ୍ରଥମ, ଟ୍ରେନିଂ, ହେଲଥ ଓ ୱେଲଫେୟାର ବର୍ଗରେ ପ୍ରଥମ,



ଲିଡ୍ ଇଣ୍ଡିକେଟର୍ସ, ଇମର୍ଜେନ୍ସି ପ୍ରିପାର୍ଡନେସ, ମକଡ୍ରିଲ ଏଣ୍ଡ ଏକ୍ସିଡେଣ୍ଟ ଷ୍ଟାଟିଷ୍ଟିକ୍ସ ବର୍ଗରେ ପ୍ରଥମ, ପବ୍ଲିସିଟି ଏଣ୍ଡ ପ୍ରୋପାଗେଣ୍ଡା ବର୍ଗରେ ଦ୍ୱିତୀୟ, ଇଲେକ୍ଟ୍ରିକାଲ ମେଣ୍ଟେନାନ୍ସ ବର୍ଗରେ ଦ୍ୱିତୀୟ, ଅକ୍ୟୁପେସନାଲ ହେଲଥ ସେଣ୍ଟର ଫ୍ୟାସିଲିଟି ବର୍ଗରେ ତୃତୀୟ ପୁରସ୍କାର ମିଳିଛି। ରୋଇଡା-ଓ ମାଇନ୍ସକୁ ଟ୍ରେନିଂ, ହେଲଥ ଏଣ୍ଡ ଓ୍ୱେଲଫେୟାର ବର୍ଗରେ ପ୍ରଥମ ପୁରସ୍କାର ମିଳିଛି। ଟେନ୍ସା ମାଇନ୍ସକୁ ଡ୍ରିଲିଂ, ବ୍ଲାଷ୍ଟିଂ ଏଣ୍ଡ ହ୍ୟାଣ୍ଡେଲିଂ ଅଫ୍ ଏକ୍ସପ୍ଲୋସିଭସ ବର୍ଗରେ ଦ୍ୱିତୀୟ, ପବ୍ଲିସିଟି ଏଣ୍ଡ ପ୍ରୋପାଗେଣ୍ଡା ବର୍ଗରେ ଦ୍ୱିତୀୟ, ଏସଏମପି, ସେଫ୍ଟି ଏଣ୍ଡ ଷ୍ଟାଚ୍ୟୁଟାରୀ କମ୍ପ୍ଲାୟାନ୍ସରେ ତୃତୀୟ ଓ ଟ୍ରେନିଂ, ହେଲଥ ଏବଂ ୱେଲଫେୟାର ବର୍ଗରେ ତୃତୀୟ ପୁରସ୍କାର ମିଳିଛି।

ସୁରକ୍ଷିତ ମାଇନିଂ ଜିନ୍ଦଲ ଷ୍ଟିଲ କର୍ମସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ। ସର୍ବଦା ଖଣି ସୁରକ୍ଷାକୁ ପ୍ରାଥମିକତା ଦେବାର ପ୍ରତିବଦ୍ଧତା, ସମୟ ଅନୁସାରେ ଅଧିକ ମଜଭୁତ ହେବାରେ ଲାଗିଛି। ଖଣି ସୁରକ୍ଷା ଓ ଏହି କ୍ଷେତ୍ରରେ ନିରନ୍ତର ବିକାଶ, ବୈଧାନିକ ନିୟମର ଅନୁପାଳନ, ଖଣି ଖନନରେ ପରିଚାଳନାଗତ ଉତ୍କର୍ଷ ଏବଂ ସର୍ବୋପରି 'ବେଟର ଦାନ ବିଫୋର' ନୀତିର ଅନୁସରଣ କ୍ଷେତ୍ରରେ ଜିନ୍ଦଲ ଷ୍ଟିଲର ଅଟଳ ଅଙ୍ଗୀକାରବଦ୍ଧତାକୁ ଏ ପୁରସ୍କାର ପ୍ରମାଣିତ କରୁଛି। ଜିନ୍ଦଲ ଷ୍ଟିଲର ପ୍ରତିବଦ୍ଧତାକୁ ସମ୍ମାନିତ କରାଯାଇଥିବାରୁ କମ୍ପାନି ପକ୍ଷରୁ ଆୟୋଜକଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି।

## ମନ୍ଦିର ସମ୍ମୁଖରୁ ବାଇକ ଲୁଟ

ଜଟଣୀ, (ସବ୍ୟୁ) : ଜଟଣୀ ଥାନା ଅନ୍ତର୍ଗତ ବୁଢ଼ାପଡ଼ା ସୋମନାଥ ମନ୍ଦିର ସମ୍ମୁଖରେ ଗାଡ଼ି ଥୁଆ ସ୍ଥାନରୁ ଏକ ସ୍ପ୍ଲେଣ୍ଡର ମୋଟରସାଇକେଲ ଲୁଟ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ରବିବାର ସଂକ୍ରାନ୍ତି ଅବସରରେ ନିକଟସ୍ଥ ଧଳ ସାହିର ସନାତନ ବେହେରା ନାମକ ଜଣେ ଯୁବକ ସକାଳ ୯ ଘଟିକାରେ ଓଡ଼ି୧୩ଏସ ୭୫୮୨ ନମ୍ବର ବିଶିଷ୍ଟ ଉକ୍ତ ମୋଟରସାଇକେଲ ମନ୍ଦିର ଫାଟକ ସମ୍ମୁଖରେ ରଖି ଭିତରକୁ ପୂଜାର୍ଚ୍ଚନା କରିବା ପାଇଁ ଯାଇଥିଲେ । ପୂଜା ସାରି ଫେରିଲାବେଳକୁ ଗାଡିଟି ଉକ୍ତ ସ୍ଥାନରେ ନପାଇ ଖୋଜାଖୋଜି କରି ମନ୍ଦିର କର୍ତ୍ତୃପକ୍ଷଙ୍କୁ ଜଣାଇବାରେ ସିସିଟିଭି ଫୁଟେଜ ଯାଞ୍ଚ ସମୟରେ ଜଣେ ଯୁବକ ଉକ୍ତ ବାଇକଟି ଲୁଟ କରି ନେଉଥିବା ଦୃଷ୍ଟି ଗୋଚର ହୋଇଥିଲା ।

# ସୋଆରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ କାର୍ଯ୍ୟରତ ମହିଳାମାନଙ୍କ ପକ୍ଷରୁ ସୋମବାର ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ସୋଆର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ ସୋଆର ମହିଳା କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ଅବସରରେ ଶ୍ରୀମତି ଦାସ କହିଛନ୍ତି ଯେ ପ୍ରତ୍ୟେକ ଅନୁଷ୍ଠାନର ସ୍ୱତନ୍ତ୍ର ଭୂମିକା ରହିଛି। ଶୈକ୍ଷିକ ଉତ୍କର୍ଷତା, ବିକାଶ ଓ ସଶକ୍ତୀକରଣ କ୍ଷେତ୍ରରେ ମହିଳାଙ୍କ ନେତୃତ୍ୱ ନେଇ ସୋଆ ବଦ୍ଧପରିକର। ଶ୍ରୀମତି ଦାସ କହିଥିଲେ ଯେ ମହିଳାମାନେ ସବୁ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇପାରୁଥିବା ବେଳେ ପରସ୍ପରକୁ ସାହାଯ୍ୟ ଓ ସହଯୋଗ



କରିବାର ଆବଶ୍ୟକତା ରହିଛି। ଏହି କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର ନୀତା ମହାନ୍ତି, ସୋଆର କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ, ସୋଆ ଓ ସୁମ୍ମା ରିୟଲ ମିଡିଆର ମହିଳା ନେତୃବର୍ଗ ନିଜର ବକ୍ତବ୍ୟରେ ନାରୀ ସଶକ୍ତୀକରଣ ଏବଂ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଡିସନାଲ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ) ଆଇଟିଆର୍ , ପ୍ରଫେସର ରେଣୁ ଶର୍ମା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଇସ୍ରାଏଲ ଟାର୍ଗେଟରେ ଇରାନର ଅନେକ ଘାଟି



ତେଲ ଅଭିଭ : ଇସ୍ରାଏଲ ଆଗାମୀ ଦିନରେ ଇରାନରେ ଆକ୍ରମଣକୁ ତୀବ୍ରତର କରିବା ପାଇଁ ଯୋଜନା ଘୋଷଣା କରିଛି। ଇସ୍ରାଏଲୀ ସେନା କହିଛି, ଆମେ ଆଗାମୀ ତିନି ସପ୍ତାହ ମଧ୍ୟରେ ଇରାନରେ ପ୍ରାୟ ଏକ ହଜାର ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରିବୁ।ଇତିମଧ୍ୟରେ ଇସ୍ରାଏଲ ସାମରିକ ଉପକରଣ କ୍ରୟ ପାଇଁ ୮୨୭ ନିୟୁତ ଡଲାରର ଏକ ଜରୁରୀକାଳୀନ ଯୁଦ୍ଧ ବଜେଟକୁ ଅନୁମୋଦନ କରିଛି। ଇସ୍ରାଏଲର ଏହି ଅନୁମୋଦନ ଇରାନରେ ଯୁଦ୍ଧ ଲମ୍ବା ହେବାର ଆଶଙ୍କା ସୃଷ୍ଟି କରିଛି। ଗତ ୧୭ ଦିନ ଧରି ଚାଲିଥିବା ଯୁଦ୍ଧରେ ପୂର୍ବରୁ ବହୁତ ଧନଜୀବନ ହାନୀ ଘଟିଛି। ଆମେରିକାକୁ କ୍ଷେପଣାସ୍ତ୍ର ଇଣ୍ଟରସେପ୍ଟର ଅଭାବ ବିଷୟରେ ଜଣାଇଥିବା ରିପୋର୍ଟକୁ ଇସ୍ରାଏଲୀ ବୈଦେଶିକ ମନ୍ତ୍ରୀ ଗିଡିଓନ ସାର୍ ଖଣ୍ଡନ କରିଛନ୍ତି। ସାର୍ କହିଛନ୍ତି, ଇସ୍ରାଏଲର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଭଲ ଭାବରେ କାର୍ଯ୍ୟ କରୁଛି ଏବଂ ସେନା ପାଖରେ କ୍ଷେପଣାସ୍ତ୍ର ଇଣ୍ଟରସେପ୍ଟରର କୌଣସି ଅଭାବ ନାହିଁ। ଅପରପକ୍ଷରେ ଇରାନର ଦିବଂଗତ ସୁପ୍ରିମ ଲିଡର ଅଲୀ ଖାମେନେଇ ବ୍ୟବହାର କରୁଥିବା ଗୋଟିଏ ବିମାନକୁ ଇସ୍ରାଏଲ ଧ୍ୱଂସ କରି ଦେଇଥିବା ଦାବି କରିଛି। ତେହରାନର ମେହରାବାଦ ଏୟାରପୋର୍ଟରେ ବିଳମ୍ବିତ ରାତିରେ ହୋଇଥିବା ଏୟାର ଷ୍ଟ୍ରାଇକରେ ବିମାନଟି ଧ୍ୱଂସ ହୋଇଥିବା ଇସ୍ରାଏଲ ସେନା ପକ୍ଷରୁ ସୂଚନା ଦିଆଯାଇଛି। ଇସ୍ରାଏଲ ସେନାର କହିବା କଥା ଯେ ଧ୍ୱଂସ ହୋଇଯାଇଥିବା ବିମାନକୁ ଇରାନର ବରିଷ୍ଠ ପ୍ରଶାସନନିକ ଓ ସାମରିକ ଅଧିକାରୀମାନେ ମଧ୍ୟ ବ୍ୟବହାର କରୁଥିଲେ।ସେମାନେ ଦେଶ ଓ ବିଦେଶର ବିଭିନ୍ନ ସ୍ଥାନକୁ ଏଥିରେ ଗସ୍ତ କରୁଥିଲେ। ହେଲେ ଏବେ ସେହି ବିମାନକୁ ଧ୍ୱଂସ କରି ଦିଆଯାଇଛି। ମେହରାବାଦ ହେଉଛି ତେହରାନର ସବୁଠାରୁ ପୁରୁଣା ଏୟାରପୋର୍ଟ। ସେଠାରୁ କେବଳ ଘରୋଇ ଓ ଆଞ୍ଚଳିକ ବିମାନ ସେବା ମିଳିଥାଏ। ଅତିରିକ୍ତ ଭାବେ ଇରାନର ସବୁଠାରୁ ବ୍ୟସ୍ତ ବହୁଳ ଘରୋଇ ଏୟାରପୋର୍ଟ ଭାବେ ମଧ୍ୟ ଏହା ପରିଚିତ। ଏଠାରେ ବାୟୁସେନାର ସମ୍ପତ୍ତି ମଧ୍ୟ ରହିଛି। ଏହି ଏୟାରପୋର୍ଟରେ ଖାମେନେଇ ବ୍ୟବହାର କରୁଥିବା ବିମାନଟି ରହିଥିଲା। ଇସ୍ରାଏଲ ଏଠାରେ ହମଲା କରି ବିମାନ ସହ ଏୟାରପୋର୍ଟକୁ କ୍ଷତି ପହଞ୍ଚାଇଛି।

# ସଂସଦରେ ହଙ୍ଗାମା : ଟିଏମସିର କକ୍ଷତ୍ୟାଗ

ନୂଆଦିଲ୍ଲୀ: ପଶ୍ଚିମବଙ୍ଗରେ ନିର୍ବାଚନ ବିଗୁଲ୍ ବାଜିବା ସହିତ, ପ୍ରଶାସନିକ ପୁନର୍ଗଠନକୁ ନେଇ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ସୋମବାର, ସଂସଦର ଉଚ୍ଚ ସଦନ ରାଜ୍ୟସଭାରେ ନିର୍ବାଚନ କମିସନଙ୍କ କାର୍ଯ୍ୟାନୁଷ୍ଠାନ ବିରୋଧରେ ଟିଏମ୍ସି ସଦସ୍ୟମାନେ ପ୍ରତିବାଦ କରିବାରୁ ପ୍ରବଳ ହଟ୍ଟଗୋଳ ହୋଇଥିଲା। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ହଟାଇବାକୁ ଟିଏମ୍ସି ବିରୋଧ କରିଥିଲା। ରାଜ୍ୟ ମୁଖ୍ୟ ସଚିବ ନନ୍ଦିନୀ ଚକ୍ରବର୍ତ୍ତୀ ଏବଂ ଗୃହ ସଚିବ ଜଗଦୀଶ ପ୍ରସାଦ ମୀନାଙ୍କୁ କମିସନଙ୍କ ଦ୍ୱାରା ସେମାନଙ୍କ ପଦରୁ ବହିଷ୍କାର କରାଯିବାକୁ ଟିଏମ୍ସି କେନ୍ଦ୍ର ସରକାରଙ୍କ ସ୍ୱେଚ୍ଛାଚାରିତା ଏବଂ ଗଣତନ୍ତ୍ର ଉପରେ ଆକ୍ରମଣ ବୋଲି କହିଛି। ସୋମବାର ରାଜ୍ୟସଭାରେ ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ, ଟିଏମ୍ସି ସାଂସଦ ଡେରେକ୍ ଓ ବ୍ରାଏନ୍ ଉଚ୍ଚ ଅଧିକାରୀଙ୍କ ବଦଳି ପ୍ରସଙ୍ଗ ଉଠାଇଥିଲେ। ସେ ଅଭିଯୋଗ କରିଥିଲେ ଯେ ନିର୍ବାଚନ ତାରିଖ ଘୋଷଣା ପରେ ଏତେ ଶୀଘ୍ର ବିଳମ୍ବିତ ରାତିର ଏପରି କାର୍ଯ୍ୟାନୁଷ୍ଠାନ ଏକ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟାକୁ ବାଧା ଦେବା ସହିତ ସମାନ ।ଟିଏମ୍ସି ସାଂସଦମାନେ କହିଥିଲେ, ଏହି ପଦକ୍ଷେପ ରାଜ୍ୟର ପ୍ରଶାସନିକ ବ୍ୟବସ୍ଥାକୁ ଅସ୍ଥିର କରିବା ପାଇଁ ଉଦ୍ଦିଷ୍ଟ। ପ୍ରତିବାଦରେ, ସମସ୍ତ ଟିଏମ୍ସି ସଦସ୍ୟ ଦିନକ ପାଇଁ ୱାକଆଉଟ୍ କରି ବାହାରକୁ ଚାଲିଯାଇଥିଲେ।ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଟିଏମ୍ସିର ହଟ୍ଟଗୋଳ ଏବଂ ୱାକଆଉଟ୍ର କଡ଼ା ପ୍ରତିକ୍ରିୟା ଦେଇଥିଲେ। ସେ ସ୍ପଷ୍ଟ କରିଥିଲେ, ନିର୍ବାଚନ କମିସନ ଏକ ସ୍ୱାଧୀନ ସାମ୍ବିଧାନିକ ସଂସ୍ଥା। ତାଙ୍କର ନିଷ୍ପତ୍ତିରେ ସରକାରଙ୍କର କୌଣସି ଭୂମିକା ନାହିଁ। ଟିଏମ୍ସି ଏବଂ କଂଗ୍ରେସକୁ ଟାର୍ଗେଟ କରି ରିଜିଜୁ କହିଥିଲେ, ସମ୍ବିଧାନ କମିସନଙ୍କୁ ପୂର୍ଣ୍ଣ କ୍ଷମତା ପ୍ରଦାନ କରିଥିବା ସତ୍ତ୍ୱେ ଏହି ଦଳଗୁଡ଼ିକ ବାରମ୍ବାର ସାମ୍ବିଧାନିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରୁଛନ୍ତି। ଗୃହରେ ଏହି ପ୍ରସଙ୍ଗ ଉଠାଇବାସମୟ ନଷ୍ଟ ବୋଲି କହିଥିଲେ। ନିର୍ବାଚନ କମିସନ ରବିବାର ରାତିରେ ମମତା ବାନାର୍ଜୀ ସରକାରଙ୍କୁ ଏକ ଚିଠି ପଠାଇ ବଡ଼ ପରିବର୍ତ୍ତନ ପାଇଁ ନିର୍ଦ୍ଦେଶ ଦେଇଥିଲେ। କମିସନ ୧୯୯୩ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଦୁଷ୍ୟନ୍ତ ନାରିଆଲାଙ୍କୁ ପଶ୍ଚିମବଙ୍ଗର ନୂତନ ମୁଖ୍ୟ ସଚିବ ଭାବରେ ନିଯୁକ୍ତ କରିଛନ୍ତି। ୧୯୯୭ ବ୍ୟାଚ୍ ଆଇଏଏସ୍ ଅଧିକାରୀ ସଂଘମିତ୍ରା ଘୋଷଙ୍କୁ ଗୃହ ଏବଂ ପାହାଡ଼ି ବ୍ୟାପାର ବିଭାଗର ପ୍ରମୁଖ ସଚିବ ଭାବରେ ନିଯୁକ୍ତ କରାଯାଇଛି। କମିସନ ସ୍ପଷ୍ଟ କରିଛନ୍ତି, ଅପସାରିତ ଅଧିକାରୀ ନନ୍ଦିନୀ ଚକ୍ରବର୍ତ୍ତୀ ଏବଂ ଜଗଦୀଶ ପ୍ରସାଦ ମୀନା ନିର୍ବାଚନ ଶେଷ ନହେବା ପର୍ଯ୍ୟନ୍ତ କୌଣସି ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟରେ ସାମିଲ ହେବେ ନାହିଁ।

ରିପୋର୍ଟ ଅନୁଯାୟୀ, କମିସନଙ୍କ ପୂର୍ବ ଅଭିଯୋଗଗୁଡ଼ିକର ସମୀକ୍ଷା ଏବଂ ରାଜ୍ୟର ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ପାଇଁ ପ୍ରସ୍ତୁତି ପରେ ଏହି ପ୍ରଶାସନିକ ପୁନର୍ଗଠନ କରାଯାଇଛି। ରାଜନୈତିକ ବିଶ୍ଳେଷକମାନଙ୍କ ଅନୁସାରେ ଏହି ପଦକ୍ଷେପ ଦ୍ୱାରା ନିର୍ବାଚନ ସମୟରେ ସମ୍ପୂର୍ଣ୍ଣ ପ୍ରଶାସନିକ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

# ଆମେରିକା ସହ ବାଣିଜ୍ୟ ଚୁକ୍ତି ଏବେ ନୁହେଁ : ଭାରତ

ନୂଆଦିଲ୍ଲୀ: ଶୁଳ୍କ ସ୍ଥିତି ସ୍ପଷ୍ଟ ନ ହେବା ପର୍ଯ୍ୟନ୍ତ ଆମେରିକା ସହ ଭାରତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିବ ନାହିଁ। ଚଳିତ ମାସରେ ଆମେରିକା ସହ ଚୁକ୍ତି ହେବାର ଥିଲା। ମାତ୍ର ସେଠାକାର ସୁପ୍ରିମକୋର୍ଟ ରାଷ୍ଟ୍ରପତି ଟ୍ରମ୍ପ ଲଗାଇଥିବା ଶୁଳ୍କକୁ ଅସିଦ୍ଧ ଘୋଷଣା କରିବା ପରେ ସ୍ଥିତି ବଦଳିଯାଇଛି। ଏହାର କିଛି ସମୟ ପରେ ଟ୍ରମ୍ପ ଦୁଇ ପର୍ଯ୍ୟାୟରେ ୧୫ ପ୍ରତିଶତର ନୂଆ ଶୁଳ୍କ ଲଗାଇଛନ୍ତି। ପ୍ରଥମେ ଯେଉଁ ଆଲୋଚନା ହୋଇଥିଲା ତାହା ପୂର୍ବରୁ ଲଗାଯାଇଥିବା ଶୁଳ୍କ ଆଧାରରେ ହୋଇଥିଲା। ଯେଉଁ ସବୁ ଦେଶ ଆମେରିକା ସହ ବାଣିଜ୍ୟ ଚୁକ୍ତି କରିଛନ୍ତି ସେମାନେ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଭଲ ଡିଲ୍ ପାଇବା ପରେ ଆଗକୁ ବଢ଼ିଥିଲେ। ବର୍ତ୍ତମାନ ସ୍ଥିତି ସମ୍ପୂର୍ଣ୍ଣ ବଦଳିଯାଇଥିବାରୁ ସ୍ଥିତି ସ୍ପଷ୍ଟ ହେବା ପର୍ଯ୍ୟନ୍ତ ଭାରତ ଅପେକ୍ଷା କରିବ ବୋଲି ବାଣିଜ୍ୟ ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି।

ଗତ ଫେବ୍ରୁଆରି ୨୦ରେ ଆମେରିକା ସୁପ୍ରିମକୋର୍ଟ ଟ୍ରମ୍ପ ଲଗାଇଥିବା ଶୁଳ୍କକୁ ଅସିଦ୍ଧ ଘୋଷଣା କରିଥିଲେ। ଏହାପରେ ରାଷ୍ଟ୍ରପତି ଟ୍ରମ୍ପ ଏକ ଜରୁରୀକାଳୀନ ଆଇନରେ ଦିଆଯାଇଥିବା କ୍ଷମତା ବ୍ୟବହାର କରି ଫେବ୍ରୁଆରି ୨୪ରେ ନୂଆ ଶୁଳ୍କ ଲଗାଇଥିଲେ। ସେହି ଶୁଳ୍କ ସର୍ବାଧିକ ୧୫୦ ଦିନ ପର୍ଯ୍ୟନ୍ତ ଲାଗିପାରିବ। ଏହାର କିଛି ଦିନ ପୂର୍ବରୁ ଅର୍ଥାତ ଗତ ଫେବ୍ରୁଆରି ୨ରେ ଉଭୟ ଭାରତ ଓ ଆମେରିକା ଅନ୍ତରୀଣ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିବା ନେଇ ସହମତ ହୋଇଥିଲେ। ଟ୍ରମ୍ପ



ଲଗାଇଥିବା ଶୁଳ୍କକୁ ୧୮ ପ୍ରତିଶତକୁ ହ୍ରାସ କରିବା ଓ ରୁଷ ତୈଳ କ୍ରୟ ପାଇଁ ଲାଗିଥିବା ୨୫ ପ୍ରତିଶତ ଜରିମାନା ଶୁଳ୍କକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ପରେ ଚୁକ୍ତି ସ୍ୱାକ୍ଷର କରିବାକୁ ଭାରତ ରାଜି ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଘଟିଥିବା ଘଟଣାଗୁଡ଼ିକ ଏହି ଚୁକ୍ତିକୁ ଅନ୍ଧାର ମଧ୍ୟକୁ ଠେଲି ଦେଇଛି।



ଓଡିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ସୋମବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି।

# ଦୁବାଇ ଏୟାରପୋର୍ଟରେ ଆତଙ୍କ ଖେଳାଇଲା ଡ୍ରୋନ ବିସ୍ଫୋରଣ

ଦୁବାଇ: ଇରାନ-ଇସ୍ରାଏଲ ଯୁଦ୍ଧ ଯୋଗୁଁ ମଧ୍ୟପ୍ରାଚ୍ୟ ପରିସ୍ଥିତି ଖରାପ ହେବାରେ ଲାଗିଛି। ଏହି ସଂଘର୍ଷରେ ପଡ଼ୋଶୀ ଦେଶଗୁଡ଼ିକ ମଧ୍ୟ ଦୋଷ ନକରି ଆକ୍ରମଣର ଶିକାର ହେଉଛନ୍ତି। ଯୁଦ୍ଧ ଆରମ୍ଭ ହେବା ପରଠାରୁ ଦୁବାଇରେ ଅନେକ ଥର ଆକ୍ରମଣ ହୋଇଛି। ସୋମବାର ସକାଳେ ଏକ ଡ୍ରୋନ୍ ଦୁବାଇ ଅନ୍ତର୍ଜାତୀୟ ବିମାନବନ୍ଦର ଖସି ପଡ଼ିବା ଯୋଗୁଁ ଜୋରଦାର ବିସ୍ଫୋରଣ ଘଟିଛି।

ବିସ୍ଫୋରଣରେ ଏକ ଇନ୍ଧନ ଟାଙ୍କିରେ ନିଆଁ ଲାଗିଯାଇଛି। କିଛି ସମୟ ପରେ ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା। ସୁରକ୍ଷା କାରଣରୁ, ଦୁବାଇ ଅନ୍ତର୍ଜାତୀୟ ବିମାନବନ୍ଦରରେ ସମସ୍ତ ବିମାନ ଉଡ଼ାଣକୁ ସ୍ଥଗିତ ରଖାଯାଇଛି। ଦୁବାଇ ମିଡିଆ ଅଫିସ୍ ରିପୋର୍ଟ କରିଛି, ଦୁବାଇ ସିଭିଲ୍ ଡିଫେନ୍ସ ଦଳଗୁଡ଼ିକ ଦୁବାଇ ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଏକ ଇନ୍ଧନ ଟାଙ୍କିରେ ଲାଗିଥିବା ନିଆଁକୁ ନିୟନ୍ତ୍ରଣ କରିଛନ୍ତି। ଦୁବାଇ ବିମାନବନ୍ଦର ଘୋଷଣା କରିଛି ଯେ ଦୁବାଇ ଅନ୍ତର୍ଜାତୀୟ ବିମାନବନ୍ଦରରୁ କିଛି ବିମାନକୁ ଅଲ୍ ମକତୁମ୍ ଅନ୍ତର୍ଜାତୀୟ ବିମାନବନ୍ଦରକୁ ସ୍ଥାନାନ୍ତରିତ କରାଯାଉଛି। ବିମାନବନ୍ଦର ଷ୍ଟ୍ରିଟ୍ ଏବଂ ବିମାନବନ୍ଦର ଟନେଲରେ ଯାତାୟାତ ଅସ୍ଥାୟୀ ଭାବରେ ବନ୍ଦ କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ଭାରତରୁ ଦୁବାଇ ଯାଉଥିବା ଏକ ଏମିରେଟ୍ସ ବିମାନ କୋଚି ଫେରି ଆସିଛି। ଯାତ୍ରୀମାନଙ୍କୁ ବିମାନରୁ ଓହ୍ଲାଇ ବିମାନବନ୍ଦର ପରିସରରେ ରଖାଯାଇଛି। ଦୁବାଇ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ



ଯାତ୍ରୀ ଏବଂ କର୍ମଚାରୀଙ୍କ ସୁରକ୍ଷା ପାଇଁ ଦୁବାଇ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିମାନ ଉଡ଼ାଣକୁ ଅସ୍ଥାୟୀ ଭାବରେ ବନ୍ଦ ଘୋଷଣା କରିଛନ୍ତି। ବିମାନବନ୍ଦର ସ୍ପଷ୍ଟ ଭାବରେ କହିଛି ଯେ କୌଣସି ଯାତ୍ରୀ ବିମାନବନ୍ଦର ନିକଟକୁ ଯିବା ଉଚିତ୍ ନୁହେଁ। ବିମାନବନ୍ଦର ଅଧିକାରୀମାନେ ଜନସାଧାରଣଙ୍କୁ ସମସ୍ତ ଉଡ଼ାଣ ଅପଡେଟ୍ ଅନଲାଇନରେ ଯାଞ୍ଚ କରିବାକୁ ଅନୁରୋଧ କରିଛନ୍ତି।

# ପ.ବଙ୍ଗ ପାଇଁ ବିଜେପିର ପ୍ରାର୍ଥୀ ତାଲିକା ଘୋଷଣା

## ପୁଣି ମମତା -ଶୁଭେନ୍ଦୁ ମୁହାଁମୁହିଁ

ନୂଆଦିଲ୍ଲୀ : ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ପୁଣିଥରେ ଦେଖିବାକୁ ମିଳିବ ଶୁଭେନ୍ଦୁ ଅଧିକାରୀ ବନାମ ମମତା ବାନାର୍ଜୀଙ୍କ ଲଢ଼େଇ। ୨୦୨୧ ଭଳି ଦୁଇ ହେଭିୱେଟ ପୁଣି ଗୋଟିଏ ଆସନରେ ପରସ୍ପରକୁ ଦେବେ ଟକ୍କର। କାରଣ ଆଗାମୀ ବିଧାନସଭା ନିବାର୍ଚନ ପାଇଁ ଆଜି ବିଜେପି ତା'ର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ତାଲିକା ଅନୁସାରେ ଦଳ ଶୁଭେନ୍ଦୁ ଅଧିକାରୀଙ୍କୁ ହାଇ ପ୍ରୋଫାଇଲ ଭବାନୀପୁର ଆସନରୁ ଟିକେଟ ଦେଇଛି। ଭବାନୀପୁର ହେଉଛି ଟିଏମସି ସୁପ୍ରିମୋ ତଥା ବେଙ୍ଗଲ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଗଡ଼। ଏହି ଆସନରୁ ଜିତି ମମତା ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଏଥର ମଧ୍ୟ ମମତା ଏହି ଆସନରୁ ଲଢ଼ି ପାରନ୍ତି। ଟିଏମସି ମମତାଙ୍କ ନାଁ ଘୋଷଣା କରିବା ପୂର୍ବରୁ ବିଜେପି ଭବାନୀପୁରରୁ ଶୁଭେନ୍ଦୁ ଅଧିକାରୀ ପ୍ରାର୍ଥୀ କରି ଦେଇଛି।

ଶୁଭେନ୍ଦୁ ଅଧିକାରୀ ଏକଦା ମମତାଙ୍କ ଅତ୍ୟନ୍ତ ଘନିଷ୍ଠ ରହିଥିଲେ। ସେ ୨୦୨୧ ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପିରେ ମିଶିବା ସହ ପୂର୍ବଭଳି ନନ୍ଦିଗ୍ରାମରୁ ଲଢ଼ିଥିଲେ। ଏଥିସହ ବିଜୟୀ ହୋଇ ଏବେ ବେଙ୍ଗଲ ବିଧାନସଭାରେ ବିରୋଧୀ ଦଳ ନେତା ଭାବେ କାର୍ଯ୍ୟ କରୁଛନ୍ତି। ୨୦୨୬ରେ ମଧ୍ୟ ଶୁଭେନ୍ଦୁ ଅଧିକାରୀ ନନ୍ଦିଗ୍ରାମରୁ ଲଢ଼ିବେ। ଏହା ସହ ସେ ଭବାନୀପୁରରେ ମଧ୍ୟ ପ୍ରାର୍ଥୀ ହୋଇଛନ୍ତି। ଅର୍ଥାତ ସେ ଦୁଇଟି ଆସନରୁ ନିର୍ବାଚନ ଲଢ଼ିବେ। ୨୦୨୧ରେ ନନ୍ଦିଗ୍ରାମରେ ଶୁଭେନ୍ଦୁ ଅଧିକାରୀ ଓ ମମତା ବାନାର୍ଜୀଙ୍କ ମଧ୍ୟରେ ଟକ୍କର ହୋଇଥିଲା। କିନ୍ତୁ ଏଥିରେ ଶୁଭେନ୍ଦୁ ବାଜି ମାରି ନେଇଥିଲେ। ମମତା ଏହାପରେ ନିଜର ଗଡ଼ ଭାବେ ପରିଚିତ ଭବାନୀପୁର ଉପ ନିର୍ବାଚନରେ ପ୍ରାର୍ଥୀ ହୋଇ ବିଧାନସଭାକୁ ଯାଇଛନ୍ତି।

# ସାମରିକ ଘାଟି ଉପରେ ଆକ୍ରମଣ କଲା ଆମେରିକା

ୱାଶିଂଟନ : ଚାବାହାର ମୁକ୍ତ ବାଣିଜ୍ୟ କ୍ଷେତ୍ର ନିକଟବର୍ତ୍ତୀ ଏକ ପାହାଡ଼ରେ ଅବସ୍ଥିତ ସାମରିକ ଘାଟିଗୁଡ଼ିକ ଉପରେ ଆମେରିକାର ଯୁଦ୍ଧ ବିମାନ ଆକ୍ରମଣ କରିଛି। ଚାବାହାର ମୁକ୍ତ ବାଣିଜ୍ୟ କ୍ଷେତ୍ର ଇରାନର ପାକିସ୍ତାନ ସହ ଥିବା ଦକ୍ଷିଣ-ପୂର୍ବ ସୀମାରେ ଅବସ୍ଥିତ। ଚାବାହାର ବନ୍ଦର ଭାରତ ପାଇଁ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ଦ୍ୱାରା ଆଫଗାନିସ୍ତାନ, ମଧ୍ୟ ଏସିଆ ଏବଂ ୟୁରୋପ ପ୍ରବେଶ କରିବା ସହଜ ହୋଇଥାଏ।୨୦୨୪ ମସିହାରେ, ଭାରତ ଇରାନ ସହିତ ଏକ ୧୦ ବର୍ଷର ଚୁକ୍ତି ସ୍ୱାକ୍ଷର କରିଥିଲା। ଯାହା ଅନ୍ତର୍ଗତ ରାଷ୍ଟ୍ରାୟତ୍ତ ଇଣ୍ଡିଆ ପୋର୍ଟସ୍ ଗ୍ଲୋବାଲ୍ ଲିମିଟେଡ୍ ଚାବାହାରରେ ୩୭୦ ନିୟୁତ ଡଲାର ନିବେଶ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଭାରତ ୨୦୩୦ ସୁଦ୍ଧା ଏହାର ଅର୍ଥନୀତିକୁ ୧୦ ଟ୍ରିଲିୟନ ଡଲାର ଏବଂ ୨୦୩୦ ସୁଦ୍ଧା ୧୫ ଟ୍ରିଲିୟନ ଡଲାରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛି। ଏହାକୁ ହାସଲ କରିବା ପାଇଁ ବିଦେଶୀ ନିବେଶ



ଏବଂ ସ୍ଥିର ବାଣିଜ୍ୟ ମାର୍ଗର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ, ଚାବାହାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ଭାରତର ଭୂରାଜନୈତିକ ଓ ଅର୍ଥନୈତିକ ରଣନୀତିର ମୂଳଦୁଆ। ଉଦୀୟମାନ ଭୂ-ରଣନୈତିକ ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ଏହା ଭାରତ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ।

ଭାରତ ପାଇଁ, ଚାବାହାର କେବଳ ଏକ ବାଣିଜ୍ୟିକ ପ୍ରକଳ୍ପ ନୁହେଁ। ଏହି ବନ୍ଦର ନୂଆଦିଲ୍ଲୀର ସଂଯୋଗ ରଣନୀତିର କେନ୍ଦ୍ରବିନ୍ଦୁ। ଭାରତ ମହାସାଗରକୁ ପ୍ରବେଶ ଏବଂ ପାକିସ୍ତାନକୁ ବାଇପାସ କରି ଆଫଗାନିସ୍ତାନ ତଥା ମଧ୍ୟପ୍ରାଚ୍ୟକୁ ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ ପ୍ରଦାନ କରିଥାଏ। ଏହା ଆଫଗାନିସ୍ତାନର ଲୋକମାନଙ୍କ ପାଇଁ ଭାରତର ମାନବିକ ସହାୟତାର ଏକ ପ୍ରମୁଖ ପଥ ସାବ୍ୟସ୍ତ ହୋଇଥାଏ।

# ଯୁବ କଂଗ୍ରେସ ପକ୍ଷରୁ ସଂସଦ ଘେରାଉ

ନୂଆଦିଲ୍ଲୀ : ସୋମବାର ନୂଆଦିଲ୍ଲୀର ଜନ୍ତର ମନ୍ତରଠାରେ ଭାରତୀୟ ଯୁବ କଂଗେସ ପକ୍ଷରୁ ଭାରତ -ଆମେରିକା ବାଣିଜ୍ୟ ଚୁକ୍ତି ରଦ୍ଦଦାବିରେ ସଂସଦ ଘେରାଉ କରାଯାଇଛି । ଏହି ଆନ୍ଦୋଳନରେ ଓଡିଶାର ପୂର୍ବତନ ରାଜ୍ୟ ଯୁବ କଂଗ୍ରେସର ସଭାପତି ତଥା ବର୍ତ୍ତମାନର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଡ଼. ସ୍ମୃତି ରଞ୍ଜନ ଲେଙ୍କା ଯୋଗ ଦେଇ ଓଡ଼ିଶାରେ ଚାଲିଥିବା ଆଉଟ୍‌ସୋର୍ସିଂ ବ୍ୟବସ୍ଥା ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି । ନଜି ବକ୍ତବ୍ୟରେ ସେ କହିଛନ୍ତିକି, ରାଜ୍ୟରେ ପୂର୍ବ ସରକାର ଭଳି ଏବେ ମଧ୍ୟ ଶୌଚାଳୟଠାରୁ ଆରମ୍ଭ କରି ସଚିବାଳୟ ପର୍ଯ୍ୟନ୍ତ ସମସ୍ତ ବିଭାଗ ଆଉଟ୍ ସୋର୍ସିଂ ବ୍ୟବସ୍ଥାରେ ଚାଲିଛି । ଆଉଟ୍ ସୋର୍ସିଂ ମାଧ୍ୟମରେ ନିଯୁକ୍ତି ଦେଇ ସରକାର ରାଜ୍ୟର ସବୁ ଯୁବକ ଯୁବତୀଙ୍କୁ ୟୁଜ୍ ଆଣ୍ଡ ଥ୍ରୋ ଭଳି ବ୍ୟବହାର କରୁଛନ୍ତି । ଝିଂଟିକା ମାରି ବଣି ପୋଷିବା ଭଳି ଆଉଟ୍ ସୋର୍ସିଂ ଏଜେନ୍ସିମାନଙ୍କ ସ୍ୱାର୍ଥ ପାଇଁ ଏହି କର୍ମଚାରୀମାନଙ୍କୁ ଅବହେଳା କରିଚାଲିଛନ୍ତି । ସମାନ ବିଭାଗରେ ସମାନ କାର୍ଯ୍ୟକରୁଥିଲେ ମଧ୍ୟ ସେମାନଙ୍କୁ ସମାନ ଦରମା ମିଳିପାରୁନାହିଁ । ତେଣୁ ସରକାର ଏହି କର୍ମଚାରୀମାନଙ୍କ ଚାକିରିକୁ ନିୟମିତ କରିବା ସହ ଆଉଟ୍‌ସୋର୍ସିଂ ମାଧ୍ୟମରେ ନିଯୁକ୍ତି ବ୍ୟବସ୍ଥାକୁ ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି ବ୍ୟବସ୍ଥା କରିବାକୁଡ. ଲେଙ୍କା ଦାବି କରିଛନ୍ତି ।

# ଭାରତ ପାଇଁ ହର୍ମୁଜ୍ ଖୋଲ : ଜୟଶଙ୍କର

ନୂଆଦିଲ୍ଲୀ: ପଶ୍ଚିମ ଏସୀୟ ସଙ୍କଟ ଯୋଗୁଁ ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ଭାରତ ପାଇଁ ଏକ ପ୍ରମୁଖ ସମସ୍ୟା ହୋଇ ରହିଛି। ଏପରି ପରିସ୍ଥିତିରେ,ଇରାନ ସହିତ ଭାରତ ସିଧାସଳଖ ଆଲୋଚନା କରିବାକୁ ସର୍ବୋତ୍ତମ ମନେ କରିଛି। ଏହି ପରିପ୍ରେକ୍ଷୀରେ, ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଇରାନ ସହିତ ସିଧାସଳଖ କଥା ହୋଇଛନ୍ତି, କାରଣ ହର୍ମୁଜ୍ ପ୍ରଣାଳୀର ସମାଧାନ ପାଇଁ ଏହାଠାରୁ ଭଲ ଉପାୟ ଆଉ ନାହିଁ।ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଏକ ସାକ୍ଷାତକାରରେ କହିଛନ୍ତି, ମୁଁ ବର୍ତ୍ତମାନ ସେମାନଙ୍କ ସହିତ ଆଲୋଚନାରେ ନିୟୋଜିତ ଅଛି, ଏବଂ ମୋର ଆଲୋଚନାରୁ କିଛି ଫଳାଫଳ ମିଳିଛି। ବୈଦେଶିକ ମନ୍ତ୍ରୀଙ୍କ ଏକ ସାକ୍ଷାତକାର ଗଣମାଧ୍ୟମରେ ପ୍ରକାଶିତ ହୋଇଛି। ଏଥିରେ ସେ କହିଛନ୍ତି ଯେ, ଆଲୋଚନା ପର୍ଯ୍ୟାୟ ଜାରି ରହିଛି। ଏହା ମୋ ପାଇଁ ଫଳାଫଳ ଦେଉଛି। ତେବେ ସ୍ୱାଭାବିକ ଭାବରେ ମୁଁ ଏହାକୁ ଦେଖିବି।ଜୟଶଙ୍କର ପୂର୍ବରୁ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚିଙ୍କ ସହ ଫୋନ୍ ମାଧ୍ୟମରେ ଚାରି ଥର କଥା ହୋଇଛନ୍ତି। ହର୍ମୁଜ୍ ପ୍ରଣାଳୀ ଦେଇ ପରିବହନ ବାଧାପ୍ରାପ୍ତ ହେବା ଦ୍ୱାରା ଭାରତ ସମେତ ଅନେକ ଦେଶରେ ଅଶୋଧିତ ତୈଳ ଏବଂ ଗ୍ୟାସ୍ ସଙ୍କଟ ସୃଷ୍ଟି ହୋଇଛି । ନୀରବ କୂଟନୀତି ସାମରିକ ଚାପ ଅପେକ୍ଷା ଅଧିକ ପ୍ରଭାବଶାଳୀ ହୋଇପାରେ।ଭାରତ ଦୃଷ୍ଟିକୋଣରୁ, ଏହା ନିଶ୍ଚିତ ଭାବରେ ଭଲ ଯେ, ଆମେ ନିଜ ନିଜ ମଧ୍ୟରେ ଯୁକ୍ତି କରିବା, ସମାଧାନ ଖୋଜିବାକୁ ଚେଷ୍ଟା କରିବା। ଯଦି ଅନ୍ୟ ଲୋକମାନେ ଏହିପରି ଭାବରେ ସଂଯୋଗ ହେବାର ସୁଯୋଗ ପାଆନ୍ତି, ତେବେ ମୁଁ ଭାବୁଛି ଏହା ବିଶ୍ୱ ପାଇଁ ମଧ୍ୟ ଭଲ।

# କିସ୍ତୱାଡ଼ରେ ଭୂସ୍ଖଳନ : ଜଣେ ମୃତ, ୨୩୫ ଜଣଙ୍କୁ ଉଦ୍ଧାର

ଜମ୍ମୁ : ଜମ୍ମୁ ଓ କାଶ୍ମୀରର କିସ୍ତୱାଡ଼ ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁ ଏକ ଜଳ ବିଦ୍ୟୁତ ପ୍ରକଳ୍ପ ନିକଟରେ ଭୂସ୍ଖଳନ ଘଟି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଜମ୍ମୁ ଓ କାଶ୍ମୀରରେ ବର୍ଷା ସହିତ ପ୍ରବଳ ତୁଷାରପାତ ଲାଗି ରହିଛି। ତୁଷାରପାତ ଭିତରେ ସିନ୍ଥନ ପାହାଡ଼ ଶୀର୍ଷରେ ଫସି ରହିଥିବା ମହିଳା ଓ ଶିଶୁଙ୍କ ସମେତ ୨୩୫ ଜଣଙ୍କୁ ଉଦ୍ଧାର କରାଯାଇଛି। ପ୍ରତିକୂଳ ପାଗ ଯୋଗୁଁ କିସ୍ତୱାଡ଼ ମ୍ୟୁନିସିପାଲଟି ଓ ନିକଟବର୍ତ୍ତୀ ଡୋଡା ଜିଲ୍ଲାରେ ସୋମବାର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି। କିସ୍ତୱାଡ଼ ଜିଲ୍ଲାର ଦାଙ୍ଗଡୁରୁଠାରେ ଥିବା ଜଳବିଦ୍ୟୁତ ପ୍ରକଳ୍ପ ନିକଟରେ ରବିବାର- ସୋମବାର ରାତିରେ ଭୂସ୍ଖଳନ ହୋଇଥିଲା।



ଦୁଇ ଜଣ ଶ୍ରମିକ ଭୂସ୍ଖଳନ ଯୋଗୁଁସେଠାରେଫସିଯାଇଥିଲେ। ଜଣେ ଶ୍ରମିକଙ୍କୁ ଆହତାବସ୍ଥାରେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଅନ୍ୟ ଜଣେ ଶ୍ରମିକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।ଅନ୍ୟ ଏକ ଘଟଣାରେ ଜମ୍ମୁ ଅଞ୍ଚଳର କିସ୍ତୱାଡ଼କୁ ଦକ୍ଷିଣ କାଶ୍ମୀରର ଅନନ୍ତନାଗ ଜିଲ୍ଲା ସହିତ ସଂଯୋଗ କରୁଥିବା ସିନ୍ଥନ ପାହାଡ଼ ଶୀର୍ଷରେ ପ୍ରବଳ ତୁଷାରପାତ ଯୋଗୁଁ ଅନେକ ଯାତ୍ରୀ ଫସି ରହିଥିଲେ। ୩୮ଟି ଗାଡ଼ିରେ ଯାଇଥିବା୨୩୫ ଜଣ ଯାତ୍ରୀଙ୍କୁ ପୁଲିସ, ସେନା ଏବଂ ନାଗରିକ ପ୍ରଶାସନର ମିଳିତ ଉଦ୍ଧାର ଅଭିଯାନରେ ସୁରକ୍ଷିତ ସ୍ଥାନକୁ ଉଦ୍ଧାର କରାଯାଇଛି।

# ସଂସଦର ପ୍ରବେଶ ଦ୍ୱାରରେ ଅଜଣା ଗାଡ଼ି : ସମସ୍ତେ ଆତଙ୍କିତ

ନୂଆଦିଲ୍ଲୀ: ସୋମବାର ଦିନ ସଂସଦ ପରିସରରେ ହଠାତ୍ ଏକ ଆଲାର୍ମ ସାଇରନ୍ ବାଜିବାରୁ କିଛି ସମୟ ପାଇଁ ଆତଙ୍କ ସୃଷ୍ଟି ହୋଇଥିଲା ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକୁ ସତର୍କ କରିଦିଆଯାଇଥିଲା। ପ୍ରବେଶ ଦ୍ୱାରରେ ଥିବା ସୁରକ୍ଷା ବ୍ୟବସ୍ଥା କାର୍ ପାସ୍ ପଢ଼ିପାରି ନଥିଲା। ଫଳରେ ପ୍ରବେଶ ଦ୍ୱାରରେ ଆଲାର୍ମ ସୃଷ୍ଟି ହୋଇଥିଲା। ତେବେ ସୁରକ୍ଷା କର୍ମୀମାନେ ତୁରନ୍ତ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ସଂସଦ ଭବନର ପ୍ରବେଶ ପଥରେ ଏହି ଘଟଣା ଘଟିଥିଲା ଯେତେବେଳେ ଏକ ଗାଡ଼ି କମ୍ପ୍ଲେକ୍ସ ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲା। ସୁରକ୍ଷା ବ୍ୟବସ୍ଥା ଗାଡ଼ିର ପାସ୍ ପଢ଼ିପାରିଲା ନାହିଁ, ଯାହା ଫଳରେ ଏକ ସାଇରନ୍ ବାଜିଲା। ଆଲାର୍ମ ଶୁଣିବା ପରେ, ସୁରକ୍ଷା କର୍ମୀମାନେ ତୁରନ୍ତ କାର୍ଯ୍ୟରେ ଲାଗିପଡ଼ିଲେ ଏବଂ ଗାଡ଼ିକୁ ଆଗକୁ ବଢ଼ିବାରୁ ରୋକିବା ପାଇଁ ନିଜ ନିଜ ପୋଜିସନ ନେଇଥିଲେ। ସୂତ୍ର ଅନୁଯାୟୀ,



ସଂସଦ ପରିସରରେ କୌଣସି ଅନଧିକୃତ ପ୍ରବେଶକୁ ରୋକିବା ପାଇଁ ସୁରକ୍ଷା ଏଜେନ୍ସିଗୁଡ଼ିକ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଗାଡ଼ିଟିକୁ ଅଟକାଇଥିଲେ। ସିଆଇଏସ୍ଏଫ୍ କର୍ମଚାରୀମାନେ ତୁରନ୍ତ ଦାୟିତ୍ୱ ନିର୍ବାହ କରିଥିଲେ। ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରି ପରିସ୍ଥିତି ଉପରେ ନଜର ରଖିଥିଲେ। ଏହା ପରେ ସୁରକ୍ଷା କର୍ମୀମାନେ ଗାଡ଼ି ଏବଂ ଏହାର ସାମଗ୍ରୀର ସମ୍ପୂର୍ଣ୍ଣ ତଲାସୀ ଆରମ୍ଭ କରିଥିଲେ।

ପାର୍ଲାମେଣ୍ଟ ସିକ୍ୟୁରିଟି ସର୍ଭିସ୍ (ପିଏସ୍ଏସ୍) ଭାରତୀୟ ପାର୍ଲାମେଣ୍ଟର ସୁରକ୍ଷା ପାଇଁ ନିୟୋଜିତ ହୋଇଛି। ପାର୍ଲାମେଣ୍ଟ କମ୍ପ୍ଲେକ୍ସକୁ ସିଆର୍ପିଏଫ୍, ଦିଲ୍ଲୀ ପୁଲିସ ଏବଂ ପାର୍ଲାମେଣ୍ଟର ନିଜସ୍ୱ ସୁରକ୍ଷା ଦଳକୁ ନେଇ ଗଠିତ ଏକ ତ୍ରିସ୍ତରୀୟ ସୁରକ୍ଷା ବାହିନୀ ଦ୍ୱାରା ସୁରକ୍ଷା ଦିଆଯାଇଥାଏ । ମିଳିତ ଭାବରେ, ଏହି ଏଜେନ୍ସିଗୁଡ଼ିକ ସଂସଦ ଭବନର ସୁରକ୍ଷା ସୁନିଶ୍ଚିତ କରିଥାନ୍ତି। ସଂସଦର ସୁରକ୍ଷା ଯୁଗ୍ମ ସଚିବ (ସୁରକ୍ଷା)ଙ୍କ ଦ୍ୱାରା ତଦାରଖ କରାଯାଇଥାଏ। ସେ ସମଗ୍ର ସଂସଦ ପରିସରରେ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥାନ୍ତି। ଏହା ବ୍ୟତୀତ, ଲୋକସଭା ଏବଂ ରାଜ୍ୟସଭା ପାଇଁ ପୃଥକ ନିର୍ଦ୍ଦେଶକ (ସୁରକ୍ଷା) ଅଛନ୍ତି। ସେମାନେ ସେମାନଙ୍କ ନିଜ ନିଜ ଗୃହର ସୁରକ୍ଷା ବ୍ୟବସ୍ଥାର ତଦାରଖ କରନ୍ତି। ଏହି ଉଭୟ ପଦବୀ ଲୋକସଭା ସଚିବାଳୟ ଏବଂ ରାଜ୍ୟସଭା ସଚିବାଳୟ ଅଧୀନରେ କାର୍ଯ୍ୟ କରିଥାଏ।ସଂସଦ ପରିସରରେ ମୋଟ ୧୨ଟି ପ୍ରବେଶ ପଥ ଅଛି । ଏହି ଫାଟକଗୁଡ଼ିକ ମଧ୍ୟରୁ କିଛି ଫାଟକ ନିୟମିତ ଯାତାୟାତ ପାଇଁ ଅନୁମତି ଦେଇଥାଏ, ଯେତେବେଳେ ଅନ୍ୟଗୁଡ଼ିକ ସାଧାରଣତଃ ବନ୍ଦ ରହିଥାଏ। ପ୍ରବେଶ ଏବଂ ପ୍ରସ୍ଥାନ ପାଇଁ ଥିବା ଦ୍ୱାରଗୁଡ଼ିକରେ ସାଧାରଣତଃ ସିଆର୍ପିଏଫ୍ ଏବଂ ଦିଲ୍ଲୀ ପୁଲିସ ମିଳିତ ଭାବରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଥାନ୍ତି। ପ୍ରବେଶ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଭଲ ଭାବରେ ଯାଞ୍ଚ କରାଯାଇଥାଏ। ସାଂସଦ, ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀଙ୍କ ଗାଡ଼ିଗୁଡ଼ିକରେ ସ୍ୱତନ୍ତ୍ର ଷ୍ଟିକର ଲଗାଯାଇଥାଏ ଯାହାକୁ କ୍ୟାମେରା ଦ୍ୱାରା ସ୍କାନ କରାଯାଇଥାଏ। ଯାହା ପରେ ପ୍ରବେଶ କରିବାକୁ ଅନୁମତି ମିଳିଥାଏ।

## ୫ମ ଏଲଏଲସିସି କପ

# ପ୍ରଥମ ମ୍ୟାଚ୍ ଜିତିଲା ଏମସିଏ

ଭୁବନେଶ୍ୱର : ଭୁବନେଶ୍ୱରର ସ୍ଥାନୀୟ ଆଇଆରସିରେ ଆରମ୍ଭ ହୋଇଛି ୧୪ ବର୍ଷରୁ କମ ୫ମ ଏଲଏଲସିସି କପ। ଡ୍ୟୁଜ ବଲରେ ଖେଳା ଯାଉଥିବା ଏହି କ୍ଲବସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ




କରିଛନ୍ତି ୨୫ ନମ୍ବର ୱାର୍ଡର କର୍ପୋରେଟର ମାନସୀରାଣୀ ସୁନ୍ଦରାୟ, ଭୁବନେଶ୍ୱର ଆଥଲେଟିକ ଆସୋସିଏସନର ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଜା ଓ ଓଡ଼ିଶା ରଣଜୀ ଟିମର ପୂର୍ବତନ ଅଧିନାୟକ ତଥା ବର୍ତ୍ତମାନ ଉତ୍ତରାଖଣ୍ଡର କୋଚ ଭାବେ କାର୍ଯ୍ୟ କରୁଥିବା ରଶ୍ମି ରଞ୍ଜନ ପରିଡ଼ା। ଉଦଘାଟନୀ ମ୍ୟାଚରେ ବାଜି ମାରି ନେଇଛି କଟକର ମନୋଜ କ୍ରିକେଟ ଏକାଡେମୀ(ଏମସିଏ)। ଦଳ ଆୟୋଜକ ଏଲଏଲସିସିର 'ବି' ଟିମକୁ ବୃହତ୍ତ ୨୦୩ ରନରେ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ଏମସିଏ କୌଶିକ କୁମାରଙ୍କ ଅପରାଜିତ ୧୧୩, ସାଇ ପ୍ରଜ୍ୟୋତି ଶତପଥୀଙ୍କ ୮୪ ଓ ବିନାୟକ ମିଶ୍ରଙ୍କ ଅପରାଜିତ ୪୩ ରନ ଯୋଗୁ ନିର୍ଦ୍ଧାରିତ ୩୫ ଓଭରରେ ୩ ୱିକେଟ ହରାଇ ବିଶାଳ ୩୧୨ ରନ କରିଥିଲା। ଏଲଏଲସିସି ବି' ପକ୍ଷରୁ ଧୀରେନ ଜେନା, ଅଧିନାୟକ ରଣବୀର ମହାନ୍ତି ଓ ଲାଡୋ ଗୋଟିଏ ଲେଖାଏ ୱିକେଟ ନେଇଥିଲା।

୩୧୩ ରନର ପିଛା କରୁଥିବା ଏଲଏଲସିସି 'ବି' ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୬.୫ ଓଭରରେ ସମସ୍ତ ୱିକେଟ ହରାଇ କେବଳ ୧୦୯ ରନ କରିପାରିଥିଲା। ଦଳ ପକ୍ଷରୁ ଦିବ୍ୟାଂଶୁ ଶେଖର ସର୍ବାଧିକ ୩୨ ରନ କରିଥିଲେ। ଏମସିଏର ସାଇ ପ୍ରଜ୍ୟୋତି ଓ ସାହାଂଶୁ ମହାନ୍ତି ୩ଟି ଲେଖାଏ ୱିକେଟ ନେଇଥିବା ବେଳେ ଶିବାସ ସିଂହ ୨ଟି ଓ ସାଇ ସଂଗ୍ରାମ ଦାସ ଏବଂ ବିନାୟକ ମିଶ୍ର ଗୋଟିଏ ଲେଖାଏ ସଫଳତା ପାଇଥିଲେ। ବ୍ୟାଟିଂରେ ୮୪ ରନ ଓ ବୋଲିଂରେ ୩ ୱିକେଟ ନେଇଥିବା ସାଇ ପ୍ରଜ୍ୟୋତିଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ମିଳିଛି। ରବିବାର ଠାରୁ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଥିବା ବେଳେ ଏହା ମାର୍ଚ୍ଚ ୨୯ ଯାଏ ଚାଲିବ। ଭୁବନେଶ୍ୱର ଓ କଟକର ବଛା ବଛା ୧୬ଟି ଟିମ ଏହି ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ଟୁର୍ଣ୍ଣାମେଣ୍ଟର ସବୁ ମ୍ୟାଚ୍ ଦିନ ବେଳା ଖେଳା ଯିବାକୁ ଥିବା ବେଳେ ଫାଇନାଲ ମ୍ୟାଚ୍ଟି ଦିବାରାତ୍ର ହେବ। ସେହିପରି ସିନିୟର ବାଳିକା ବିଭାଗର ମଧ୍ୟ ୪ଟି ମ୍ୟାଚ୍ ଅନୁଷ୍ଠିତ ହେବ।

# ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ : ମିରିଗିଖୋଜି ଦଳ ଚାମ୍ପିଅନ

ଢେଙ୍କିକୋଟ : ସ୍ୱାମପାଟଣା ବ୍ଲକ ଅନ୍ତର୍ଗତ ମଲ୍ଲିପଶି ଠାରେ ଗତକାଲି ୨୫ତମ ଦିବାରାତ୍ର ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବାବା ମଲ୍ଲିକେସର ଭଲିବଲ ସଂଘର ଉପଦେଷ୍ଟା ତଥା ମୁଖ୍ୟ



ପାର୍ଥସାରଥି ବେଜଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ନିମନ୍ତ୍ରିତ ହୋଇ ମୁଖ୍ୟଅତିଥି ଭାବେ ପାଟଣା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରତିନିଧି କମଳାକାନ୍ତ ଦାସ, ମୁଖ୍ୟବକ୍ତା ଭାବେ ସ୍ଥାନୀୟ ମୂଷାଖୋରି ପଞ୍ଚାୟତ ସରପଞ୍ଚ ଭାମାମଣି ଦାସ, ସମ୍ମାନିତ ଅତିଥିଭାବେ ଚୀନାମାଳିପଶି ପଞ୍ଚାୟତ ସମିତିସଭ୍ୟ ବିଶନାଥ ନାଏକ , ପୂର୍ବତନ ଜିଲ୍ଲା ପରିଷଦ ସୁରେଶ ନାୟକ, ସମାଜସେବୀ ହିମାଂଶୁ ବିଶ୍ୱାସ, ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଖେଳରେ ରାଇରଙ୍ଗପୁର, ତେଲକୋଇ, ପିପିଳିଆ, ଯଶିପୁର, ଚିତ୍ରି,ଓ ମିରିଗିମୁଣ୍ଡି ଅଂଶଗ୍ରହଣ କରିଥିଲେ । ଶେଷରେ ମିରିଗମୁଣ୍ଡି ଚାମ୍ପିୟନ ହୋଇ ନଗଦ ଅର୍ଥରାଶି ୭୦୦୦ ସହିତ ସିଲକପ ଓ ରନର୍ସଅପ ଚିତ୍ରି ଦଳକୁ ଅର୍ଥରାଶି ୫୦୦୦ ସହିତ କପ ପ୍ରଦାନ କରାଯାଇଥିଲା। ଖେଳରେ ଭାଷାକାର ଥିଲେ କୁନାଲ କୁମାର ପଣ୍ଡା ଓ ଅଜୟ ବେଜ । ଖେଳ ପରିଚାଳନାରେ ଥିଲେ ଧର୍ମେନ୍ଦ୍ର କୁମାର ସାହୁ । ସ୍କୋରର ଦାଇରେ ଥିଲେ ଅରୂପ ବେଜ ଓ ଲଳିତ ମହାନ୍ତ । ଭଲିବଲ ସଂଘର ସତ୍ୟଜିତ ବାରିକ, ସୌମ୍ୟ ରଂଜନ ପଣ୍ଡା ସୁଦର୍ଶନ ରଣା, ଉମେଶ ରଣା, ବାବୁଲି ବେଜ, ଶ୍ୟାମସୁନ୍ଦର ମହାନ୍ତ,ସୁଜି ବେହେରା ଓ ଅନ୍ୟମାନେ ସହଯୋଗ କରିଥିଲେ । ଏହି ଖେଳକୁ ଶହ ଶହ ଦର୍ଶକ ଉପଭୋଗ କରିଥିଲେ ।

## ବିସିସିଆଇ ନମନ ପୁରସ୍କାର ୨୦୨୬

# ଶୁବମନ, ସ୍ମୃତି ବର୍ଷର ଶ୍ରେଷ୍ଠ ଅନ୍ତର୍ଜାତୀୟ କ୍ରିକେଟର୍

ନୂଆଦିଲ୍ଲୀ : ଶୁବମନ ଗିଲ୍ ଓ ସ୍ମୃତି ମନ୍ଧାନାଙ୍କୁ ୨୦୨୪-୨୫ ପାଇଁ ବର୍ଷର ଶ୍ରେଷ୍ଠ କ୍ରିକେଟ୍ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ରବିବାର ଏଠାରେ ଅନୁଷ୍ଠିତ ବିସିସିଆଇ ନମନ ପୁରସ୍କାର ସମାରୋହରେ ଉଭୟଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି କ୍ରିକେଟ୍ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ 'ଦି ୱାଲ୍' ରାହୁଲ ଦ୍ରାବିଡ଼ ଓ ୧୯୮୩ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ ରୋଜର୍ ବିନି ଓ ଭାରତୀୟ ମହିଳା ଦଳର ପୂର୍ବତନ ଅଧିନାୟିକା ମିତାଲି






ରାଜଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଛି। ଶୁବମନଙ୍କୁ ଦ୍ୱିତୀୟ ଥର ପାଇଁ ପଲି ଉମ୍ରିଗର ବର୍ଷର ଶ୍ରେଷ୍ଠ ପୁରୁଷ ଅନ୍ତର୍ଜାତୀୟ କ୍ରିକେଟର୍ ପୁରସ୍କାର ପ୍ରଦାନ କରାଯାଇ ଥିବାବେଳେ ସ୍ମୃତି ରେକର୍ଡ ୫ମ ଥର ପାଇଁ ବର୍ଷର ଶ୍ରେଷ୍ଠ ଅନ୍ତର୍ଜାତୀୟ ମହିଳା କ୍ରିକେଟର୍ ପୁରସ୍କାର ପ୍ରଦାନ କରାଯାଇଛି। ପୂର୍ବରୁ ୨୦୨୩ରେ ଶୁବମନ ଏହି ପୁରସ୍କାର ଜିତିଥିବାବେଳେ ସ୍ମୃତି ୨୦୧୮, ୨୦୨୦-୨୧, ୨୦୨୧-୨୨ ଓ ୨୦୨୩-୨୪ ପାଇଁ ଏହି ପୁରସ୍କାର ପାଇଥିଲେ। ଏହି ସମାରୋହରେ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ୨୦୨୬, ୧୯ ବର୍ଷରୁ କମ ପୁରୁଷ ବିଶ୍ୱକପ୍ ୨୦୨୬, ମହିଳା ବିଶ୍ୱକପ୍ ୨୦୨୫, ଚାମ୍ପିଅନ୍ସ ଟ୍ରଫି ଜିତିଥିବା ଭାରତୀୟ ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଚିନ୍ନାସ୍ୱାମୀରେ ହେବ ଆଇପିଏଲ୍ ମ୍ୟାଚ

ବେଙ୍ଗାଲୁରୁ : କର୍ଣ୍ଣାଟକ ସରକାର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆଗାମୀ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚ୍ ଆୟୋଜନ କରିବାକୁ ଅନୁମୋଦନ କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଜି. ପରମେଶ୍ୱରଙ୍କ ଅଧ୍ୟକ୍ଷତାରେ ବିଧାନ ସୌଧରେ ଅନୁଷ୍ଠିତ ଏକ ବୈଠକରେ ଏକ ବିଶେଷଜ୍ଞ କମିଟି ସୁରକ୍ଷା ଏବଂ ପ୍ରସ୍ତୁତି ପଦକ୍ଷେପ ଉପରେ ଏକ ବିସ୍ତୃତ ରିପୋର୍ଟ ଉପସ୍ଥାପନ କରିଛି। ଏହି ସ୍ଥାନରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ଘରୋଇ ଫିକ୍ସଚର ଆୟୋଜନ କରାଯିବ, ଫ୍ରାଞ୍ଚାଇଜ୍ ସେମାନଙ୍କ ଘରୋଇ ଗ୍ରାଉଣ୍ଡରେ ପାଞ୍ଚଟି ଲିଗ୍ ମ୍ୟାଚ୍ ଖେଳିବ।

# କୃଷ୍ଣ ମେମୋରିଆଲ କ୍ରିକେଟ : କଂସମୁଣ୍ଡା ଚାମ୍ପିଅନ

କଣିହାଁ, (ସବ୍ୟୁ) : କଣିହାଁ ବ୍ଲକ ଟୋଲକବେଡା ଗ୍ରାମରେ ଚାଲିଥିବା କୃଷ୍ଣ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦଯାପିତ ହୋଇଛି । ଉଦଯାପନୀ ମ୍ୟାଚ କଂସମୁଣ୍ଡା କରି ପୁରସ୍କୃତ କରିଥିଲେ । ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ । ଖେଳ ପରିଚାଳନା ବିଜୟାନନ୍ଦ ସାହୁ, ନରୋତ୍ତମ ନାଏକ, ସତ୍ୟମ ପ୍ରଧାନ ଓ ଅନୀଲ ନାଏକ ସହଯୋଗ କରିଥିଲେ ।




ଟିମ ଓ ହଟିଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ କଂସମୁଣ୍ଡା ଟିମ ଚମ୍ପିଆନ ହୋଇଥିଲା । ଉଦଯାପନି ଦିବସରେ ଅତିଥିଭାବେ ପୂର୍ବତନ ସମିତିସଭ୍ୟ ଦେବେନ୍ଦ୍ର ବାରିକ, ଇଗଲଷ୍ଟାର କ୍ଲବ ସଭାପତି ତପନ ନାଏକ, ସାମାଜିକକର୍ମୀ ଗୋପବନ୍ଧୁ ସାହୁ, ଉପେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଚମ୍ପିଆନ ଓ ରନର୍ସଅପ ଟିମକୁ ଟ୍ରଫି ପ୍ରଦାନ ଟୁର୍ଣ୍ଣାମେଣ୍ଟରେ ସତ୍ୟରାମ ପ୍ରଧାନ, କାହ୍ନା ସାହୁ, ସୁଶିଲି ନାଏକ, ଶୁଭ୍ରାଂଶୁ କବି, ବଳରାମ ସେଠୀ, ବିଶ୍ୱଜିତ ସାହୁ, ଜ୍ୟୋତିରଞ୍ଜନ, ମାଧବ ନାଏକ, ଡାନିଏଲ, ବିଶ୍ୱଜିତ, ଜିଜ୍ଞାସୁ, ଆମସ, ସଚ୍ଚିନ, ବିଭୂତୀ, ଯାଦବ, ସୁରଜ, ଚିକୁ, ଯାଦବ, ଚକ୍ରଧର, ସୁନନ୍ଦ, ବସନ୍ତ, ଆର୍ଶିବାଦ, ସଂଗ୍ରାମ, ଲିଟୁ, ରାଜ୍ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ଖୃମଜୀ କପ୍ : ସେମିରେ ପ୍ରଗତି

ଭୁବନେଶ୍ୱର: ମୁକ୍ତେଶ୍ୱର କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ବିଜେବି କଲେଜ ପଡ଼ିଆରେ ଦୁଇ ପୂର୍ବତନ କ୍ରିକେଟର୍ ପ୍ରଶାନ୍ତ ମହାପାତ୍ର ଓ ଶୁଭାଶିଷ ଭୂୟାଁ ସ୍ମୃତିରେ ଆୟୋଜିତ 'ଖୃମ୍‌ଜୀ କପ୍' କ୍ରିକେଟ୍ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରଗତି ସ୍ପୋର୍ଟିଂ ପ୍ରବେଶ କରିଛି। ସୋମବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଏହି ଭୁବନେଶ୍ୱର ଦଳ ୩ ୱିକେଟରେ ପୁରୀର ପାଓନିୟରକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ଦଳ ୩୮.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୧୯୪ ରନ୍ କରିଥିଲା। ପାଓନିୟର କୁମାର ଅଶ୍ୱିନ ୭୨ ରନ୍ କରିଥିଲା ବେଳେ ପ୍ରଗତିର ମିଳନ ସାମଲ ୮-୨-୨୩-୫ ବୋଲିଂ ସଫଳତା ପାଇଥିଲେ। ଜବାବରେ ପ୍ରଗତି ୩୮.୨ ଓଭରରେ ୭ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। କୁଲଦୀପ ଯାଦବ ୯୧ ବଲରୁ ୭୯ ରନର ଅପରାଜିତ ପାଳି ଦଳକୁ ବିଜୟ ଭେଟି ଦେଇଥିଲେ। ଶାନ୍ତନୁ ମିଶ୍ର ୪୭ ରନ୍ କରିଥିଲା ବେଳେ ପୁରୀର ଅବଦୁଲ ଏମ୍ ଖାନ ୩ ଓ ଲାଲୁ ମହାନ୍ତି ୨ ୱିକେଟ୍ ନେଇଥିଲେ। ମିଳନ ସାମଲଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାକୁ ମୁକ୍ତେଶ୍ୱର କ୍ଲବ୍ ସଦସ୍ୟ ଆଶିଷ ପ୍ରତିହାରୀ ପ୍ରଦାନ କରିଥିଲେ। ମଙ୍ଗଳବାର ତୃତୀୟ କ୍ୱାର୍ଟରଫାଇନାଲରେ ଦୁଇ ଭୁବନେଶ୍ୱର ଦଳ ସହିଦ ସ୍ପୋର୍ଟିଂ ଓ ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ୍ ମୁହାଁମୁହିଁ ହେବେ।

## ଅଲ ଇଣ୍ଡିଆ ଇଣ୍ଟର ୟୁନିଭରସିଟି ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ଚାମ୍ପିଅନସିପ

# ଜେଏମର ରୀତିକାଙ୍କ ସଫଳତା



ଭୁବନେଶ୍ୱର, ୧୬।୩(ସବ୍ୟୁ) : ଚଳିତ ମାସ ତା ୧୪ ରୁ ୧୬ ରିଖ ରେ ଚଣ୍ଡିଗଡ, ପଞ୍ଜାବ ୟୁନିଭରସିଟି ରେ ଅନୁଷ୍ଠିତ ହୋଇଥିବା ଅଲ ଇଣ୍ଡିଆ ଇଣ୍ଟର ୟୁନିଭରସିଟି ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ପ୍ରତିଯୋଗୀତାରେ ଜେଏମ ରୀତିକା ଦାସ ପଞ୍ଜାବ ୟୁନିଭରସିଟି ତରଫରୁ ଅଂଶ ଗ୍ରହଣ କରି ବ୍ୟକ୍ତିଗତ ଭାବେ ବାଲାସିଂଗ ବିମ ରେ ୧୦.୨୦୦ ପଏଣ୍ଟ ରଖି ରୋପ୍ୟ ପଦକ ହାସଲ କରିଥିବା ବେଳେ ୧୯୬. ୬୦୦ ପଏଣ୍ଟ ରେ ଦଳଗତ ଭାବେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରୀତିକା ମାତ୍ର ୬ ବର୍ଷ ବୟସରୁ ଜେଏମ ସ୍ପୋର୍ଟସ ଏକାଡେମୀ ରେ ଜିମ୍ନାଷ୍ଟିକ ପ୍ରଶିକ୍ଷଣ ଆରମ୍ଭ କରି ଏବେ କଳିଙ୍ଗ ଷ୍ଟାଡିୟମ ହାଇ ପରଫରମାନ୍ସ ସେଣ୍ଟର ଅଭ୍ୟାସରତ ଅଛନ୍ତି। ତାଙ୍କର ଏହି ସଫଳତା ପାଇଁ ଓଡ଼ିଶା ଜିମ୍ନାଷ୍ଟିକ ଆସୋସିଏସନର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ, ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏସନର ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ନରେନ୍ଦ୍ର କୁମାର ସେଠୀ, ସହ ସମ୍ପାଦକ ଗୁରୁପ୍ରସାଦ ପଟ୍ଟନାୟକ, ଉପସଭାପତି ତଥା ଜେଏମ ସ୍ପୋର୍ଟସ ଏକାଡେମୀର ଅଧ୍ୟକ୍ଷା ମୀରାରାଣି ଦାସ, ଏକ୍ଜିକେଟିଭ ମେମ୍ବର ତଥା ଜେଏମ ସ୍ପୋର୍ଟସ ଏକାଡେମୀର ସମ୍ପାଦକ ଯଶୋବନ୍ତ ଦାସ, ଚିଫ ପାର୍ଟନ ଅତିଶ କୁମାର ରାଉତ, ଆଇନ ପରାମର୍ଶଦାତା ସୁବ୍ରତ କୁମାର ମହାପାତ୍ର ଓ ଏକାଡେମୀ ର ସମସ୍ତ କର୍ମକର୍ତ୍ତା ଏବଂ ଅଭିଭାବକବୃନ୍ଦ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ଓ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଜାନିକ୍ ସିନର୍ ଜିତିଲେ ଇଣ୍ଡିଆନ୍ ୱେଲସ୍ ଓପନ୍

ଇଣ୍ଡିଆନ୍ ୱେଲସ୍ : ଇଟାଲୀର ଜାନିକ୍ ସିନର୍ ପ୍ରଥମ ଥର ପାଇଁ ପୁରୁଷ ଏକକ ବର୍ଗରେ ଇଣ୍ଡିଆନ୍ ୱେଲସ୍ ଓପନ୍ ବିଜୟୀ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ସେ ଡାନିଲ୍ ମେଡଭେଡେଭଙ୍କୁ ୭-୬(୬), ୭-୬(୪)ରେ ପରାସ୍ତ କରି ଟାଇଟେଲ୍ ହାତେଇଛନ୍ତି। ଏହି ବିଜୟ ସହ ୬ଟି ଏଟିପି ମାଷ୍ଟର୍ସ ୧୦୦୦ ହାର୍ଡ କୋର୍ଟ ଟାଇଟେଲ୍ ଜିତିବାରେ ତୃତୀୟ ଖେଳାଳି ହୋଇଛନ୍ତି। ପୂର୍ବରୁ ନୋଭାକ୍ ଜୋକୋଭିକ୍ ଓ ରୋଜର ଫେଡେରର୍ ଏହି ସଫଳତା ହାସଲ କରିଥିଲେ। ସେହିପରି ମହିଳା ଏକକ ବର୍ଗରେ ଆରିନା ସାବାଲେଙ୍କା ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତା ବିଜୟୀ ହୋଇଛନ୍ତି। ରବିବାରର ଫାଇନାଲ୍ରେ ସେ ଏଲେନା ରିବାକିନାଙ୍କୁ ୩-୬,୬-୩,୭-୬(୬)ରେ ପରାସ୍ତ କରିଥିଲେ। ସାବାଲେଙ୍କା ପ୍ରଥମ ସେଟରେ ରିବାକିନାଙ୍କଠାରୁ ୩-୬ରେ ପରାସ୍ତ ହେବା ପରେ ଦ୍ୱିତୀୟ ସେଟରେ ଜୋରଦାର୍ ପ୍ରତ୍ୟାବର୍ତ୍ତନ କରିବା ସହ ୬-୩ରେ ବିଜୟୀ ହୋଇଥିଲେ। ଏହାପରେ ତୃତୀୟ ତଥା ନିର୍ଣ୍ଣାୟକ ସେଟ୍ରେ ଉଭୟଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା, ତେବେ ସାବାଲେଙ୍କା ଟାଇବ୍ରେକର୍ ମାଧ୍ୟମରେ ଏହି ସେଟ୍‌କୁ ଜିତିବା ସହ ଟାଇଟେଲ୍ ବିଜୟୀ ହୋଇଥିଲେ।

# ଦିନିକିଆ କ୍ରିକେଟରୁ ଅବସର ନେବେ କି ସୂର୍ଯ୍ୟକୁମାର

ନୂଆଦିଲ୍ଲୀ: ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତ ଟି୨୦ ବିଶ୍ୱକପ ୨୦୨୬ର ଟାଇଟଲ ହାସଲ କରିଛି । ସୂର୍ଯ୍ୟକୁମାର ଜଣେ ପ୍ରତିଭାବାନ ଖେଳାଳି ହେଲେ ମଧ୍ୟ ଦିନିକିଆ ଓ ଟେଷ୍ଟରେ ତାଙ୍କ ପ୍ରଭାବ ଦେଖାଇ ପାରି ନାହାନ୍ତି । ଏବେ ଏକ ସାକ୍ଷାତକାରରେ ସୂର୍ଯ୍ୟକୁମାର ଦିନିକିଆ କ୍ରିକେଟ ମୋ ପସନ୍ଦର ନୁହେଁ । ଏଥିରେ ମୁଁ ଫିଟ ହେଉନି ବୋଲି କହିଛନ୍ତି । ଯାହାକି ପରୋକ୍ଷରେ ସେ ଦିନିକିଆ କ୍ରିକେଟକୁ ବାଇ ବାଇ କରିବା ସୂଚନା ପ୍ରଦାନ କରୁଛି । ଦିନିକିଆ କ୍ରିକେଟରେ ଜଣେ ଖେଳାଳିଙ୍କୁ ୩ ପ୍ରକାରରେ ଖେଳିବାକୁ ପଡିଥାଏ । ବେଳେ ବେଳେ ଦ୍ରୁତ ହାରରେ ରନ ସଂଗ୍ରହ କରିବାକୁ ପଡିଥାଏ ତ ଆଉ କେତେ ବେଳେ ଟେଷ୍ଟ କ୍ରିକେଟ ପରି ଖେଳିବାକୁ ପଡିଥାଏ । ତୃତୀୟ କଥା ହେଲା ତୁମ ବ୍ୟାଟିଂ ଲାଇନଅପରେ ମଧ୍ୟ ସ୍ଥିରତା ନ ଥାଏ । ଅପରପକ୍ଷରେ ଟି୨୦ରେ ଗୋଟିଏ ଫର୍ମୁଲାରେ ପ୍ରାୟତଃ ଖେଳିବାକୁ ପଡିଥାଏ । ସୂର୍ଯ୍ୟକୁମାର ୩୭ ଦିନିକିଆ ମ୍ୟାଚରେ ୨୫.୭୬ ଆଭରେଜରେ ୭୭୩ ରନ କରିଛନ୍ତି । ସେ ୪ଟି ଅର୍ଦ୍ଧଶତକ ମଧ୍ୟ ମାରିଛନ୍ତି । ଲିଷ୍ଟ ଏରେ ମଧ୍ୟ ସେ ୩୨ ଆଭରେଜରେ ୩୭୦୪ ରନ କରିଛନ୍ତି । ଅପରପକ୍ଷରେ ଟି୨୦ରେ ସେ ପ୍ରଭାବୀ ପ୍ରଦର୍ଶନ କରିଥାନ୍ତି । ୧୧୩ ଟି୨୦ରେ ସେ ୩୬ରୁ ଅଧିକ ଆଭରେଜରେ ୩୨୭୨ ରନ କରିଛନ୍ତି । ଏଥିରେ ୪ ଶତକ ମାରିଛନ୍ତି । ଅବଶ୍ୟ ସୂର୍ଯ୍ୟକୁମାରଙ୍କ ବ୍ୟାଟ ପୂର୍ବ ଭଳି ଗର୍ଜନ କରୁ ନାହିଁ । ଆଇପିଏଲରେ ସେ ତାଙ୍କ ଲୟକୁ ଫେରିବେ ବୋଲି ପ୍ରଶଂସକମାନେ ଆଶା ବାନ୍ଧି ବସିଛନ୍ତି ।




# ପାକ୍ ଖେଳାଳିଙ୍କୁ କିଣିବା ଲଜ୍ଜାଜନକ : ଗାଭାସ୍କର

ମୁମ୍ବାଇ : ଭାରତୀୟ କମ୍ପାନି ସନ୍ ଗ୍ରୁପ୍ ମାଲିକାନାରେ ଥିବା ସନରାଇଜର୍ସ ଲିଡ୍ସ ପକ୍ଷରୁ ପାକିସ୍ତାନୀ ଖେଳାଳୀ ଅବ୍ରାର୍ ଅହମଦଙ୍କୁ କିଣିବାକୁ ନେଇ ଚାଲିଥିବା ବିବାଦ ଟିକିଏ କମିଆସିଥିବାବେଳେ ନିଆଁରେ ପୁଣି ଘିଅ ଢାଳିଛନ୍ତି କିମ୍ବଦନ୍ତି ବ୍ୟାଟର୍ ତଥା ପୂର୍ବତନ ଅଧିନାୟକ ସୁନୀଲ ଗାଭାସ୍କର। କଡ଼ା ପ୍ରତିକ୍ରିୟା ରଖି ସେ କହିଛନ୍ତି ଯେ ପାକିସ୍ତାନୀ ଖେଳାଳିଙ୍କୁ ଅର୍ଥ ପ୍ରଦାନ କରିବା ପରୋକ୍ଷରେ ଭାରତୀୟଙ୍କ ମୃତ୍ୟୁରେ ସହାୟକ ହୋଇଥାଏ। ଏକ ସମ୍ବାଦପତ୍ର ସମ୍ଭରେ ସେ ଲେଖିଛନ୍ତି ଯେ, ଦି ହଣ୍ଡ୍ରେଡର ଏକ ଫ୍ରାଞ୍ଚାଇଜି ଦ୍ୱାରା ଜଣେ ପାକିସ୍ତାନୀ ଖେଳାଳିଙ୍କୁ କିଣିବା ନେଇଚାଲିଥିବା ବିବାଦ ଅସ୍ୱାଭାବିକ ନୁହେଁ। ୨୦୦୮ ମୁମ୍ବାଇ ଆକ୍ରମଣ ପରେ ଆଇପିଏଲ୍ ଫ୍ରାଞ୍ଚାଇଜିମାନେ ପାକିସ୍ତାନୀ ଖେଳାଳିମାନଙ୍କୁ କିଣୁନାହାନ୍ତି।


ସୂଚନା

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ସମ୍ବାଦପତ୍ର ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାର ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ / ଇମେଲ୍ classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ।


## ଫକୀରମୋହନ ବିଶ୍ୱବିଦ୍ୟାଳୟ ଜାତୀୟ ମଞ୍ଚରେ ପରିଣତ

# ୧୭୯ଟି ବିଶ୍ୱବିଦ୍ୟାଳୟରୁ ୧ ହଜାରରୁ ଅଧିକ ଖେଳାଳୀଙ୍କ ସମାଗମ

ବାଲେଶ୍ୱର,୧୬/୦୩(ସବ୍ୟୁ) : ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏ.ଆଇ.ୟୁ), ନୂଆଦିଲ୍ଲୀଙ୍କ ସହଯୋଗରେ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ସହଭାଗୀତାରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ତାଇକୋଣ୍ଡୋ ଚାମ୍ପିଅନସିପ୍ ୨୦୨୫-୨୬ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଉତ୍ସାହଜନକ ଭାବେ ଉଦଘାଟିତ ହୋଇଯାଇଛି । ଏହାପରେ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଏ.ଆଇ.ୟୁ ର ଧ୍ୱଜାରୋହଣ କରିଥିବାବେଳେ ସମ୍ମାନୀୟ ଅତିଥି ତଥା ଏ.ଆଇ.ୟୁ ପକ୍ଷରୁ ଯୋଗଦେଇଥିବା ପର୍ଯ୍ୟବେକ୍ଷକ ଡକ୍ଟର ଦୀପକ ସି.ଏସ୍, ଆତିଥ୍ୟ ବିଶ୍ୱବିଦ୍ୟାଳୟ - ଫକୀରମୋହନ ବିଶ୍ୱବିଦ୍ୟାଳୟର ଧ୍ୱଜାରୋହଣ କରିଥିଲେ । କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ଉପସ୍ଥିତ ଅତିଥିମାନଙ୍କ ପରିଚୟ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିବା ସମ୍ମାନୀୟ କୁଳପତି ପ୍ରଫେସର ସନ୍ତୋଷ



କୁମାର ତ୍ରିପାଠୀ ଔପଚାରିକ ଭାବେ ଏହି ଚାମ୍ପିଅନସିପର ଶୁଭାରମ୍ଭ ଘୋଷଣା କରିଥିଲେ । ଏହି ଅବସରରେ ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ନିହାର ରଞ୍ଜନ ରାଉତ ଏବଂ ବିତ୍ତ ନିୟନ୍ତ୍ରକ କରଣ ସୋରେନ ମଧ୍ୟ ତାଙ୍କ ମୂଲ୍ୟବାନ ମତାମତ ରଖି ଖେଳାଳୀମାନଙ୍କୁ ଉତ୍ସାହ ଓ ସମର୍ପଣ ସହ ଜାତୀୟ ସ୍ତରର ଏହି ପ୍ରତିଯୋଗିତାରେ ସ୍ୱକ୍ଷମତା ପ୍ରଦର୍ଶନ କରିବାକୁ ପ୍ରେରିତ କରିଥିଲେ । ଏଥିସହ ଏ.ଆଇ.ୟୁ ର ପର୍ଯ୍ୟବେକ୍ଷକ ଡକ୍ଟର ଦୀପକ ସି.ଏସ୍ (ଆର.ଭି.ୟୁନିଭର୍ସିଟି, ବେଙ୍ଗାଲୁରୁ) ମଧ୍ୟ ଅଂଶଗ୍ରାହୀମାନଙ୍କୁ ସମ୍ବୋଧନ କରି ଏପରି ଏକ ବୃହତ୍ ଜାତୀୟ କ୍ରୀଡ଼ା ଆସରକୁ ସଫଳତାର ସହିତ ଆୟୋଜନ କରିଥିବା ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିଥିଲେ । ଏହି ଚାମ୍ପିଅନସିପରେ ଦେଶର ୨୫ଟି ରାଜ୍ୟରୁ ୧୭୯ଟି ବିଶ୍ୱବିଦ୍ୟାଳୟର ପ୍ରାୟ ୧୦୦୦ରୁ ଅଧିକ ଖେଳାଳୁ ଅଂଶଗ୍ରହଣ କରିଥିବାରୁ ଏହା ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ସବୁଠାରୁ ବୃହତ୍ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା କାର୍ଯ୍ୟକ୍ରମ ମାନଙ୍କ ମଧ୍ୟରେ ସ୍ଥାନିତ ହୋଇଛି । ଶେଷରେ କ୍ରୀଡ଼ା ପରିଷଦର ସହକାରୀ ନିର୍ଦ୍ଦେଶକ ଡ଼କଟର ଅମିତ ଶର୍ମା ଧନ୍ୟବାଦ ଜ୍ଞାପନ କରିଥିଲେ ଏବଂ ଅଂଶଗ୍ରହଣକାରୀ ଦଳମାନଙ୍କର ମାର୍ଚ୍ଚଆଉଟ୍ ସହ ଉଦଘାଟନୀ ଅନୁଷ୍ଠାନର ସମାପନ ହୋଇଥିଲା । ଏହି ପ୍ରତିଯୋଗିତା ଫକୀରମୋହନ ବିଶ୍ୱବିଦ୍ୟାଳୟର ନୂଆପାଢ଼ୀ କ୍ୟାମ୍ପସର ଇଣ୍ଡୋର୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଦୁଇଟି ଭିନ୍ନ ଭେନ୍ୟୁରେ ଆୟୋଜିତ ହେଉଛି ଏବଂ ଏହା ପିଇଓ ଶ୍ରୀ ସଂଗ୍ରାମ ବିଶୋୟୀଙ୍କ ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣରେ ପରିଚାଳିତ ହେଉଅଛି । ଏହି ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ତାଇକୋଣ୍ଡୋ ଚାମ୍ପିଅନସିପ ଆସନ୍ତା ୨୦ ତାରିଖରେ ଶେଷ ହେବ ।


ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod IOS

Download Now:
https://play.google.com/store/app/details/id- com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି